ବର୍ଷ-୨୬, ସଂଖ୍ୟା-୧୯୧
ଭୁବନେଶ୍ୱର
୧୭, ଜୁଲାଇ, ୨୦୨୬, ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 191
Bhubaneswar
17, July, 2026, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଶ୍ରୀଗୁଣ୍ଡିଚା ଅଭିମୁଖେ ଶ୍ରୀଜିଉ

**ପୁରୀ,୧୬।୭(ମହାଭାରତ):** ଘୋଷଯାତ୍ରାରେ ଜଗତ ଠାକୁର। ଭାଇଭଉଣୀଙ୍କୁ ସାଙ୍ଗରେ ଧରି ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଶ୍ରୀଗୁଣ୍ଡିଚା ଅଭିମୁଖେ ଶ୍ରୀଜିଉ। ହେଲେ ନିର୍ଦ୍ଧାରିତ ସମୟରେ ନୀତିକାନ୍ତି ହୋଇଥିଲା। କିନ୍ତୁ ମଣ୍ଡପ ପହଣ୍ଡି ହେବ ନାହିଁ। ଆସନ୍ତା ୧୮ରେ ଶ୍ରୀଜିଉ ଆଡପ ବିଜେ ହେବ।

ଆଜି ପୁରୀରେ ଲଗାଣ ବର୍ଷା ଭକ୍ତଙ୍କ ଉତ୍କଣ୍ଠାକୁ ଫିକା କରି ପାରିନାହିଁ। ଭାବରେ ଭକ୍ତ ଭିଜୁଥିବା

## ଅଧାରେ ଅଟକିଲେ ତିନି ଠାକୁର
## ବର୍ଷା ସତ୍ତ୍ୱେ ଲକ୍ଷାଧିକ ଭକ୍ତଙ୍କ ସମାଗମ

ପହଣ୍ଡି ଆରମ୍ଭରେ ବିଳମ୍ବ ଯୋଗୁ ଶ୍ରୀଗୁଣ୍ଡିଚାରେ ପହଞ୍ଚି ପାରି ନାହାନ୍ତି ବିଶ୍ୱନିୟନ୍ତା। ପ୍ରବଳ ବର୍ଷା ମଧ୍ୟରେ ରଥଟଣା ଅପରାହ୍ନ ୫ଟାରେ ଆରମ୍ଭ ହେଲା। ହେଲେ ବଡ ଠାକୁରଙ୍କ ତାଳଧ୍ୱଜ କେବଳ ମାର୍କେଟ ଛକା ଯାଏ ଗଡି ପାରିଛି। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ମରିଚିକୋଟରେ ଅଟିକିଥିବା ବେଳେ କାଳିଆ ସାଆନ୍ତଙ୍କ ନନ୍ଦିଘୋଷ ସିଂହଦ୍ୱାରରୁ ମାତ୍ର ୨ ହାତ ଗଡି ଅଟକି ଯାଇଛି। ଆସନ୍ତାକାଲି ପୁଣି ରଥଟଣା ହେବ ବୋଲି ପ୍ରଶାସନ କହିଛି। ଆସନ୍ତାକାଲି ସକାଳ ୯.୩୦ରେ ରଥ ଟଣା ହେବ। ସେହିପରି ଆସନ୍ତାକାଲି ଆଡପ ବେଳେ ବର୍ଷାରେ ଭିଜିଥିଲା ପୁରୀ ବଡଦାଣ୍ଡ। ଦୁହାକୁ ଦୁହା ବର୍ଷା ଆଉ ପ୍ରତିକୂଳ ପାଗରେ ବି ଜଗନ୍ନାଥ ଭକ୍ତି ରସରେ ଜଡସଡ ପୁରୀ ଶ୍ରୀକ୍ଷେତ୍ର ଧାମ। ପୁରୀରେ କାଲିଠାରୁ ଲଘୁଚାପ ବର୍ଷା ଜାରି ରହିଥିଲେ ହେଁ ଆଜି କାଳିଆର ଅପୂର୍ବ ଲୀଳା ଦେଖିବାକୁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଛି। ଶ୍ରୀମନ୍ଦିରରେ ଆଜି ସକାଳୁ ଶ୍ରୀଜିଉଙ୍କ ସମସ୍ତ ନୈନ୍ଦିନ ନୀତିକାନ୍ତୀ ସରିବା ପରେ ସକାଳ ଧୂପରେ ଖେଚୁଡି ଭୋଗ ଖାଇ ଜନ୍ମବେଦୀକୁ ବିଜେ ପାଇଁ ପ୍ରସ୍ତୁତ ହୋଇ ସାରିଥିଲେ ଚତୁର୍ଦ୍ଧାମୁର୍ତ୍ତି। ନିର୍ଦ୍ଧାରିତ ସମୟର ଅଧଘଣ୍ଟା ଆଗରୁ ଅର୍ଥାତ ସକାଳ



୯ଟାରୁ ଆରମ୍ଭ ହୋଇଥିଲା ପହଣ୍ଡି ବିଜେ।

ଘଣ୍ଟ, ଘଣ୍ଟା, କାହାଳି ଓ ତୁରୀ ବାଦ୍ୟରେ କମ୍ପିଥିଲା ଚଉଦିଗ। ଏହାରି ଭିତରେ ପ୍ରଥମ ରତ୍ନବେଦୀ ଛାଡି ଝୁଲି ଝୁଲି ଆସିଥିଲେ ଚକ୍ରରାଜ ସୁଦର୍ଶନ। ପରେ ଗୋଟି ପହଣ୍ଡିରେ ଜଣକ ପରେ ଜଣେ ଆସି ରଥାରୁଢ ହୋଇଥିଲେ ବଡଠାକୁର ବଳଭଦ୍ର ଆଉ ଦେବୀ ସୁଭଦ୍ରା।

ସବୁଠାରୁ ଶେଷରେ କଳା ସାଆନ୍ତ ନୀଳକନ୍ଦର ଛାଡିବା ବେଳକୁ ଆଜି ଭକ୍ତଙ୍କୁ ଦେଖାଇଥିଲେ ତାଙ୍କ ଅପୂର୍ବ ଲୀଳାଖେଳା। ସିଂହଦ୍ୱାର ନିକଟରେ ମହାପ୍ରଭୁ ପହଞ୍ଚିଲା ବେଳକୁ ତାଙ୍କ ଟାହିଆ ଖସି ପଡିଥିଲା। ପରେ ସିଂହଦ୍ୱାରରୁ ନନ୍ଦିଘୋଷ ରଥରେ ବିଜେ ହେବା ଯାଏ ବିନା ଟାହିଆରେ ଝୁଲି ଝୁଲି ଆସିଥିଲେ ଭାବ ବିନୋଦିଆ ହଟିଆ ଠାକୁର। ଫଳରେ ଜଗାକୁ ସୁନ୍ଦର ସେ ଟାହିଆର ଅପୂର୍ବ ଦୋଳନ ଦେଖିବାରୁ ଆଜି ବଞ୍ଚିତ ହୋଇଥିଲେ ଅଗଣିତ ଭକ୍ତ। ସେହିପରି କାଳିଆକୁ ରଥରେ ବସାଇବା ପାଇଁ ମଧ୍ୟ ନାକେଦମ ହୋଇଥିଲେ ସେବକ। ସତେ ଯେମିତି କାଳିଆ ରୁଷିଲା ଭଳି ଲାଗିଥିଲା। ମୁହଁକୁ ବାରମ୍ବାର ବୁଲାଇଥିଲେ ମହାପ୍ରଭୁ। ଶେଷରେ ଭକ୍ତଙ୍କ ଡାକରେ ସେ ରଥ ଉପରେ ଚଢ଼ିଥିଲେ। ରଥ ଉପରେ ତିନି ଠାକୁରଙ୍କ ଚିତାଲାଗି ଓ ବେଶ ସରିବା ପରେ ଦର୍ଶନ କରିଥିଲେ ଜଗଦଗୁରୁ ଶଙ୍କରାଚାର୍ଯ୍ୟ। ପରେ ବିଧି ଓ ପରମ୍ପରା ଅନୁସାରେ ଶ୍ରୀନଅରରୁ ସିଂହଦ୍ୱାର ଅଭିମୁଖେ ତାମଯାନରେ ଆସିଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ। ୩ ରଥରେ ଆରମ୍ଭ ହୋଇଥିଲା ସେହି ଅନନ୍ୟ ଛେରାପହଁରା ନୀତି। ଏସବୁ ନୀତିକାନ୍ତି ଭିତରେ କେତେବେଳେ ରଥଟଣା ହେବ ସେଇ ଅପୂର୍ବ ଦୃଶ୍ୟ ଆଉ ଦିବ୍ୟ ମୁହୂର୍ତ୍ତକୁ ଅପଲକ ନୟନରେ ଚାହିଁ ରହିଥିଲେ ଲକ୍ଷ ଲକ୍ଷ ଭକ୍ତ। ବହୁ ଅପେକ୍ଷା ଅନ୍ତ ଘଟିଥିଲା ଅପରାହ୍ଣ ପ୍ରାୟ ୫ଟାରେ ଆସିଥିଲା ସେଇ ବହୁ ପ୍ରତୀକ୍ଷିତ ଅବସର। ଭକ୍ତଙ୍କ ହରିବୋଲ, ହୁଳହୁଳି ନାଦ ଓ ଡାହୁକ ଡାକ ପରେ ପ୍ରଥମେ ଗଡିଥିଲା ବଡ ଭାଇ ବଳଭଦ୍ରଙ୍କ ତାଳଧ୍ୱଜ ରଥ। ଆଉ ତା ପରେ ଭଉଣୀ ସୁଭଦ୍ରା ଓ ଶେଷରେ କଳାଠାକୁରଙ୍କ ନନ୍ଦିଘୋଷ ସନ୍ଧ୍ୟା ୭.୯ରେ ଗଡିଥିଲା। ହେଲେ ମାତ୍ର ଦି' ହାତ ଗଡି ଆଜି ପାଇଁ ରଥଟଣାକୁ ବନ୍ଦ ଘୋଷଣା କରିଥିଲା ପ୍ରଶାସନ।

## ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଦର୍ଶନ କରିବା ମୋର ସୌଭାଗ୍ୟ



**ପୁରୀ,୧୬।୭(ମହାଭାରତ):** ପବିତ୍ର ରଥଯାତ୍ରା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀକ୍ଷେତ୍ର ପୁରୀ ଗସ୍ତ କରି ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ସାମିଲ ହେବା ସହ ଚତୁର୍ଦ୍ଧାମୂରତିଙ୍କ ଦର୍ଶନ କରିଛନ୍ତି। ଏହି ପବିତ୍ର ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ରଥଯାତ୍ରା ସମସ୍ତଙ୍କ ପାଇଁ ଏକ ପବିତ୍ର ଓ ଗୌରବମୟ ଦିନ । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମଗ୍ର ମାନବ ସମାଜକୁ ଏକତାର ସୂତ୍ରରେ ବାନ୍ଧିବାର ଏକ ଅନନ୍ୟ ଗଣପର୍ବ ହେଉଛି ରଥଯାତ୍ରା । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଜଗତର ରକ୍ଷାକର୍ତ୍ତା ଏବଂ ତାଙ୍କର ମହିମା ଅପାର । ଆଜି ପବିତ୍ର ବଡ଼ଦାଣ୍ଡରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଚକ୍ରରାଜ ସୁଦର୍ଶନଙ୍କୁ ଦର୍ଶନ କରିବାର ସୌଭାଗ୍ୟ ମୋତେ ମିଳିଛି । ମୁଁ ମହାପ୍ରଭୁଙ୍କ ନିକଟରେ ସମସ୍ତଙ୍କ ସୁଖ, ସମୃଦ୍ଧି ଓ ମଙ୍ଗଳ କାମନା କରୁଛି। ଏହା ପୂର୍ବରୁ ଶ୍ରୀ ପ୍ରଧାନ ପୁରୀ ଗୋବର୍ଦ୍ଧନ ପୀଠ ପରିଦର୍ଶନ କରିଥିଲେ । ସେଠାରେ ସେ ପୂଜ୍ୟ ଶଙ୍କରାଚାର୍ଯ୍ୟ ଜଗତଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜାଙ୍କୁ ସାକ୍ଷାତ କରି ତାଙ୍କର ସାନ୍ନିଧ୍ୟ ଲାଭ କରିଥିଲେ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଜଗନ୍ନାଥ ସଂସ୍କୃତି ଓ ପରମ୍ପରାରେ ପୁରୀ ଗୋବର୍ଦ୍ଧନ ପୀଠ ହେଉଛି ଆମ ଶ୍ରଦ୍ଧା ଓ ବିଶ୍ୱାସର ଏକ ପ୍ରମୁଖ କେନ୍ଦ୍ର । ପୂଜ୍ୟ ମହାରାଜାଙ୍କ ଅମୂଲ୍ୟ ଜ୍ଞାନ ଓ ମାର୍ଗଦର୍ଶନ ସଦାସର୍ବଦା ମାନବ ସମାଜକୁ ପ୍ରେରିତ ଓ ଆଲୋକିତ କରୁ ବୋଲି କେନ୍ଦ୍ରମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

## ନୂଆଦିଲ୍ଲୀ ହାଉଜଖାସ ମନ୍ଦିରରେ ରଥଯାତ୍ରା

**ନୂଆଦିଲ୍ଲୀ,୧୬।୭(ମହାଭାରତ):** ନୂଆଦିଲ୍ଲୀର ହାଉଜଖାସ ଭିଲେଜ ସ୍ଥିତ ଜଗନ୍ନାଥ ମନ୍ଦିରରେ ଅଠଚାଳିଶ ତମ ରଥଯାତ୍ରା ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ଏହି ପବିତ୍ର ପର୍ବ ଉପଲକ୍ଷେ ସମଗ୍ର ମନ୍ଦିର ପରିସରକୁ ଭବ୍ୟ ଢଙ୍ଗରେ ସଜାଯାଇଥିବା ଦେଖାଯାଇଥିଲା। ମନ୍ଦିରରେ ବଡ଼ି ଭୋରରୁ ମଙ୍ଗଳ ଆଳତି କରାଯିବା ପରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଏବଂ ନୀତିକାନ୍ତି ବିଧି ମୁତାବକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଏହି ମହାପାର୍ବଣରେ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳର ପାଖାପାଖି ଦେଢ ଲକ୍ଷ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତ ସାମିଲ ହୋଇଥିଲେ।

ଚାରି ଠାକୁରଙ୍କର ପହଣ୍ଡି ସାହି ରୋଷଣି କରାଯାଇ ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ସୁସଜ୍ଜିତ ରଥ ଉପରକୁ ନିଆଯାଇଥିଲା। ଏଠାରେ ମୁଖ୍ୟ ଅତିଥି ଦିଲ୍ଲୀର ଉପରାଜ୍ୟପାଳ ତରଣଜିତ୍ ସିଂହ ସାନ୍ଧୁ ପାରମ୍ପରିକ ଢଙ୍ଗରେ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ସମ୍ମାନୀତ ଅତିଥି ଭାବରେ ସାଂସଦ ବାଂଶୁରୀ ସ୍ୱରାଜ, ବିଧାୟକ ସତୀଶ ଉପାଧ୍ୟାୟ, ଅନୀଲ ଶର୍ମା, ପୂର୍ବତନ ବିଧାୟକ ସୋମନାଥ ଭାରତୀ,କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ପତ୍ନୀ ମୃଦୁଳା ପ୍ରଧାନଏବଂ ବରିଷ୍ଠ ସାମ୍ବାଦିକ ତଥା ବଡଖବରର ମୁଖ୍ୟ ସମ୍ପାଦକ ଅର୍ଦ୍ଧେନ୍ଦୁ କୁମାର ଦାସ ଯୋଗ ଦେଇଥିଲେ।

ଅପରାହ୍ଣ ଅଢ଼େଇଟାରେ ରଥଟଣା ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ରଥକୁ ଆନସାରୀ ନଗରକୁ ନିଆଯାଇ ପୁଣି ସନ୍ଧ୍ୟା ସୁଦ୍ଧା ମନ୍ଦିର ବେଢାକୁ ଫେରାଇ ଅଣାଯାଇଥିଲା। ରାତ୍ରିର ବିଳମ୍ବିତ ପ୍ରହରରେ ଠାକୁରମାନଙ୍କୁ ପହଣ୍ଡି କରାଯାଇ ମନ୍ଦିର ବେସମେଂଟରେ ଥିବା ମାଉସୀମା ଘରକୁ ନିଆଯାଇ ସେଠାକାର ସିଂହାସନରେ ଆସୀନ କରାଯାଇଥିଲା। ଆସନ୍ତା ୨୪ ତାରିଖର ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଦିଅଁମାନେ ଏଠାକାର ଆଡ଼ପ ମଣ୍ଡପରେ ପୂଜା ପାଇବେ ବୋଲି ଜଣାଯାଇଛି।ରଥଯାତ୍ରାର ଜୀବନ୍ତ ଧାରା ବିବରଣୀ ଭଗିରଥ ଝା ଓ ଲକ୍ଷ୍ମୀ ନାରାୟଣ ବେବର୍ତା। ପ୍ରଦାନ କରିଥିଲେ।

## ରଥଯାତ୍ରା ଭିଡରେ ୨ ଭକ୍ତଙ୍କ ମୃତ୍ୟୁ

**ପୁରୀ,୧୬।୭(ମହାଭାରତ):** ପୁରୀ ରଥଯାତ୍ରା ବେଳେ ବଡଦାଣ୍ଡରେ ଘଟିଛି ଅଘଟଣ। ଶୃଙ୍ଖଳିତ ରଥଯାତ୍ରା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ସତ୍ତ୍ୱେ ଭିଡ ଭିତରେ ୨ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି। ତେବେ ପ୍ରଶାସନ ପକ୍ଷରୁ ସୁଚାରୁ ରୂପେ ଭିଡ ନିୟନ୍ତ୍ରଣ ହୋଇଥିଲା ଏବଂ କୌଣସି ପ୍ରଭାରର ଦଳାଚକଟା ହୋଇନାହିଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ଅତ୍ୟଧିକ ଭିଡ଼ ଓ ଲଗାତାର ବର୍ଷାକୁ ଦୃଷ୍ଟିରେ ରଖି ଦିନସାରା କ୍ଲାନ୍ତି, ଜଳଶୂନ୍ୟତା, ଶ୍ୱାସରୁଦ୍ଧ ଓ ଅନ୍ୟାନ୍ୟ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟାର କିଛି ଅଘଟଣ ଦେଖାଯାଇଥିଲା। ରଥଯାତ୍ରା ସମୟରେ ସାତଜଣ ଭକ୍ତ ଅସୁସ୍ଥ ହୋଇପଡ଼ିଥିଲେ ଓ ସେମାନଙ୍କୁ ତୁରନ୍ତ ଉଦ୍ଧାର କରି ହସ୍ପିଟାଲକୁ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ୬୦ ବର୍ଷ ଉର୍ଦ୍ଧ୍ୱ ଜଣେ ପୁରୁଷ ଭକ୍ତଙ୍କ ଦୁର୍ଭାଗ୍ୟବଶତଃ ମୃତ୍ୟୁ ଘଟିଥିଲା ଓ ମୃତ୍ୟୁର ସଠିକ କାରଣ ନିର୍ଣ୍ଣୟ ପାଇଁ ପଦକ୍ଷେପ ନିଆଯାଉଛି।ଏହା ସହ ଅନ୍ୟ ଜଣେ ୩୫ ବର୍ଷ ଉର୍ଦ୍ଧ୍ୱ ଜଣେ ପୁରୁଷ ଭକ୍ତ ହୃଦ୍ ଘାତର ଶୀକାର ହୋଇଥିଲେ। ତୁରନ୍ତ ଚିକିତ୍ସା ସତ୍ତ୍ୱେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ସହ ଅନେକ ଭକ୍ତ ଲଗାତାର ବର୍ଷାଜନିତ ଅସୁସ୍ଥତାରେ ପଡ଼ିଥିଲେ, ଯେଉଁମାନଙ୍କୁ ହସ୍ପିଟାଲରେ ଚିକିତ୍ସା ପରେ ଡିସଚାର୍ଜ କରା ଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ବ୍ୟତୀତ ସମଗ୍ର ଭକ୍ତିଭାବ ଓ ସୁସଂଘଟିତ ପ୍ରଶାସନିକ ବ୍ୟବସ୍ଥା ମଧ୍ୟରେ ଭବ୍ୟ ଭାବେ ଆୟୋଜିତ ହୋଇଛି। ଦିନ ତମାମ ଲଗାତାର ବର୍ଷା ଓ ବିପରୀତ ପାଗ ପରିସ୍ଥିତି ସତ୍ତ୍ୱେ ଏହି ଉତ୍ସବରେ ଓଡ଼ିଶା, ଦେଶ ଓ ବିଦେଶରୁ ପ୍ରାୟ ୮ ରୁ ୯ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିଲା



ଉତ୍ସବ ଶାନ୍ତିପୂର୍ଣ୍ଣ, ସୁସଂଘଟିତ ଓ ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ଭିଡ଼ ନିୟନ୍ତ୍ରଣରେ କୌଣସି ବ୍ୟାଘାତ ଘଟିନଥିଲା।

ବିଜ୍ଞପ୍ତିରେ କୁହାଯାଇଛି ମହାପ୍ରଭୁ ଶ୍ରୀଜଗନ୍ନାଥ, ମହାପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କ ବିଶ୍ୱବିଖ୍ୟାତ ରଥଯାତ୍ରା ୨୦୨୬ ଆଜି ପୁରୀରେ ଅତ୍ୟଧିକ ଧାର୍ମିକ ଉତ୍ସାହ, ,ଯାହା ଭକ୍ତମାନଙ୍କର ଅପାର ଆସ୍ଥାର ପ୍ରମାଣ ଅଟେ। ଉତ୍ସବ ସହ ସଂପୃକ୍ତ ସମସ୍ତ ପବିତ୍ର ନୀତି ନିୟମ, ସହିତ ତିନୋଟି ରଥ ଟଣା କାର୍ଯ୍ୟ ସୁଚାରୁ ଭାବେ ଓ ଯୋଜନାନୁଯାୟୀ ସମ୍ପନ୍ନ ହୋଇଛି। ଉତ୍ସବର ସଫଳ ଆୟୋଜନ ପାଇଁ ରାଜ୍ୟ ସରକାର ପକ୍ଷରୁ ବ୍ୟାପକ ଓ ବହୁସ୍ତରୀୟ ବ୍ୟବସ୍ଥା କରାଯାଇଥିଲା।

# ବିପର୍ଯ୍ୟୟ ପରିଚାଳନା ପାଣ୍ଠିର ସ୍ଥିତି ସମୀକ୍ଷା କଲେ ମୁଖ୍ୟ ସଚିବ

**ଭୁବନେଶ୍ୱର,୧୬।୭ (ମହାଭାରତ):** ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ ଅଧୀନରେ ଗଠିତ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି (ଏସଇସି)ର ୨୦୨୬-୨୭ ବର୍ଷର ପ୍ରଥମ ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ରାଜସ୍ୱ ବିଭାଗ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ

ହୋଇଯାଇଛି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ବିଭିନ୍ନ ବିଭାଗର ସଚିବ ତଥା ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ରାଜ୍ୟ ପୁଲିସ୍ ମହା ନିର୍ଦ୍ଦେଶକ ଓ୍ୱାଇ.ବି.ଖୁରାନିଆ ଏବଂ ଅଗ୍ନିଶମ ସେବା ଡିଜି ଡା. ସୁଧାଂଶୁ ଷଡଙ୍ଗୀ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ।

ସ୍ୱତନ୍ତ୍ର ରିଲିଫ୍ କମିଶନର ତଥା ଓସଡମାର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପାଟିଲ କମିଟି ନିକଟରେ ବିଭିନ୍ନ ପ୍ରସ୍ତାବ ଆଲୋଚନା ଓ ଅନୁମୋଦନ ନିମନ୍ତେ ଉପସ୍ଥାପନ କରିଥିଲେ । ରାଜ୍ୟ କାର୍ଯ୍ୟ ନିର୍ବାହୀ କମିଟି ରାଜ୍ୟର ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଯୋଜନା ଓ ନୀତି ପ୍ରଣୟନ, ପ୍ରାକ୍ ପ୍ରସ୍ତୁତି, ତଦାରଖ, ବିଭିନ୍ନ ବିଭାଗ ବ୍ୟବସ୍ଥା, କ୍ଷତି ଆକଳନ ମୂଲ୍ୟାୟନ କରି ବିପର୍ଯ୍ୟୟ ପରିଚାଳନା ଯୋଜନା ଗ୍ରହଣ କରିଥାଏ।

ବୈଠକରେ ରାଜ୍ୟ ବିପର୍ଯ୍ୟୟ ବିପଦ ପରିଚାଳନା ପାଣ୍ଠି (ଏସଡିଆରଏଫ)ର ସ୍ଥିତି ସମୀକ୍ଷା କରାଯାଇଥିଲା। ଆଗାମୀ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭୁବନେଶ୍ୱର ମହାନଗର ନିଗମ ଏବଂ କଟକ ମହାନଗର ନିଗମ ଅଂଚଳରେ ଗ୍ରୀଷ୍ମ ଋତୁରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହର ପ୍ରଭାବ ହ୍ରାସ ପାଇଁ ୧.୭୭ କୋଟି



ଟଙ୍କାର ପ୍ରସ୍ତାବ ଉପରେ ବୈଠକରେ ଆଲୋଚନା କରାଯାଇ ଅନୁମୋଦନ କରାଯାଇଛି । ବିଏମସିରେ ବହୁମୁଖୀ ବିଶ୍ରାମ ସ୍ଥଳ, ବସଷ୍ଟପ୍ ରେ ଭେଟିଭର କୁଲିଂ ମ୍ୟାଟ୍, ସାଲିଆ ସାହିରେ ରିଫ୍ଲେକ୍ଟିଭ୍ ରୁଫ୍ ପେଂଟିଂ, କଟକ ନେତାଜୀ ବସ୍ ଟର୍ମିନାଲ ପ୍ଲାଟଫର୍ମରେ ଭେଟିଭର ରୁଫ୍ ହ୍ୟାଙ୍ଗି ଏବଂ ପାନୀୟ ଜଳ ସୁବିଧା ଭଳି ପ୍ରକଳ୍ପ ଏଣ୍ଡ୍ ରେ ସାମିଲ ରହିଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଜାତୀୟ ବିପର୍ଯ୍ୟୟ ପରିଚାଳନା (ଏନଡିଏମଏ)ଙ୍କ ପ୍ରସ୍ତାବ କ୍ରମେ ଭୁବନେଶ୍ୱର ସହରରେ ସହରାଂଚଳ ବନ୍ୟା ଓ ଜଳବନ୍ଦୀ ସମସ୍ୟାର ଦୀର୍ଘମିଆଦୀ ସମାଧାନ ପାଇଁ ୨୦୦ କୋଟିର (ଏନଡିଏମଏ) କେନ୍ଦ୍ରୀୟ ଅଂଶ ଏବଂ ରାଜ୍ୟ ଅଂଶ ବାବଦକୁ ୯୯.୯୦ କୋଟି ମିଶାଇ ମୋଟ ୨୨୨.୨୦ କୋଟି ପ୍ରସ୍ତାବକୁ ରାଜ୍ୟ କାର୍ଯ୍ୟ ନିର୍ବାହୀ କମିଟିରେ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯାଇ ସବିଶେଷ ଆଲୋଚନା ହୋଇଛି।

ଏଥି ସହିତ ଜଙ୍ଗଲ ନିଆଁ ବିପଦ ପ୍ରଶମନ ପାଇଁ ସଂଶୋଧ ପ୍ରସ୍ତାବ, ଓଡ୍ରାଫ୍ ଓ ଅଗ୍ନିଶମ ସେବାର ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ୀକରଣ, ଅଗ୍ନି ନିରାପତା ପ୍ରଶିକ୍ଷଣ, ଓସଡମାର ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ସୂଚନା ପ୍ରଯୁକ୍ତିଭିତିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଓଡ଼ିଶା ଅଗ୍ନିଶମ ଏବଂ ଜରୁରୀକାଳୀନ ସେବାକୁ ସୁଦୃଢ କରିବା ପାଇଁ ସୂଚନା ସରବରାହ ବ୍ୟବସ୍ଥାରେ ଅଧିକ ଉନ୍ନତି ଆଣିବା ନିମନ୍ତେ ଆବଶ୍ୟକୀୟ ଏଚ୍ଏଫ୍, ଭିଏସ୍ଏଫ୍ ବେସ୍ ସେଟ୍, ଭିଏସ୍ଏଫ୍ ମୋବାଇଲ ସେଟ୍, ଭିସାଟ୍ ସେଟ୍, ସାଟେଲାଇଟ୍ ଫୋନ୍ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଛି ।

ରାଜ୍ୟରେ ବନ୍ୟା-ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ରହିଥିବା ବେଳେ ବିପର୍ଯ୍ୟୟ ପରିଚାଳନାକୁ ତୃଣମୂଳସ୍ତରରେ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟର ୩,୦୦୦ ଅଣ-ବାତ୍ୟା ଆଶ୍ରୟସ୍ଥଳୀ ଗ୍ରାମରେ ଗ୍ରାମସ୍ତରୀୟ ଟାସ୍କଫୋର୍ସ ସ୍ୱେଚ୍ଛାସେବୀ ବାହିନୀ ଗଠନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିଷ୍ପତି ନିଆଯାଇଛି। ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗ ଓ ଜିଲ୍ଲାସ୍ତରରେ ଅନୁମୋଦିତ ପ୍ରକଳ୍ପଗୁଡ଼ିକର ସମୟୋଚିତ ଓ ଗୁଣାତ୍ମକ କାର୍ଯ୍ୟାନ୍ୱୟନ, ନିୟମିତ ତଦାରଖ ଏବଂ ପାଣ୍ଠିର ସ୍ୱଚ୍ଛ ଓ ଫଳପ୍ରଦ ବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ସୁନାମ ବଜାୟ ରଖିବା ସହ ଏକ ସୁରକ୍ଷିତ, ସଚେତନ ଓ ବିପର୍ଯ୍ୟୟ ସହନଶୀଳ ଓଡ଼ିଶା ଗଠନ ଦିଗରେ ସମସ୍ତେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ ।

## ପନୀର ଭୁଜିଆ

ପନୀରକୁ ଶାକାହାରୀ ଭୋଜନରେ ବହୁତ ପସନ୍ଦ କରାଯାଏ । କାରଣ ଯେତେବେଳେ ବି କୌଣସି ସ୍ପେଶାଲ ଡ଼ିସ ପ୍ରସ୍ତୁତ କରାଯାଏ ସେତେବେଳେ ଆଗ ପନୀରକୁ ରଖାଯାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ଝଟପଟ ପସ୍ତୁତ ହେଉଥିବା ମସାଲାଦାର ପନୀର ଭୁଜିଆ ନେଇ ଆସିଛୁ । ତେବେ ଆସନ୍ତୁ ଜାଣିବା ଏହା ବନାଇବାର ପ୍ରସ୍ତୁତି ।

ଆବଶ୍ୟକ ସାମଗ୍ରୀ

ପନୀର-୧୦୦ଗ୍ରାମ,ଟମାଟୋ-୨ଟା,ପିଆଜ-୧ (ଛୋଟ କଟା ହୋଇଥିବା),କଞ୍ଚା ଲଙ୍କା-୨,ଅଦା-ଅଳ୍ପ ପେଶା ହୋଇଥିବା,ରସୁଣ-୨କୋଳା,ସୁଖିଲା ମସଲା,ଜିରା -୧/୪ ଚାମଚ,ହଳଦି-ଚିମୁଟାଏ,ଗରମ ମସଲା-୧/୨ ଚାମଚ,ତେଲ-ଆବଶ୍ୟକ ଅନୁଯାୟୀ,ଲୁଣ-ସ୍ୱାଦାନୁସାରେ

ପ୍ରସ୍ତୁତି ପ୍ରଣାଳୀ:

ସର୍ବ ପ୍ରଥମେ ପନୀରକୁ କଦୁକସ କରିଦିଅନ୍ତୁ । ତାପରେ ତେଲ କିମ୍ୱା ଘିଅ ଗରମ କରନ୍ତୁ । ଏହା ପରେ ଜିରା, ପିଆଜ,କଞ୍ଚା ଲଙ୍କା,ଅଦା ଏବଂ ରସୁଣ ପକାନ୍ତୁ । ଏହା ସୁନେଲୀ ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଟମାଟୋ ପକାଇ ପାଣି ମାରି ଦିଅନ୍ତୁ । ତାପରେ ସୁଖିଲା ମସଲା ପକାଇ ଭାଜନ୍ତୁ ।ଏହା ପରେ ମସଲାରେ ପନୀର ପକାଇ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ପନୀର ଭୁଜିଆ ।



## ଗୀତା ମାହାତ୍ମ୍ୟ: ସ୍ୱଧର୍ମ କଲ୍ୟାଣକର



ଜୀବ ଅନାସକ୍ତ ହୋଇ ଈଶ୍ୱରଙ୍କଠାରେ ସମସ୍ତ କର୍ମ ଅର୍ପଣ କରି କର୍ମ କରିବାକୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପରାମର୍ଶ ଦେବା ସହ ପ୍ରକୃତିର ନୀତି ନିୟମ ଅନୁସାରେ ନିଜ ଧର୍ମ ପାଳନ କରିବାକୁ ଉପଦେଶ ଦେଇଛନ୍ତି । ଯେଉଁ ମଣିଷ ଦୋଷଦୃଷ୍ଟି ରହିତ ହୋଇ ଶ୍ରଦ୍ଧାଯୁକ୍ତ ଓ ଅନାସକ୍ତ ଭାବେ କର୍ମ କରେ ସେ କର୍ମବନ୍ଧନରୁ ମୁକ୍ତି ପାଇ ପାରିବ । କିନ୍ତୁ ଯେଉଁ ମନୁଷ୍ୟ ଈଶ୍ୱରଙ୍କ ଠାରେ ଦୋଷାରୋପ କରି ଅନାସକ୍ତ ଭାବେ କର୍ମ ନକରି କର୍ମଫଳକୁ ଆଖିରେ ରଖି କର୍ମକରନ୍ତି ସେ ବ୍ୟକ୍ତି ନଷ୍ଟ ହୋଇଯାଆନ୍ତି ବୋଲି ଭଗବାନ କହିଛନ୍ତି । ଆସକ୍ତିଯୁକ୍ତ ମନୁଷ୍ୟକୁ ମୂର୍ଖ ଓ ମୂଢ଼ ବୋଲି ମଧ୍ୟ ଭଗବାନ ମତ ଦେଇଛନ୍ତି। ସମସ୍ତ ବ୍ୟକ୍ତି ନିଜ ସ୍ୱଭାବର ବଶବର୍ତ୍ତୀ ହୋଇ କର୍ମ କରନ୍ତି । କିନ୍ତୁ ଜ୍ଞାନବାନ୍ ବ୍ୟକ୍ତିମାନେ ନିଜ ପ୍ରକୃତି ଅନୁସାରେ କର୍ମ କରନ୍ତି । ଇନ୍ଦ୍ରିୟ ମଧ୍ୟରେ ରୋଗ ଓ ଦ୍ୱେଷ ଲୁଚି ରହିଥିବାରୁ ମନୁଷ୍ୟ ଇନ୍ଦ୍ରିୟ କବଳରୁ ମୁକ୍ତ ହେବା ସହ ରୋଗ ତଥା ଦ୍ୱେଷରୁ ମୁକ୍ତ ରହିବା ଆବଶ୍ୟକ । କାରଣ ରୋଗ ଓ ଦ୍ୱେଷ ମନୁଷ୍ୟର କଲ୍ୟାଣମାର୍ଗରେ ବିଘ୍ନ ସୃଷ୍ଟିକରେ ଓ ଏହା ମଣିଷର ବିରାଟ ଶତ୍ରୁ ବୋଲି ଭଗବାନ ଅର୍ଜୁନଙ୍କୁ ଉପଦେଶ ଦେଇଛନ୍ତି । ଏହା ସହ କହିଛନ୍ତି: ସ୍ୱଧର୍ମ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହ ଅର୍ଥାତ୍ ଅନ୍ୟର ଧର୍ମଠାରୁ ନିଜ ଧର୍ମ ଗୁଣରହିତ ହେଲେ ମଧ୍ୟ ସ୍ୱଧର୍ମ ଅଧିକ ମଙ୍ଗଳକାରୀ । ସ୍ୱଧର୍ମ ପାଳନରେ ମୃତ୍ୟୁ ବି କଲ୍ୟାଣକର କିନ୍ତୁ ଅନ୍ୟଧର୍ମ ଭୟାବହ ବା ଭୟଙ୍କର କ୍ଷତିକାରକ ବୋଲି ଭଗବାନ ମତ ଦେଇଛନ୍ତି । ବ୍ୟାଖ୍ୟା କଲେ ଏହା ସ୍ପଷ୍ଟ ଯେ, ନିଜ କର୍ମ ସବୁ ସମୟରେ କଲ୍ୟାଣଜନକ ଓ ଅନ୍ୟର କର୍ମକୁ ଲୋଭ, ମୋହବଶତଃ ଅପଣେଇ ନେବା ଭୟାବହ ବା କ୍ଷତିକାରକ । ଭଗବାନଙ୍କର ଏପରି କଥା ଶୁଣି ଅର୍ଜୁନ ପ୍ରଶ୍ନ କଲେ, ମନୁଷ୍ୟ ସ୍ୱୟଂ ଇଚ୍ଛା ନକରି ବି କାହାଦ୍ୱାରା ପ୍ରେରିତ ହୋଇ ପାପ ଆଚରଣ କରେ ? ଭଗବାନ ଅର୍ଜୁନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଥିଲେ ଯେ, 'ରଜୋଗୁଣରୁ ଉତ୍ପନ୍ନ ହୁଏ କାମ ଓ କ୍ରୋଧ । ଯେତେ ଭୋଗ କଲେ ବି କାମ ବା କାମନାର ବିନାଶ ହୁଏନାହିଁ । ତେଣୁ ଏହି କାମ ବା କାମନା ହିଁ ମଣିଷର ଆଉ ଏକ ବଡ଼ ଶତ୍ରୁ ଅଟେ' । ଏଥିସହ ଭଗବାନ ଅର୍ଜୁନଙ୍କୁ ପୁନର୍ବାର କହିଛନ୍ତି, 'ଅଗ୍ନି ଯେପରି ଧୂଆଁ ଦ୍ୱାରା, ଦର୍ପଣ ଧୂଳି ଦ୍ୱାରା ଓ ଗର୍ଭ ଜରାୟୁ ଦ୍ୱାରା ଆବୃତ ହୋଇ ରହିଥାଏ ସେହିପରି ଜ୍ଞାନ, କାମ ବା କାମନା ଦ୍ୱାରା ଆବୃତ ହୋଇ ରହିଥାଏ' । 'ଇନ୍ଦ୍ରିୟ, ମନ ଓ ବୁଦ୍ଧି କାମର ବାସସ୍ଥାନ ହୋଇଥିବାରୁ ମନ, ବୁଦ୍ଧି ଏବଂ ଇନ୍ଦ୍ରିୟ ଜ୍ଞାନକୁ ଆଚ୍ଛାଦିତ କରି ଜୀବାତ୍ମାକୁ ବିମୋହିତ କରିଥାଏ । ଇନ୍ଦ୍ରିୟ ସ୍ଥୂଳ ଶରୀରଠାରୁ ଶ୍ରେଷ୍ଠ, ବଳବାନ ଓ ସୂକ୍ଷ୍ମ ହୋଇଥିବା ବେଳେ ଇନ୍ଦ୍ରିୟଙ୍କ ଠାରୁ ମନ ଶ୍ରେଷ୍ଠ, ମନ ଠାରୁ ବୁଦ୍ଧି ଶ୍ରେଷ୍ଠ ଏବଂ ବୁଦ୍ଧି ଠାରୁ ଆତ୍ମା ଶ୍ରେଷ୍ଠ ହୋଇଥିବାରୁ ବୁଦ୍ଧି ଦ୍ୱାରା ମନକୁ ବଶ କରି କାମ ବା କାମନା ରୂପକ ଦୁର୍ଜୟ ଶତ୍ରୁକୁ ମାରିଦେବା ଉଚିତ' । ତେଣୁ ଇନ୍ଦ୍ରିୟ ଦ୍ୱାରା ବଶବର୍ତ୍ତୀ ହୋଇ ରହିଥିବା କାମନା, ଆସକ୍ତି, ମନକୁ ଜୟ କରି ନିରାସକ୍ତ ଭାବେ ନିଜ କର୍ତ୍ତବ୍ୟ କରିବାକୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପରାମର୍ଶ ଦେଇଛନ୍ତି ।

## ଶ୍ରୀନାଥ : ଶ୍ରୀକୃଷ୍ଣଙ୍କ ସାକ୍ଷାତ ସ୍ୱରୂପ



୧୬ କଳାରେ ସ୍ୱୟଂସମ୍ପୂର୍ଣ୍ଣ ଭଗବାନ କୃଷ୍ଣଙ୍କ ହଜାର ହଜାର ମନ୍ଦିର ଦେଶର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ । ତେବେ ଏହି ସବୁ ମନ୍ଦିର ମଧ୍ୟରୁ ରାଜସ୍ଥାନ ଓ ଗୁଜରାଟ ସୀମାରେ ଥିବା ଶ୍ରୀନାଥଜୀ ମନ୍ଦିରରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ସ୍ୱରୂପ ପୂଜା ପାଇଥାଏ । ଇନ୍ଦ୍ରଙ୍କ କୋପରୁ ଗୋପପୁରବାସୀଙ୍କୁ ବଞ୍ଚାଇବା ଲାଗି ଶ୍ରୀକୃଷ୍ଣ ଗିରି ଗୋବର୍ଦ୍ଧନ ପର୍ବତ ଉଠାଇଥିଲେ । ଏହି ସମୟରେ ଶ୍ରୀକୃଷ୍ଣଙ୍କ ତେଜରୁ ଗୋବର୍ଦ୍ଧନ ପର୍ବତରେ ତାଙ୍କର ସାକ୍ଷାତ ମୂର୍ତ୍ତି ସୃଷ୍ଟି ହୋଇଥିଲା । ଏହି ମୂର୍ତ୍ତି ଶ୍ରୀନାଥଜୀ ମନ୍ଦିରରେ ପୂଜା ପାଇଥାଏ । ଏହି ମୂର୍ତ୍ତିଟି ପୂର୍ବରୁ ଅସମ୍ପୂର୍ଣ୍ଣ ରହିଥିଲା । ମଧ୍ୟଯୁଗର ଭକ୍ତିକାଳରେ ସନ୍ଥ ବଲ୍ଲଭଚାର୍ଯ୍ୟଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ କୃଷ୍ଣ ନିଜ ମୂର୍ତ୍ତିକୁ ସମ୍ପୂର୍ଣ୍ଣ କରିଥିଲେ । ସେବେଠାରୁ ଏଠାରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ତଥା ସମ୍ପୂର୍ଣ୍ଣ ମୂର୍ତ୍ତି ପୂଜା ପାଉଛି । ମୋଗଲ୍ ସମ୍ରାଟ ଆଉରଙ୍ଗଜେବ୍‌ଙ୍କ ଆକ୍ରମଣ ସମୟରେ ଭଗବାନ କୃଷ୍ଣଙ୍କ ମୂର୍ତ୍ତିକୁ ମେୱାର୍‌ର ଶୀହାଦ୍ ଗ୍ରାମରେ ଏକ ଖାଲ ମଧ୍ୟରେ ଲୁଚାଇ ଦିଆଯାଇଥିଲା । ମହାରାଣା ସଂଗ୍ରାମ ସିଂ ନିଜର ୨ହଜାର ସୈନ୍ୟଙ୍କୁ ପଠାଇ ମୂର୍ତ୍ତିକୁ ସୁରକ୍ଷା ଦେଇଥିଲେ । ଏହାପରେ ଆଉରଙ୍ଗଜେବ୍‌ଙ୍କ ସୈନ୍ୟ ଫେରିଯାଇଥିଲେ । ଏବେ ସେହିସ୍ଥାନରେ ହିଁ ଶ୍ରୀନାଥଜୀଙ୍କ ମନ୍ଦିର ପୂଜା ପାଉଛି । ବର୍ତ୍ତମାନ ଶ୍ରୀନାଥଜୀଙ୍କ ମନ୍ଦିର ରାଜସ୍ଥାନର ଉଦୟପୁର ଠାରୁ ୪୮ କିଲୋମିଟର୍ ଦୂର ନାଥଦ୍ୱାର ନାମକ ସ୍ଥାନରେ ରହିଛି ।

## ପରିବାରରେ ହସଖୁସି ବଜାୟ ରଖେ ଏହି ଉପାୟ



ଅନେକଙ୍କ ଘରେ କିଛି ନା କିଛି କାରଣରୁ ହେଉ ଅଥବା କଥାକୁ ନେଇ ଅଧିକାଂଶ ସମୟରେ କଳହ ହେଉଥିବା ଦେଖାଯାଏ। ଯାହା ଅନେକ ସମୟରେ ସମସ୍ୟା ସୃଷ୍ଟି କରିଥାଏ। ସଭିଏଁ ଇଚ୍ଛା କରିଥାଆନ୍ତି ତାଙ୍କ ଘରେ ସର୍ବଦା ହସଖୁସିର ବାତାବରଣ ରହୁ। ସଦସ୍ୟଙ୍କ ମଧ୍ୟରେ ମଧୁର ସମ୍ପର୍କ ରହୁ। ଜାଣନ୍ତୁ ୫ଟି ସରଳ ଓ ସହଜ ଉପାୟ ଯାହା ପରିବାର ସଦସ୍ୟଙ୍କ ମଧ୍ୟରେ ଶାନ୍ତି ଓ ଭଲପାଇବା ବୃଦ୍ଧି କରିଥାଏ।

୧- ଘରର ବାତାବରଣକୁ ଶକ୍ତିମୟ କରିବା ପାଇଁ ୧ କପ ଖିରରେ କିଛି ମିଠା ମିଶାଇ ବରଗଛ ମୂଳରେ ପ୍ରତିଦିନ ଅର୍ପଣ କରନ୍ତୁ। ସେହି ସ୍ଥାନର କିଛି ମାଟି ନେଇ ମଥାରେ ଲଗାନ୍ତୁ। ଏହାକୁ ସୋମବାର ରୁ ଶୁକ୍ରବାର ନିୟମିତ ୪୩ ଦିନ ଯାଏଁ କରନ୍ତୁ। ଏହା ଖୁବ ଶୁଭଫଳ ପ୍ରଦାନ କରିଥାଏ।

୨- ସୂର୍ଯ୍ୟାସ୍ତ ପରେ ମଙ୍ଗଳବାର ଦିନ ଅସହାୟଙ୍କୁ ସୁଜି ହାଲୱା ଖାଇବାକୁ ଦିଅନ୍ତୁ।

୩- ଶୁଭ ମୂହୁର୍ତ୍ତରେ ଶ୍ରୀଯନ୍ତ୍ରକୁ ଘରକୁ ଆଣି ରଖନ୍ତୁ। ଏହାକୁ ପ୍ରତିଦିନ ଦର୍ଶନ କରନ୍ତୁ।

୪- ଗୁରୁବାର ଓ ରବିବାର ଦିନ ଗୁଡ଼ ଓ ଘିଅ ମିଶାଇ ଅଗ୍ନିରେ ସମର୍ପଣ କରନ୍ତୁ। ଏହାଦ୍ୱାରା ଘରେ କଳହ ଦୂର ହୋଇଥାଏ।

୫- ପ୍ରଭୁ ଶିବଶଙ୍କର ପୂଜା ନିୟମିତ କରନ୍ତୁ।

## କର୍ମ ତ୍ୟାଗ କରିଥିବା ବ୍ୟକ୍ତି ଯୋଗୀ ନୁହନ୍ତି



କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଅର୍ଜୁନଙ୍କ ବିଷାଦ ଦୂର କରିବା ପାଇଁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କର୍ମସନ୍ନ୍ୟାସ ଯୋଗ ସମ୍ପର୍କରେ ବୁଝାଇବା ପରେ ବି ଅର୍ଜୁନଙ୍କ ବିଷାଦ ଦୂର ହୋଇନାହିଁ । ଏହାପରେ ଭଗବାନ ତାଙ୍କୁ ଆତ୍ମସଂଯମଯୋଗ ସମ୍ପର୍କରେ ବୁଝାଇବାକୁ ଚାହିଁଛନ୍ତି । କହିଛନ୍ତି, 'ଯେଉଁ ପୁରୁଷ କର୍ମଫଳକୁ ଆଶ୍ରୟ ନକରି ନିର୍ଦ୍ଧାରିତ କର୍ମ କରନ୍ତି ସେ ସନ୍ନ୍ୟାସୀ ଓ ଯୋଗୀ ଅଟନ୍ତି । କେବଳ ଅଗ୍ନି ତ୍ୟାଗ କରିଥିବା ବ୍ୟକ୍ତି ସନ୍ୟାସୀ ନୁହଁନ୍ତି କି କର୍ମ ତ୍ୟାଗ କରିଥିବା ବ୍ୟକ୍ତି ଯୋଗୀ ନୁହନ୍ତି । ସଂକଳ୍ପ ତ୍ୟାଗ କରିନଥିବା କୌଣସି ବି ପୁରୁଷ ଯୋଗୀ ହୋଇପାରେ ନାହିଁ । କିନ୍ତୁ ଯେଉଁମାନେ ନିଷ୍କାମ ଭାବରେ କର୍ମ କରି ଚାଲନ୍ତି ସେମାନେ ଯୋଗାରୁଢ଼ । ଆଉ କୌଣସି ବ୍ୟକ୍ତି ଯୋଗାରୂଢ ହୋଇଯିବା ପରେ ତାଙ୍କ ମନରେ ସର୍ବସଂକଳ୍ପ ଶୂନ୍ୟତା ଆସିଥାଏ ଏବଂ ତାହା ତାଙ୍କ ପାଇଁ କଲ୍ୟାଣକର ହୋଇଥାଏ । ଏହି ଯୋଗାରୂଢ ପୁରୁଷମାନେ ଇନ୍ଦ୍ରିୟଭୋଗ ଓ କର୍ମମାନଙ୍କରେ ଆସକ୍ତ ହୁଅନ୍ତି ନାହିଁ ।' ଏହାସହ ଭଗବାନ ମଧ୍ୟ କହିଛନ୍ତି ଯେ, 'ମନୁଷ୍ୟ ନିଜକୁ ନିଜେ ଅଧାଗତିରେ ନପାକାଇ ସଂସାର ସାଗରରୁ ଉଦ୍ଧାର କରିବା ଉଚିତ । କାରଣ ସେ ନିଜେ ନିଜର ମିତ୍ର ଓ ନିଜେ ନିଜର ଶତ୍ରୁ ଅଟେ । ଯେଉଁ ଜୀବାତ୍ମା ମନ, ଇନ୍ଦ୍ରିୟ ସହିତ ଶରୀରକୁ ଜୟ କରିପାରିଛି ସେ ନିଜର ମିତ୍ର ଓ ଯେଉଁ ଜୀବାତ୍ମା ମନ, ଇନ୍ଦ୍ରିୟ ତଥା ଶରୀରକୁ ଜୟ କରିପାରି ନାହିଁ ସେ ନିଜର ଶତ୍ରୁ ପରି ଆଚରଣ କରେ । ସେହିପରି ଶୀତ-ଉଷ୍ମ, ସୁଖ-ଦୁଃଖ ଓ ମାନ-ଅପମାନରେ ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ଶାନ୍ତ ରହନ୍ତି ସେହି ସ୍ୱାଧୀନ-ଆତ୍ମବିଶିଷ୍ଟ ପୁରୁଷଙ୍କ ନିକଟରେ ପରମାତ୍ମା ଅବସ୍ଥାନ କରନ୍ତି ଏବଂ ତାଙ୍କ ଜ୍ଞାନରେ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ରହେନାହିଁ । ଯାହାଙ୍କ ଅନ୍ତଃକରଣ ଈଶ୍ୱରଙ୍କ ଜ୍ଞାନରେ ତୃପ୍ତ, ଯାହାଙ୍କ ସ୍ଥିତି ବିକାର ଶୂନ୍ୟ ଓ ଯାହାଙ୍କ ଇନ୍ଦ୍ରିୟମାନେ ସମ୍ପୂର୍ଣ୍ଣ ବଶୀଭୂତ ହୋଇଯାଇଛନ୍ତି ତାଙ୍କ ପାଇଁ ମାଟି, ପଥର, ସୁନା ସମାନ ହୋଇଥାଏ ତାଙ୍କର ଭଗବତପ୍ରାପ୍ତ ଯୋଗ ହୋଇଥାଏ । ସେହିପରି ସୁହୃଦ(ସ୍ୱାର୍ଥରହିତ ହୋଇ ସମସ୍ତଙ୍କ ହିତ କରୁଥିବା ବ୍ୟକ୍ତି), ମିତ୍ର, ଶତୃ, ଉଦାସୀନ(ପକ୍ଷପାତ ରହିତ ବ୍ୟକ୍ତି), ମଧ୍ୟସ୍ଥ (ଉଭୟ ପକ୍ଷର ମଙ୍ଗଳକାମୀ), ବନ୍ଧୁଗଣ, ଧର୍ମାତ୍ମା, ପାପୀଙ୍କ ଠାରେ ସମାନ ଭାବ ରଖୁଥିବା ବ୍ୟକ୍ତି ସଂସାରରେ ଶ୍ରେଷ୍ଠ ବୋଲି ମଧ୍ୟ ଭଗବାନ ଅର୍ଜୁନଙ୍କୁ ବୁଝାଇଛନ୍ତି । ଯୋଗ କିପରି କରାଯାଏ ସେ ସମ୍ପର୍କରେ ବୁଝାଇବାକୁ ଯାଇ ଭଗବାନ କହିଛନ୍ତି ଯେ, 'ମନ ଓ ଇନ୍ଦ୍ରିୟମାନଙ୍କ ସହିତ ଶରୀରକୁ ବଶ କରି ରଖିଥିବା, ଆଶାରହିତ ଓ ସଂଗ୍ରହ-ଇଚ୍ଛାଶୂନ୍ୟ ଯୋଗୀ ଏକାନ୍ତରେ ରହି ଆତ୍ମାକୁ ନିରନ୍ତର ଭାବରେ ପରମାତ୍ମା ପ୍ରାପ୍ତି ପାଇଁ ଲଗାଇବା ଉଚିତ । ଶୁଦ୍ଧଭୂମି ଉପରେ କ୍ରମଶଃ କୁଶଃ ପକାଇ, କୁଶଃ ଉପରେ ମୃଗଚର୍ମ ଓ ତା'ଉପରେ ବସ୍ତ୍ର ବିଛାଇ ଅତି ଉଚ୍ଚ ବା ନିଚା ନକରି ସେହି ଆସନ ଉପରେ ବସି, ଚିତ୍ତ ଓ ଇନ୍ଦ୍ରିୟମାନଙ୍କୁ ନିୟନ୍ତ୍ରଣ କରି, ମନକୁ ଏକାଗ୍ର କରି ଅନ୍ତଃକରଣ ଶୁଦ୍ଧି ପାଇଁ ଯୋଗାଭ୍ୟାସ କରିବା ଉଚିତ । ଯୋଗାଭ୍ୟାସ ସମୟରେ ଶରୀର, ଶୀର ଏବଂ ଗ୍ରୀବା ସଳଖ ଓ ଅଚଳ ରଖି ଏବଂ ସ୍ଥିର ହୋଇ, ନିଜ ନାସିକାର ଅଗ୍ରଭାଗରେ ଦୃଷ୍ଟି ନିବଦ୍ଧ କରି ଅନ୍ୟଆଡ଼େ ନଚାହିଁ ବ୍ରହ୍ମଚର୍ଯ୍ୟବ୍ରତରେ ରହି, ଭୟରହିତ ହୋଇ ଶାନ୍ତ ଭାବରେ ମନ ସଂଯତ କରି ଈଶ୍ୱର(ମୋତେ)ଙ୍କ ଧ୍ୟାନ କରିଲେ ଈଶ୍ୱରପ୍ରାପ୍ତ ହୁଅନ୍ତି ।'

## ବର୍ଷା ଦିନେ ହାତ-ଗୋଡ଼ ଯନ୍ତ୍ରଣା ହେଉଥିଲେ ଆପଣାନ୍ତୁ ଏହି ସବୁ ଖାଦ୍ୟ



ବର୍ଷା ଓ ଶୀତ ଦିନରେ ହାତ ଏବଂ ଗୋଡ଼ରେ ଯନ୍ତ୍ରଣା ବଢି ଯାଇଥାଏ। କମ୍ ବୟସର ଲୋକଙ୍କ କ୍ଷେତ୍ରରେ ମଧ୍ୟ ଏହି ସମସ୍ୟା ଦେଖିବାକୁ ମିଳୁଛି। ଏହାର ମୁଖ୍ୟ କାରଣ ହେଉଛି ଭିଟାମିନ୍ ଡି ଏବଂ କ୍ୟାଲସିୟମର ଅଭାବ। ଏହି ଦୁଇ ଉପାଦାନରୁ ଅଭାବରୁ ଗଣ୍ଠି ଯନ୍ତଣ ସାଙ୍ଗକୁ ହାତ ଓ ଗୋଡ଼ରେ ଦରଜ ହୋଇଥାଏୟ। ତେବେ କେଉଁ ଖାଦ୍ୟ ଖାଇବା ଦ୍ୱାରା ଏହି ସମସ୍ୟାକୁ ଦୂର କରିପାରିବେ, ଜାଣନ୍ତୁ... ଭିଟାମିନ୍ ଡି ଏବଂ କ୍ୟାଲସିୟମ୍ ଭରପୂର ଖାଦ୍ୟ

କ୍ଷୀର ଏବଂ ଅନ୍ୟାନ୍ୟ ଦୁଗ୍ଧଜାତ ଦ୍ରବ୍ୟ- ଶରୀରକୁ ସୁସ୍ଥ ରଖିବା ପାଇଁ କ୍ଷୀର ସର୍ବୋତ୍ତମୟ କ୍ଷୀରରେ କ୍ୟାଲସିୟମ ଏବଂ ଭିଟାମିନ୍ ଡି ପ୍ରଚୁର ପରିମାଣରେ ମିଳିଥାଏ। ଗାଈ କ୍ଷୀରରେ ଭିଟାମିନ୍ ଡି ଭରପୂର ମାତ୍ରାରେ ଥାଏ। ଫଳ ଏବଂ କମଳା- କମଳାରୁ କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି ମିଳିଥାଏୟ। ଦୈନିକ ଗୋଟିଏ କିମ୍ୱା ଦୁଇଟି କମଳା ଖାଇବା ଦ୍ୱାରା ହାତ ଗୋଡ ଯନ୍ତ୍ରଣା ଦୂର ହୋଇପାରିବ। ଏହା ବ୍ୟତୀତ ଅନ୍ୟାନ୍ୟ ଫଳ ଜୁସ୍ ମଧ୍ୟ ପିଇପାରିବେ। ସବୁଜ ପତ୍ରଯୁକ୍ତ ପନିପରିବା- ଫାଷ୍ଟ୍ ଫୁଡ୍ ଏବଂ ଅନ୍ୟାନ୍ୟ ପ୍ରୋସେସ୍ଡ ଫୁଡକ୍ ବାଦ୍ ଦେଇ ଡାଏଟରେ ସବୁଜ ପତ୍ରଯୁକ୍ତ ପନିପରିବାକୁ ଅନ୍ତର୍ଭୁକ୍ତ କରନ୍ତ। ଏହା ଶରୀରକୁ କ୍ୟାଲସିୟମ, ଆଇରନ୍ ଏବଂ ଭିଟାମିନ୍ ଡି ଭଳି ଅତ୍ୟାବଶ୍ୟକ ପୋଷକ ତ☐ ଯୋଗାଇଥାଏ। ଅସ୍ଥି ଯନ୍ତ୍ରଣାର ସମସ୍ୟା ଏବଂ ଶରୀରକୁ ସୁସ୍ଥ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ ସବୁଜ ପତ୍ରଯୁକ୍ତ ପନିପରିବା। ସୋୟାବିନ୍- ବିଶେଷ କରି ଶାକାହାରୀ ବ୍ୟକ୍ତିଙ୍କର କ୍ୟାଲସିୟମ ଅଭାବ ଦେଖାଯାଏୟ ସେମାନଙ୍କ ପାଇଁ ସୋୟାବିନକୁ ସର୍ବୋତ୍ତମ ଭାବେ ବିବେଚନା କରାଯାଏୟ ଏଥିରୁ ଭିଟାମିନ୍ ଡି ମଧ୍ୟ ଭରପୂର ପରିମାଣରେ ମିଳିଥାଏୟ ଏହା ବ୍ୟତୀତ ଡ୍ରାଏ ଫ୍ରୁଟ୍ସ ଏବଂ ସିଡ୍ସ ମଧ୍ୟ ଖାଇପାରିବେୟ। ଅଣ୍ଡା- ଅଣ୍ଡା ହେଉଛି ପ୍ରୋଟିନର ଗନ୍ତାଘର। ଏହା ବ୍ୟତୀତ ଭିଟାମିନ୍ ବି୧୨, କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି ମଧ୍ୟ ଅଣ୍ଡାରୁ ମିଳିଥାଏୟ ଅଣ୍ଡା ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ। ପ୍ରତ୍ୟେହ ଗୋଟିଏ କିମ୍ୱା ଦୁଇଟି ଅଣ୍ଡା ଖାଇବା ଦ୍ୱାରା କ୍ୟାଲସିୟମ ଏବଂ ଭିଟାମିନ୍ ଡିର ଅଭାବ ଦୂର ହୋଇପାରିବ।

# ଓଏଏସ୍ ପ୍ରଶିକ୍ଷାର୍ଥୀଙ୍କ ସହିତ ଭାବ ବିନିମୟ କଲେ ରାଜ୍ୟପାଳ



ଭୁବନେଶ୍ୱର,୧୬।୭ (ମହାଭାରତ): ଲୋକଭବନ ଭୁବନେଶ୍ୱରସ୍ଥିତ ଅଭିଷେକ ହଲ ଠାରେ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ୨୦୨୩ ବ୍ୟାଚର ଓଡ଼ିଶା ପ୍ରଶାସନିକ ସେବା ପ୍ରଶିକ୍ଷାର୍ଥୀଙ୍କ ସହିତ ଭାବ ବିନିମୟ କରିଛନ୍ତି । ଏହି ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ବିଶଦ ଭାବେ ଜ୍ଞାନ ଅର୍ଜନ କରି ସରକାର ଏବଂ ନାଗରିକଙ୍କ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟ କରି ଉନ୍ନତ ସେବା ପ୍ରଦାନ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ, ଅଧିକାରୀମାନେ ତୃଣମୂଳସ୍ତରର ବାସ୍ତବତା ବିଷୟରେ ସ୍ପଷ୍ଟ ଧାରଣା ରଖିବା ଉଚିତ। କଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକର ସଠିକ ରୂପାୟନ ଏବଂ ଏଥିରେ ଯୋଗ୍ୟ ହିତାଧିକାରୀଙ୍କ ଅନ୍ତର୍ଭୁକ୍ତିକୁ ସୁନିଶ୍ଚିତ କରିବା ପାଇଁ ଏହି ଜ୍ଞାନ ଅତ୍ୟନ୍ତ ଜରୁରୀ। ଆଲୋଚନା ସମୟରେ ରାଜ୍ୟପାଳ ପ୍ରଶିକ୍ଷାର୍ଥୀଙ୍କୁ ପିଏମ୍ଏସ୍‌ବିୱାଇ, ପିଏମ୍‌ଜେଜେବିୱାଇ ଏବଂ ପିଏମ୍ ସୂର୍ଯ୍ୟ ଘର: ମୁକ୍ତ ବିଜୁଳି ଯୋଜନା ଭଳି ପ୍ରମୁଖ ଯୋଜନାଗୁଡ଼ିକ ବିଷୟରେ ଅବଗତ ହେବାକୁ ପରାମର୍ଶ ଦେଇଥିଲେ। ସଚେତନ ଏବଂ ସକ୍ରିୟ ଅଧିକାରୀମାନେ ଲୋକ ସେବା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ରାଜ୍ୟପାଳ କହିଥିଲେ । ଏଥି ସହ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ନିଜକୁ ପଞ୍ଜିକୃତ କରାଇବା ସହିତ ଏହି ଯୋଜନାଗୁଡ଼ିକର ବ୍ୟାପକ ପ୍ରଚାର ପ୍ରସାର କରିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

ସମ୍ପ୍ରତି ବିଶ୍ୱ ଅର୍ଥନୈତିକ ପ୍ରତିବନ୍ଧକଗୁଡ଼ିକ ଉପରେ ଉଲ୍ଲେଖ କରି ରାଜ୍ୟପାଳ ପଶ୍ଚିମ ଏସିଆରେ ଭୂ-ରାଜନୈତିକ ଉତ୍ତେଜନା ଏବଂ ଦେଶର ଅଶୋଧିତ ତୈଳ ଆମଦାନି କ୍ଷେତ୍ରରେ ମାତ୍ରାଧିକ ନିର୍ଭରଶୀଳତାରୁ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ପଡୁଥିବା ପ୍ରଭାବ ବିଷୟରେ ଆଲୋକପାତ କରିଥିଲେ। ବ୍ୟକ୍ତିଗତ ସ୍ତରରେ ଆଚରଣ ପରିବର୍ତ୍ତନ, ବିଶେଷ କରି ପେଟ୍ରୋଲ ଏବଂ ଡିଜେଲ ଯାନ ବଦଳରେ କ୍ରମଶଃ ଇଲେକ୍ଟ୍ରିକ ଯାନ ବ୍ୟବହାରକୁ ଉତ୍ସାହିତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସ୍ୱଚ୍ଛ ଗତିଶୀଳତାକୁ ନବୀକରଣଯୋଗ୍ୟ ଶକ୍ତି ସହ ଯୋଡ଼ି ରାଜ୍ୟପାଳ ପିଏମ୍ ସୂର୍ଯ୍ୟ ଘର ଯୋଜନାର ଗୁରୁତ୍ୱ ଏବଂ ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନ ସହ ଇଭି ଚାର୍ଜିଙ୍ଗ୍ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଲୋକ ଭବନ 'ସବୁଜ ପ୍ରମାଣପତ୍ର' (ଗ୍ରୀନ ସାର୍ଟିଫିକେସନ) ହାସଲ ଦିଗରେ ଅଗ୍ରସର ହେଉଥିବାର ପ୍ରସଙ୍ଗ ରାଜ୍ୟପାଳ ପ୍ରଶିକ୍ଷାର୍ଥୀମାନଙ୍କୁ କହିଥିଲେ। କୋଭିଡ୍-୧୯ ମହାମାରୀ ସମୟ ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଆତ୍ମନିର୍ଭରତା, ଉଦ୍ଭାବନ ଏବଂ ଡିଜିଟାଲ୍ ରୂପାନ୍ତରଣ ମାଧ୍ୟମରେ ଦେଶ ଆହ୍ୱାନକୁ ସୁଯୋଗରେ ପରିଣତ କରିଥିଲା। ଅନାବଶ୍ୟକ ଭାବେ ସୁନା କ୍ରୟ, ବିଦେଶ ଯାତ୍ରା ଏବଂ ଖାଦ୍ୟ ତୈଳ ବ୍ୟବହାର ହ୍ରାସ ଇତ୍ୟାଦି କ୍ଷେତ୍ରରେ ଖର୍ଚ୍ଚ ନିୟନ୍ତ୍ରଣ କରି ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ଚାପ କମ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଗୋପବନ୍ଧୁ ଏକାଡେମୀ ଅଫ ଆଡମିନିଷ୍ଟ୍ରେସନର ଉପ ମହାନିର୍ଦ୍ଦେଶକ ଡଃ ମୋନାଲିସା ଲେଙ୍କା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପ୍ରଶିକ୍ଷାର୍ଥୀଙ୍କ ତାଲିମ କାର୍ଯ୍ୟକ୍ରମର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ମାର୍ଗଦର୍ଶିକା ଉନ୍ମୋଚିତ




ଭୁବନେଶ୍ୱର,୧୬।୭ (ମହାଭାରତ): ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନଠାରେ ମଙ୍ଗଳବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଆନୁଷ୍ଠାନିକ ଭାବେ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୬-୨୭'ର ମାର୍ଗଦର୍ଶିକା ଉନ୍ମୋଚନ କରିଛନ୍ତି। ଗଣମାଧ୍ୟମକୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଯୋଜନା ଆରମ୍ଭ ହେବା ଦିନଠାରୁ ଏପର୍ଯ୍ୟନ୍ତ ୪୫,୫୫୫ ରୁ ଅଧିକ ବରିଷ୍ଠ ନାଗରିକ ଏହି 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ର ଲାଭ ଉଠାଇ ଭାରତର ବିଭିନ୍ନ ପ୍ରସିଦ୍ଧ ତୀର୍ଥସ୍ଥଳୀ ଦର୍ଶନ କରିସାରିଛନ୍ତି। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୬-୨୭ ଅଧୀନରେ ଆସନ୍ତା ୧୫ ଜୁଲାଇ ୨୦୨୬ରୁ ୧୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଖୋଲା ରହିବ। ଯୋଗ୍ୟ ବରିଷ୍ଠ ନାଗରିକମାନେ ୱେବସାଇଟ୍ ଯାତ୍ରା.ଓଡ଼ିଶା.ଜିଓଭି.ଇନ୍ ମାଧ୍ୟମରେ ଅନଲାଇନରେ କିମ୍ବା ମାର୍ଗଦର୍ଶିକା ଅନୁଯାୟୀ ନିର୍ଦ୍ଧାରିତ ଅଫଲାଇନ୍ ମୋଡ୍ ମାଧ୍ୟମରେ ସେମାନଙ୍କର ଆବେଦନ ପତ୍ର ଦାଖଲ କରିପାରିବେ। ଏହି ମାର୍ଗଦର୍ଶିକାରେ ଯୋଜନାର ଯୋଗ୍ୟତା ମାପଦଣ୍ଡ, ଆବେଦନ ପ୍ରକ୍ରିୟା, ଚୟନ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପର୍ଯ୍ୟଟନ ବିଭାଗର କମିଶନର-ତଥା-ଶାସନ ସଚିବ ବଲୱନ୍ତ ସିଂ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଆଇଆରସିଟିସି ଭୁବନେଶ୍ୱରର ଆଂଚଳିକ ପ୍ରବନ୍ଧକ ଅନୁଜ ଦତ୍ତଙ୍କ ସମେତ ଆଇଆରସିଟିସି ଏବଂ ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଓଡ଼ିଶା ଯୁବ ଜନତା କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୧୬।୭ (ମହାଭାରତ): ରାଜ୍ୟ ସରକାରଙ୍କର ୨ ବର୍ଷର ବିଫଳ ଶାସନ ବିରୁଦ୍ଧରେ ଓଡ଼ିଶା ଯୁବ ଜନତା କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କାଙ୍କ ନେତୃତ୍ୱରେ ସୋମବାର ଭୁବନେଶ୍ୱରର




ଖାରବେଳନଗର ଠାରୁ ମାଷ୍ଟରକ୍ୟାଂଟିନ ପର୍ଯ୍ୟନ୍ତ ବିଶାଳ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରାରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ସଭାପତି ଇଂ ମହମ୍ମଦ ମୋକିମ୍ ଯୋଗଦେବା ସହିତ ଅନେକ ଯୁବ ନେତା, ରାଜ୍ୟ ନେତୃତ୍ୱ ଓ ହଜାର ହଜାର ଯୁବ କର୍ମୀ ଯୋଗ ଦେଇଥିଲେ। ଏହି ପ୍ରତିବାଦ ଶୋଭାଯାତ୍ରାରେ ଓଜେସି ସଭାପତି ଶ୍ରୀ ମୋକିମ୍ ଯୋଗଦାନ କରି ସରକାରଙ୍କ ଦୁଇ ବର୍ଷର ବିଫଳତା ସଂପର୍କରେ କହିଥିଲେ ଯେ, ରାଜ୍ୟରେ ଏକ ପ୍ରଶାସନିକ ସ୍ଥାଣୁତା ଦେଖାଦେଇଛି। ରାଜ୍ୟ କ୍ୟାବିନେଟର କାର୍ଯ୍ୟ କରିବାରେ କୌଣସି ତାଳମେଳ ନାହିଁ ଏବଂ ଏକଥା ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ବକ୍ତବ୍ୟରୁ ସ୍ପଷ୍ଟ ଅନୁମେୟ। ଡବଲ ଇଞ୍ଜିନ ସରକାର ଦୁଇ ବର୍ଷ ଭିତରେ ଓଡ଼ିଶାକୁ ଏପରି ଏକ ଅରାଜକତା ଭିତରକୁ ଠେଲି ଦେଇଛନ୍ତି, ଯେଉଁଠାରେ ଭିଡ଼ହିଂସା, ହାଜତ ମୃତ୍ୟୁ, ମହିଳାମାନଙ୍କ ଉପରେ ଅତ୍ୟାଚାର, କମ୍ପାନୀପ୍ରିତି ପାଇଁ ଆଦିବାସୀଙ୍କ ଜଳ, ଜଙ୍ଗଲ, ଜମିକୁ ଲୁଟତରାଜ, ଦଳିତଙ୍କୁ ଶୋଷଣ, ଚାଷୀଙ୍କୁ ମରଣ ମୁହଁକୁ ଠେଲିଦେବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ସରକାର ଏତେ ଅପାରଗ ଯେ, ସ୍କୁଲ୍ ପିଲାଙ୍କୁ ପାଠପଢ଼ିବା ପାଇଁ ସଠିକ୍ ବହି ମଧ୍ୟ ଯୋଗାଇପାରିଲେ ନାହିଁ।ବିଗତ ଦୁଇବର୍ଷ ଭିତରେ ଗୋଟିଏ ବି ରୋଜଗାର ସୃଷ୍ଟି କରିବାରେ ସଂପୂର୍ଣ୍ଣ ବିଫଳ ମୋହନ ସରକାର ୧୦ ଲକ୍ଷ କୋଟିର ନିବେଶ ଏବଂ ଲକ୍ଷାଧିକ ପିଲାଙ୍କ କର୍ମନିଯୁକ୍ତି ବିଷୟରେ ଭେଳିକି ଦେଖାଉଛନ୍ତି। ଏଭଳି ଠକ ଓ ଗପ ସରକାର ବିରୁଦ୍ଧରେ ଆଜି ଯୁବ ଓଜେସି ରାଜଧାନୀରେ ରଣହୁଙ୍କାର ଦେଇଛି।

# ବିଏମସି ପକ୍ଷରୁ 'ନମସ୍ତେ ଡେ' କାର୍ଯ୍ୟକ୍ରମ ଶୁଭାରମ୍ଭ

ଭୁବନେଶ୍ୱର,୧୬।୭ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍ ସି) ପକ୍ଷରୁ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ସ୍ୱଚ୍ଛକର୍ମୀଙ୍କ ନିମନ୍ତେ ଆଜି ନମସ୍ତେ (ଘଇଗଇଝଞର-ଘବଷ୍ପସକ୍ଟଭବକ୍ଷ ଇମଷ୍ପସକ୍ଟଭ ଲକ୍ଟଷ୍ୱ ଗରମଷବ- ଭସଚ୍ଛରୟ ଝବଭସଷ୍ପବଷ୍ପସକ୍ଟଭ ରମକ୍ଟଷ୍ୱଚ୍ଛଷ୍ପଷ୍ପରଞ୍ଜ) ଡେ ପାଳିତ ହୋଇଯାଇଛି । ଏହା ଭାରତ ସରକରାଙ୍କ ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା, ଯାହା ୨୦୨୨ ମସିହାରେ ଆରମ୍ଭ ହୋଇଥିଲା । ଏହି ଯୋଜନାକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଏବଂ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ମିଳିତ ଭାବେ କାର୍ଯ୍ୟକାରୀ କରୁଛନ୍ତି ।




ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ୱେର ଓ ସେପ୍ଟିକ୍ ଟ୍ୟାଙ୍କ ସଫେଇରେ ବିପଦପୂର୍ଣ୍ଣ ମାନବୀୟ ପ୍ରବେଶକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରି ଯାନ୍ତ୍ରିକ ସଫେଇକୁ ପ୍ରୋତ୍ସାହନ ଦେବା , ସ୍ୱଚ୍ଛ କର୍ମୀଙ୍କ ସୁରକ୍ଷା, କୌଶଳ ବିକାଶ ଓ ଜୀବିକାର ଉନ୍ନତି ସୁନିଶ୍ଚିତ କରିବା । ୨୦୨୩-୨୪ରେ କେନ୍ଦ୍ର ବଜେଟରେ ଏହି ଯୋଜନା ପାଇଁ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିଲା । ଦେଶର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାରେ ଏହି ଯୋଜନାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଉଛି, ଯାହାର ଲକ୍ଷ୍ୟ ଶତ ପ୍ରତିଶତ ଯାନ୍ତ୍ରିକ ଭାବରେ ସେପ୍ଟିକ୍ ଟ୍ୟାଙ୍କ ଓ ସ୍ୱେର ସଫେଇ କରିବା । ସ୍ୱଚ୍ଛତା କାର୍ଯ୍ୟ ସମୟରେ ଶୂନ୍ୟ ମୃତ୍ୟୁ ସୁନିଶ୍ଚିତ କରିବା ସହ ସେମାନଙ୍କୁ ପ୍ରଶିକ୍ଷିତ, ସୁରକ୍ଷା, ସ୍ୱାସ୍ଥ୍ୟ ବୀମା ଓ ସଶକ୍ତିକରଣ କରାଇବା ।

ସ୍ୱଚ୍ଛ କର୍ମୀଙ୍କୁ ଚିହ୍ନଟ କରିବା, କୌଶଳ ବିକାଶ ଓ ପ୍ରଶିକ୍ଷଣ, ବ୍ୟକ୍ତିଗତ ସୁରକ୍ଷା ସାମଗ୍ରୀ ପ୍ରଦାନ, ଯାନ୍ତ୍ରିକ ସଫେଇ ପାଇଁ ପ୍ରୋତ୍ସାହନ, ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା ଜୀବିକା ଓ ଉଦ୍ୟୋଗ ବିକାଶ, ସୂଚନା, ଶିକ୍ଷା ସର୍ବୋପରି ଜନ ସଚେତନତା ସୃଷ୍ଟି କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଏହି ସ୍ୱଚ୍ଛକର୍ମୀଙ୍କୁ ସମ୍ମାନର ସହ ବଂଚିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଦାନ କରାଯାଉଛି ।

ଏହି ଉପଲକ୍ଷେ ବିଏମ୍ ସି ମୁଖ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, କମିଶନର ଶ୍ରୀ ଚଞ୍ଚଳ ରାଣା, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀ ବିରଞ୍ଚି ନାରାୟଣ ମହାସୁପକାର, ପରିମଳ ଉପାୟୁକ୍ତ ଶ୍ରୀ ଏନ୍. ଗଣେଶ ବାବୁ ଯୋଗଦେଇ ସ୍ୱଚ୍ଛକର୍ମୀଙ୍କ ନିମନ୍ତେ ଥିବା କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନା ସଂପର୍କରେ ଅବଗତ କରାଇଥିଲେ । ପରେ ୧୦ ଜଣ ବଛା ବଛା ସ୍ୱଚ୍ଛ କର୍ମୀଙ୍କୁ ପୁଷ୍ପଗୁଚ୍ଛ, ଟ୍ରଫି, ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ କିଟ୍) ଇତ୍ୟାଦି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱଚ୍ଛ କର୍ମୀଙ୍କୁ ସମ୍ମାନ, ସୁରକ୍ଷା ଓ କାମ କରିବାର ଉପଯୁକ୍ତ ପରିବେଶ ସୃଷ୍ଟି କରିବା ସହ ସେମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ପାଇଁ ବିଏମ୍ ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ସ୍ୱାସ୍ଥ୍ୟ ସେବା ପାଇଁ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ, ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ୨ ଲକ୍ଷ ଟଙ୍କାର ଜୀବନ ବୀମା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାକୁ ମଧ୍ୟ ବ୍ୟବସ୍ଥା କରାଯାଇଛି।

# ଉତ୍କଳମଣିଙ୍କ ନିଃସ୍ୱାର୍ଥପର ସେବା ପିଢ଼ି ପିଢ଼ିକୁ ପ୍ରେରଣା ଯୋଗାଇବ: ରାଜ୍ୟପାଳ

ଭୁବନେଶ୍ୱର,୧୬।୭ (ମହାଭାରତ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୀବନ ସାହସ, କରୁଣା ଓ ନିଃସ୍ୱାର୍ଥପର ସେବା ପିଢ଼ି ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି ଓ ମଙ୍ଗଳବାର ଦିନ କଟକ ସହିଦ ଭବନଠାରେ ଲୋକ ସେବକ ମଣ୍ଡଳ ଓ ସମାଜର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ବର୍ଷିକୀ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ରାଜ୍ୟପାଳ ଏହା କହିଛନ୍ତି।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଆଧୁନିକ ଓଡ଼ିଶାର ଜଣେ ମହାନ ସ୍ଥପତି ବୋଲି ବର୍ଣ୍ଣନା କରି ରାଜ୍ୟପାଳ ନିଜ ଉଦବୋଧନରେ କହିଥିଲେ ଯେ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସେହି ବିରଳ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରୁ ଜଣେ ଯିଏ ସମୟର ସୀମା ଅତିକ୍ରମ କରି ପ୍ରେରଣାର ଏକ ଜୀବନ୍ତ ଉତ୍ସ ରୂପେ ରହି ଆସିଛନ୍ତି। ମାତ୍ର ଏକାବନ ବର୍ଷ ବୟସର ଜୀବନ କାଳ ମଧ୍ୟରେ ସେ ଅସାଧାରଣ କାର୍ଯ୍ୟ ସମ୍ପାଦନ କରିଥିଲେ ଏବଂ କରୁଣା, ସାହସ, ଚରିତ୍ର ଓ ଦେଶ ଓ ସମାଜ ପ୍ରତି ନିଷ୍ଠାର ଏକ ଅମର ଅବଦାନ ରଖିଯାଇଛନ୍ତି।

ପଣ୍ଡିତ ଗୋପବନ୍ଧୁ ଦାସଙ୍କ ବହୁମୁଖୀ ଅବଦାନକୁ ସ୍ମରଣ କରି ରାଜ୍ୟପାଳ କହିଥିଲେ ଯେ, ସେ ଏକ ନିର୍ଭୟ ସ୍ୱାଧୀନତା ସଂଗ୍ରାମୀ, ଦୂରଦର୍ଶୀ ବ୍ୟବସ୍ଥାପକ ଏବଂ ସମର୍ପିତ ସାମାଜିକ ସଂସ୍କାରକ ଥିଲେ। ଅସହଯୋଗ ଆନ୍ଦୋଳନରେ ତାଙ୍କର ଭୂମିକା, ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ଏକତ୍ରୀକରଣ, ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା ଏବଂ ଜନଜାଗରଣ ଓ ନୈତିକ ସାମ୍ବାଦିକତାର ଏକ ମାଧ୍ୟମ ରୂପେ 'ସମାଜ' ପତ୍ରିକାର ପ୍ରତିଷ୍ଠାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କୁ ଜଣେ ଅନନ୍ୟ ସମାଜ ସଂସ୍କାରକ ରୂପେ ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ, ପଣ୍ଡିତ ଗୋପବନ୍ଧୁ ଦୟାକୁ କର୍ମରେ ରୂପାନ୍ତରିତ କରିଥିଲେ ଏବଂ ସମାଜ ସେବାରେ ତାଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତକୁ ଉତ୍ସର୍ଗ କରିଥିଲେ। ଶିକ୍ଷା, ସାହିତ୍ୟ, ସାମ୍ବାଦିକତା କିମ୍ବା ମାନବିକ ସେବା ଭଳି ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ଜନସାଧାରଣଙ୍କୁ ଉନ୍ନତ କରିବା ଏବଂ ଏକ ନ୍ୟାୟପୂର୍ଣ୍ଣ ଓ ଆତ୍ମନିର୍ଭରଶୀଳ ସମାଜ ଗଠନ କରିବା। ପଣ୍ଡିତ ଗୋପବନ୍ଧୁଙ୍କ ଅସାଧାରଣ ମାନବିକତାକୁ ସ୍ମରଣ କରି ରାଜ୍ୟପାଳ ଉଲ୍ଲେଖ କରିଥିଲେ ଯେ, ନିଜ ପୁତ୍ର ଗୁରୁତର ଅସୁସ୍ଥ ଥିବା ସମୟରେ ମଧ୍ୟ ସେ ବନ୍ୟାପ୍ରଭାବିତଙ୍କ ସେବା ପାଇଁ ଆଗେଇ ଆସିଥିଲେ, ଯେଉଁଥିପାଇଁ ତାଙ୍କ ପାଇଁ 'ଉତ୍କଳମଣି' ଉପାଧି ପ୍ରଯୁଜ୍ୟ ଥିଲା।

ଏହି ଅବସରରେ 'ସମାଜ' ପତ୍ରିକାର ଏକ ଶହ ବର୍ଷର ଉର୍ଦ୍ଧ୍ୱ ସେବାକୁ ପ୍ରଶଂସା କରି ରାଜ୍ୟପାଳ କହିଥିଲେ ଯେ, ଏହାର ଅଟଳ ବିଶ୍ୱାସଯୋଗ୍ୟତା, ସମ୍ପାଦକୀୟ ମୌଳିକତା ଏବଂ ନୈତିକ ସାମ୍ବାଦିକତା ପିଢ଼ି ପରେ ପିଢ଼ିର ବିଶ୍ୱାସ ଅର୍ଜନ କରିଛି ଏବଂ ଏହାକୁ ଲୋକସେବାର ଏକ ସମ୍ମାନିତ ପ୍ରତିଷ୍ଠାନ ରୂପେ ପ୍ରତିଷ୍ଠିତ କରିଛି। ଲୋକସେବକ ମଣ୍ଡଳ (ସର୍ଭାଂଟସ୍ ଅଫ୍ ଦ ପିପଲ୍ ସୋସାଇଟି) କୁ ମଧ୍ୟ ଏହି ଗୌରବମୟ କୃତିକୁ ସଂରକ୍ଷଣ ଓ ଆଗକୁ ବଢ଼ାଇବା ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ । ଏହି ଅବସରରେ ସମାଜର 'ଗୋପବନ୍ଧୁଙ୍କ ଶ୍ରାଦ୍ଧ ସଂଖ୍ୟା' ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।


ଏହି କାର୍ଯ୍ୟକ୍ରମରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ରାଜ କୁମାର, ଉପାଧ୍ୟକ୍ଷ ଶ୍ରୀ ଦୀପକ ମାଲବିୟ, ସଚିବ ଶ୍ରୀ ରାମନାଥ ଝା ଓ 'ସମାଜ'ର ମୁଦ୍ରାକାର ଓ ପ୍ରକାଶକ ରାଜେନ୍ଦ୍ର କୁମାର ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସମାଜର ସମ୍ପାଦକ ଶ୍ରୀ ତପନ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ସାଧାରଣ ପରିଚାଳକ ଶ୍ରୀ ଗୋପୀନାଥ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଓସିସିର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଞ୍ଜୟ କିସପେଟା ଗିରଫ

ଭୁବନେଶ୍ୱର,୧୬।୭ (ମହାଭାରତ): ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଓଡ଼ିଶା ନିରୀକ୍ଷଣ (ଭିଜିଲାନ୍ସ) ବିଭାଗ ଓଡ଼ିଶା କନଷ୍ଟ୍ରକ୍ସନ୍ କର୍ପୋରେସନ୍ (ଓସିସି) ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର କିସପଟାଙ୍କୁ ମଙ୍ଗଳବାର ଗିରଫ କରିଛି। ବର୍ତ୍ତମାନ ସେ ଓସିସିଏଲ୍‌ର ବଲାଙ୍ଗୀରସ୍ଥିତ ଲୋୟର ସୁକତେଲ ପ୍ରକଳ୍ପରେ ଡେପୁଟେସନ୍‌ରେ କାର୍ଯ୍ୟରତ ଅଛନ୍ତି। ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଜୟପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ଅଦାଲତରେ ହାଜର କରାଯାଇଛି। ଏହି ଘଟଣାରେ କୋରାପୁଟ ଭିଜିଲାନ୍ସ ଥାନାରେ ୧୪ ଜୁଲାଇ ୨୦୨୬ ତାରିଖରେ କେସ୍ ନମ୍ବର-୧୫ ରୁଜୁ କରାଯାଇଛି। ସଞ୍ଜୟ କୁମାର କିସ୍ପଟ୍ଟା ଓ ତାଙ୍କ ପତ୍ନୀଙ୍କ ବିରୋଧରେ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ର ଧାରା ୧୩(୨) ସହ ୧୩(୧)(ବି) ଅନୁଯାୟୀ ମାମଲା ରୁଜୁ ହୋଇଛି। ଭିଜିଲାନ୍ସର ଚଢ଼ାଉ ସମୟରେ ସଞ୍ଜୟ କୁମାର କିସପଟା ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ବହୁ ମୂଲ୍ୟବାନ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ସେଥିମଧ୍ୟରେ କୋରାପୁଟ ସହରରେ ପ୍ରାୟ ୮,୦୦୦ ବର୍ଗଫୁଟ ପରିମିତି ବିଶିଷ୍ଟ ଚାରି ମହଲା ବ୍ୟବସାୟିକ କୋଠା ରହିଛି, ଯେଉଁଥିରେ ୨୩ଟି କୋଠରୀ ସହ ଏକ ତିନିତାରକା ହୋଟେଲ ସମକକ୍ଷ ସୁବିଧା ରହିଛି। ଏହାଛଡ଼ା ସୁନ୍ଦରଗଡ଼ ଜିଲ୍ଲାର ଲହୁଣୀପଡ଼ାରେ ପ୍ରାୟ ୭,୭୧୫ ବର୍ଗଫୁଟ ପରିମିତି ବିଶିଷ୍ଟ ଏକ ନିର୍ମାଣାଧୀନ ତିନି ମହଲା ବାସଭବନ ମଧ୍ୟ ରହିଛି। ତଦନ୍ତ ସମୟରେ କୋରାପୁଟରେ ୬ଟି, ରାଉରକେଲାରେ ୨ଟି ଏବଂ ଭୁବନେଶ୍ୱରରେ ଗୋଟିଏକୁ ମିଶାଇ ମୋଟ ୯ଟି ଉଚ୍ଚମୂଲ୍ୟର ପ୍ଲଟ୍ ଠାବ କରାଯାଇଛି। ଏହାସହ ୧ ଲକ୍ଷ ୧୬ ହଜାର ୬୮୦ ଟଙ୍କା ନଗଦ, ୩୨୫.୫୬୨ ଗ୍ରାମ ସୁନା, ୧.୧୨୧ କିଲୋଗ୍ରାମ ରୂପା, ୧ କୋଟି ୨୩ ଲକ୍ଷ ୪୯ ହଜାର ୮୦୪ ଟଙ୍କାର ବ୍ୟାଙ୍କ ଜମା, ଦୁଇଟି ଚାରିଚକିଆ ଗାଡ଼ି (ଇନୋଭା କ୍ରିଷ୍ଟା ଓ ଟାଟା ସଫାରି), ଦୁଇଟି ଦୁଇଚକିଆ ଯାନ ଏବଂ ପ୍ରାୟ ୩୮.୫୮ ଲକ୍ଷ ଟଙ୍କା ମୂଲ୍ୟର ଘରୋଇ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ଭିଜିଲାନ୍ସର ସୂଚନା ଅନୁଯାୟୀ, ସମସ୍ତ ସମ୍ପତ୍ତି, ଆୟ ଓ ବ୍ୟୟର ହିସାବ ଯାଂଚ ପରେ ସଞ୍ଜୟ କୁମାର କିସପେଟାଙ୍କ ଜ୍ଞାତ ଆୟଠାରୁ ୨୨୩ ପ୍ରତିଶତ ଅଧିକ ମୂଲ୍ୟର ଆୟବହିର୍ଭୂତ ସମ୍ପତ୍ତିର ଅଧିକାରୀ ଥିବା ଜଣାପଡ଼ିଛି, ଯାହାର ସନ୍ତୋଷଜନକ ଉତ୍ସ ସେ ଦର୍ଶାଇ ପାରିନଥିଲେ। ଏହି ମାମଲାର ତଦନ୍ତ ଜାରି ରହିଛି ବୋଲି ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଶିଶୁ ସୁରକ୍ଷା ଅଧିକାର ଆୟୋଗଙ୍କୁ ବିଜେଡିର ଦାବିପତ୍ର

ଭୁବନେଶ୍ୱର,୧୬।୭ (ମହାଭାରତ): ରାଜନୈତିକ ଶୋଭାଯାତ୍ରାରେ ଶିଶୁ ମାନଙ୍କୁ ସାମିଲ୍ କରୁଛି ବିଜେପି । ବିଜେପି ଦଳର ଶୀର୍ଷ




ନେତୃମଣ୍ଡଳୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ହସ୍ତକ୍ଷେପ ଲୋଡ଼ିଛି ବିଜେଡି ପ୍ରତିନିଧି ମଣ୍ଡଳୀ । ଗତ ୧୨ ଜୁଲାଇରେ ଭୁବନେଶ୍ୱର ଠାରେ ପୂର୍ବତନ ବିଧାୟକ ଶ୍ରୀ ପ୍ରଭାତ ରଞ୍ଜନ ବିଶ୍ୱାଳ ବିଜେପିରେ ଯୋଗଦେବା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଆୟୋଜିତ ରାଜନୈତିକ ଶୋଭାଯାତ୍ରାରେ ଶିଶୁଙ୍କୁ ସାମିଲ୍ କରାଯାଇଛି । କାର୍ଯ୍ୟକ୍ରମ ଏବଂ ଶୋଭାଯାତ୍ରାରେ ନାବାଳକ ଶିଶୁ ମାନଙ୍କୁ ବ୍ୟବହାର କରାଯାଇଛି । ସେମାନଙ୍କୁ ଦଳୀୟ ଟୋପି, ଉତ୍ତରୀୟ ପିନ୍ଧାଇ ଦଳୀୟ ପତାକା, ପ୍ଲାକାର୍ଡ ଏବଂ ବ୍ୟାନର୍ ଧରାଇଥିଲା ବିଜେପି । ଏହା ଶିଶୁ ମାନଙ୍କ ଅଧିକାର ଏବଂ ସୁରକ୍ଷାକୁ ବିପନ୍ନ କରୁଛି, ଯାହାକି ଅତ୍ୟନ୍ତ ଚିନ୍ତାଜନକ ବୋଲି ବିଜେଡି କହିଛି ।

ଏନେଇ ବିଜୁ ଜନତା ଦଳ ପକ୍ଷରୁ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାରୀ ଆୟୋଗର ଅଧ୍ୟକ୍ଷା ବବିତା ପାତ୍ରଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି । ଘଟଣାର ତଦନ୍ତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ବିଜେପି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଓ ପୂର୍ବତନ ବିଧାୟକ ଶ୍ରୀ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ନୋଟିସ୍ ଜାରି କରିବାକୁ ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ବିଜେଡି ପ୍ରତିନିଧି ମଣ୍ଡଳୀରେ ସୁମିତ୍ରା ଜେନା, ପୁଷ୍ପାଞ୍ଜଳି ରଣା, ଜ୍ୟୋସ୍ନାମୟୀ ପରିଡ଼ା, ବନଜା ମହାନ୍ତି, ଇଲା ସ୍ୱାଇଁ, ଅଂଶୁ ତ୍ରିପାଠୀ, ଭାଗ୍ୟଶ୍ରୀ ଜେନା ଏବଂ ଡ଼ ପ୍ରିୟବ୍ରତ ମାଝୀ ପ୍ରମୁଖ ସାମିଲ ଥିଲେ ।

# ବିଧାନସଭା ପରିସରରେ ପଣ୍ଡିତ ଗୋପବନ୍ଧୁଙ୍କ ଶ୍ରାଦ୍ଧଦିବସ

ଭୁବନେଶ୍ୱର,୧୬।୭ (ମହାଭାରତ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧଦିବସ ମଙ୍ଗଳବାର ବିଧାନସଭା ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ସରକାରୀ ଦଳ ମୁଖ୍ୟ ସଚେତକ ଶ୍ରୀ ସରୋଜ କୁମାର ପ୍ରଧାନ, କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ରାମଚନ୍ଦ୍ର କାଡ଼ାମ, ବିଧାୟକ ଶ୍ରୀ ବାବୁ ସିଂ, ବିଧାୟକ ଶ୍ରୀ ଗଣେଶ୍ୱର ବେହେରା, ବିଧାୟକ ଶ୍ରୀ ରୋମାଂଚ ରଞ୍ଜନ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ଓ ଶ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ବିଧାନସଭାର ସଚିବ ଶ୍ରୀ ସତ୍ୟବ୍ରତ ରାଉତ, ଉତ୍କଳ



ସମ୍ମିଳନୀର ସଦସ୍ୟ, ବହୁ ସମାଜସେବୀ, ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମାନବସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ନିରାଶ୍ରୟ ଓ ନିଃସହାୟ ବ୍ୟକ୍ତିମାନଙ୍କର ସେବାକରି ନିଜର ସେବା ମନୋବୃତିକୁ ଯେଭଳି ଚରିତାର୍ଥ କରିଥିଲେ, ସେଭଳି ଯୁବସମାଜକୁ ଆଦର୍ଶ ମାର୍ଗରେ ଗଢ଼ିତୋଳିବା ପାଇଁ ସର୍ବଦା ତତ୍ପର ଥିଲେ । ବନ୍ୟା, ବାତ୍ୟା, ମରୁଡ଼ି, ଦୁର୍ବିପାକରେ ପ୍ରପୀଡ଼ିତ ଜନତାଙ୍କୁ ନିଃସ୍ୱାର୍ଥ ସେବା, ସାହାଯ୍ୟ ଓ ସହାନୁଭୂତି ଯୋଗାଇଦେଇ ପଣ୍ଡିତ ଗୋପବନ୍ଧୁ ମାନବୀୟ ଗୁଣ ଏବଂ ଚିନ୍ତା-ଚେତନାରେ ଉତ୍କଳୀୟ ଭାବନା ରଖି ଜାତୀୟତାର ଉଦାହରଣ ସୃଷ୍ଟି କରିଯାଇଛନ୍ତି। ଲାଲା ଲାଜପତ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ଲୋକସେବକ ମଣ୍ଡଳର ଆଜୀବନ ସଭ୍ୟ ଭାବେ ପଣ୍ଡିତ ଗୋପବନ୍ଧୁ ମନୋନୀତ ହୋଇଥିଲେ । ତା'ପରେ ସେ ସତ୍ୟବାଦୀ ପ୍ରେସ୍ ଓ ସମାଜ ଅନୁଷ୍ଠାନକୁ ଲୋକସେବକ ମଣ୍ଡଳକୁ ହସ୍ତାନ୍ତର କରିଥିଲେ ଓ ନିଜେ ଏହି ଅନୁଷ୍ଠାନର ଉପସଭାପତି ହୋଇଥିଲେ । ୧୯୨୮ ଜୁନ୍ ୧୭ ତାରିଖ (ନେତ୍ରୋତ୍ସବ ତିଥି)ରେ ପଣ୍ଡିତ ଗୋପବନ୍ଧୁଙ୍କ ଘଟଣାବହୁଳ କର୍ମମୟ ଜୀବନର ଅବସାନ ଘଟିଥିଲା । ଏହି ଅବସରରେ ଶାଶ୍ୱତୀ ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ରୋଜାଲିନ୍ ? ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କଂଗ୍ରେସର ଭୋଟ ହ୍ରାସ

ୟୁପି, ପଶ୍ଚିମବଙ୍ଗ, ଆନ୍ଧ୍ର, ତେଲେଙ୍ଗାନା, ମହାରାଷ୍ଟ୍ର ଆଦି ରାଜ୍ୟରେ ସାଂସଦ ଓୱେସି ଅସାଦୁଦ୍ଦିନଙ୍କ ଦଳ ଏଆଇଏମଆଇଏମର ପ୍ରଭାବ ବଢୁଛି। ଏହା କଂଗ୍ରେସ ଭଳି ଅଣବିଜେପି ଦଳମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି। କାରଣ କଂଗ୍ରେସ ଏବଂ ଅନ୍ୟ ଅଣବିଜେପି ଦଳମାନେ ସଂଖ୍ୟାଲଘୁ ଭୋଟ ବ୍ୟାଙ୍କ ଉପରେ ଅନେକାଂଶରେ ନିର୍ଭରଶୀଳ। ପଶ୍ଚିମବଙ୍ଗରେ ସଂଖ୍ୟାଲଘୁ ଭୋଟ ବ୍ୟାଙ୍କ ଯୋଗୁ ମମତା ବିଜୟୀ ହେଉଥିଲେ। ବିହାରରେ ଅସାଦୁଦ୍ଦିନଙ୍କ ଦଳ ଅନେକ ସ୍ଥାନରେ ସଂଖ୍ୟାଲଘୁ ଭୋଟ କାଟିବାରୁ କଂଗ୍ରେସ ଓ ଆରଜେଡି ଅତି କମରେ ୧୫ଟି ସ୍ଥାନରେ ପରାଜିତ ହେଲେ। ଗତ ୟୁପି ବିଧାନସଭା ନିର୍ବାଚନରେ ମଧ୍ୟ ଅସାଦୁଦ୍ଦିନଙ୍କ ଦଳ ଅନେକ ଆସନରେ ପ୍ରାର୍ଥୀ ଦେଇଥିଲା ଏବଂ ଭଲ ଭୋଟ ପାଇଥିଲା। କିନ୍ତୁ ୟୁପିରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଏସପି ଓ ବିଏସପିକୁ ସମର୍ଥନ କରୁଥିବାରୁ ସେଠାରେ ସମୀକରଣକୁ ଅସାଦୁଦ୍ଦିନ ବିଶେଷ ପ୍ରଭାବିତ କରିପାରିନଥିଲେ। ଏବେ ଅସାଦୁଦ୍ଦିନ କର୍ଣ୍ଣାଟକରେ ତାଙ୍କ ଶକ୍ତି ପ୍ରଦର୍ଶନ କରିବାକୁ ଅ□ାଡ଼ିଛନ୍ତି। ତେଲେଙ୍ଗାନାର ପଡ଼ୋଶୀ ହୋଇଥିବାରୁ ସେଠାରେ ଅସାଦୁଦ୍ଦିନଙ୍କ ଦଳ ଏଆଇଏମଆଇଏମର ପ୍ରଭାବ ରହିବ। ଏହା ବ୍ୟତିତ କର୍ଣ୍ଣାଟକରେ ସାମ୍ପ୍ରଦାୟିକ ରାଜନୀତିର ପ୍ରଭାବ ରହିଛି। ବିଜେପି ହିନ୍ଦୁ ଭୋଟ ବ୍ୟାଙ୍କ ସୃଷ୍ଟି କରିବାକୁ ଉଦ୍ୟମ କରୁଥିବା ବେଳେ କଂଗ୍ରେସ ସଂଖ୍ୟାଲଘୁ ଭୋଟ ଏକତ୍ରିକରଣ ଲାଗି ଯୋଜନା କରୁଛି। ତେବେ କଂଗ୍ରେସର ସଂଖ୍ୟାଲଘୁ ତୁଷ୍ଟିକରଣ ନୀତି ସବୁଠାରୁ ଚର୍ଚ୍ଚାରେ ରହିଛି। କେବଳ କର୍ଣ୍ଣାଟକ ନୁହେଁ, ଜାତୀୟ ସ୍ତରରେ କଂଗ୍ରେସର ସଂଖ୍ୟାଲଘୁ ତୁଷ୍ଟିକରଣ ନୀତି ସମ୍ପର୍କରେ ସମସ୍ତେ ଜାଣନ୍ତି। କର୍ଣ୍ଣାଟକରେ ସଂଖ୍ୟାଲଘୁ ମୁସଲମାନଙ୍କ ସଂଖ୍ୟା ବେଶ ଅଧିକ। ସେମାନେ ମିଳିତ ଭାବେ ଯେଉଁ ଦଳକୁ ସମର୍ଥନ କରିବେ ସେହି ଦଳର ସଫଳତା ହାର ଅଧିକ ରହିବ। ରାଜ୍ୟର ଏଭଳି କିଛି ଆସନ ରହିଛି ଯେଉଁଠାରେ ମୁସଲମାନ ଭୋଟରଙ୍କ ସଂଖ୍ୟା ଅଧିକ। ଏବେ ଅସାଦୁଦ୍ଦିନ କର୍ଣ୍ଣାଟକରେ ତାଙ୍କର ଖେଳ ଦେଖାଇବାକୁ ପ୍ରସ୍ତୁତ ବୋଲି ଘୋଷଣା କରିବା ପରେ ଏହା କଂଗ୍ରେସ ପାଇଁ ଚିନ୍ତାର କାରଣ ପାଲଟିଛି। କାରଣ ଅସାଦୁଦ୍ଦିନଙ୍କ ଦଳ ଏଆଇଏମଆଇଏମ ଯେତିକି ଭୋଟ ପାଇବ ତାହା କଂଗ୍ରେସର ଭୋଟ ହ୍ରାସ କରିବ। ଏଆଇଏମଆଇଏମ ପ୍ରାର୍ଥୀ ହଜାରେ ଭୋଟ ପାଇଲେ ବି ତାହା କଂଗ୍ରେସ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। କାରଣ ବିଧାନସଭା ନିର୍ବାଚନରେ ଅନେକ ସ୍ଥାନରେ ଜୟ-ପରାଜୟ ମଧ୍ୟରେ ବ୍ୟବଧାନ ୨/୪ ହଜାରରେ ସୀମିତ ରହିଥାଏ। ଏଆଇଏମଆଇଏମ କର୍ଣ୍ଣାଟକରେ କେତେ ଆସନ ଜିତିବ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ। ଏହା କର୍ଣ୍ଣାଟକରେ ଗୋଟିଏ ହେଲେ ବିଧାନସଭା ଆସନ ଜିତିନପାରେ। କିନ୍ତୁ ଏହା ରାଜ୍ୟରେ କେତେ ଭୋଟ ପାଇବ ତାହା ସବୁଠାରୁ ବଡ଼ କଥା। ଯଦି ଅସାଦୁଦ୍ଦିନଙ୍କ ଦଳ କର୍ଣ୍ଣାଟକରେ ୨ରୁ ୩ ପ୍ରତିଶତ ଭୋଟ ପାଇବାରେ ସଫଳ ହୁଏ ତେବେ ରାଜ୍ୟ ରାଜନୀତିର ସମୀକରଣ ବଦଳିଯିବ। ଏପରିକି ଅସାଦୁଦ୍ଦିନ ରାଜ୍ୟରେ କଂଗ୍ରେସର ପରାଜୟର କାରଣ ହୋଇପାରନ୍ତି। ଏଥିପାଇଁ କଂଗ୍ରେସ ବ୍ୟସ୍ତବିବ୍ରତ। କିନ୍ତୁ ଅସାଦୁଦ୍ଦିନ କହିଛନ୍ତି ଯେ, କୌଣସି ଦଳର ଜୟ ପରାଜୟ ଲାଗି ସେ ଉ□ରଦାୟୀ ହେବେ ନାହିଁ କିମ୍ବା ଏଥିଲାଗି ତାଙ୍କୁ କେହି ସମାଲୋଚନା କରିବାର ଅଧିକାର ନାହିଁ। ତାଙ୍କର ଏକ ନିଜସ୍ୱ ଦଳ ଏବଂ ରାଜନୈତିକ ଆଭିମୁଖ୍ୟ ରହିଛି। କଂଗ୍ରେସ ବା ଅନ୍ୟ ଅଣବିଜେପି ଦଳକୁ ଜିତାଇବାର ଠିକା ସେ ନେଇ ନାହାଁନ୍ତି। ବିହାର ବିଧାନସଭା ନିର୍ବାଚନ ପରେ ସେ ଠିକ ଏହି କଥା କହିଥିଲେ। ଏବେ ୟୁପିରେ ଯଦି ଅସାଦୁଦ୍ଦିନ ବିହାର ଭଳି ଭୂମିକା ଗ୍ରହଣ କରନ୍ତି ତେବେ ଏଥିରେ କିଛି ବିସ୍ମିତ ହେବାର ନାହିଁ। କଂଗ୍ରେସ ଏଥିପାଇଁ ତାଙ୍କୁ ଦୋଷ ଦେଇପାରିବ ନାହିଁ। ଅସାଦୁଦ୍ଦିନଙ୍କ ଏହି ଖେଳ କଂଗ୍ରେସ ପାଇଁ କାଳ ହୋଇପାରେ।

# ଜୀବସତ୍ତା ଓ ପାବନା ଆଶ୍ରମର କାହାଣୀ

**।। ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ।।**

*;ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ - ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି।*

କିଛି ବର୍ଷ ତଳର କଥା ପାବନା ଆଶ୍ରମର ପଦ୍ମାତୀରର ବାଲିଚରରେ ଗୋଟିଏ ଘଟଣା ଘଟେ। ସେତେବେଳେ ଅଳ୍ପ ଅଳ୍ପ ଶୀତ ଅଛି। ପଦ୍ମାନଦୀର ପାଣି କମିଯାଇଛି। ସମ୍ମୁଖରେ ବିସ୍ତୀର୍ଣ୍ଣ ଚର ପଡ଼ିଛି। ଦୁଇଟି ଚକୁଆ-ଚକୋଇ ପଦ୍ମାର ଚର ଉପର ଦେଇ ଉଡିଯାଉଥିଲେ। ଅତର୍କିତ ଭାବରେ ଗୋଟିଏ ଶିକାରୀ ପକ୍ଷୀ ଦୁଇଟିକୁ ଲକ୍ଷ୍ୟ କରି ଗୁଳି ଛାଡ଼ିଲା। ଗୁଳି ଡେଣାରେ ବାଜିଲେ ମଧ୍ୟ ପକ୍ଷୀ ଦୁଇଟି ଉଡିଯାଇ ଚରର ଗୋଟିଏ ଜାଗାରେ ବସିଲେ। ସେତେବେଳେ ଶ୍ରୀ ଶ୍ରୀ ଠାକୁର ଆଶ୍ରମ ପ୍ରାଙ୍ଗଣର କୁଟୀର ବାରଣ୍ଡାରେ ଥିଲେ। ଗୁଳି ଶବ୍ଦ ଶୁଣି ସେ କହି ଉଠିଲେ, ହାୟ! ପକ୍ଷୀ ଦୁଇଟିକୁ ମାରିଲା ବୋଧହୁଏ। ମୁଁ ଏପରି ଅସହାୟ! ମୁଁ କ'ଣ କରିପାରିବି? - ଏୟ କହି କୁଟୀରରୁ ତଳକୁ ଓହ୍ଲେଇ ଆସି ବନ୍ଧ କଡ଼େ କଡ଼େ ଆଗେଇ ଆସିଲେ ଏବଂ ଚର ଆଡ଼କୁ ଚାହିଁ ବ୍ୟାକୁଳ ଭାବେ ଦଉଡାଦଉଡି କରିବାକୁ ଲାଗିଲେ। ଏହା ମଧ୍ୟରେ ପକ୍ଷୀ ଦୁଇଟି ପ୍ରତି ସେଇ ଶିକାରୀ ଦ୍ୱିତୀୟବାର ଗୁଳି ଛାଡ଼ିଲା। ଏଥିରେ ଶ୍ରୀ ଶ୍ରୀ ଠାକୁର ଅତ୍ୟନ୍ତ ଶୋକାର୍ତ୍ତ ହୋଇ 'ହାୟ, ହାୟ ପକ୍ଷୀ ଦୁଇଟି ମଲେ।' କହି ଆର୍ତ୍ତନାଦ କରି ଉଠିଲେ। ତାଙ୍କ ନିଜ ବକ୍ଷରେ ଯେପରି ଗୁଳିବିଦ୍ଧ ହୋଇଛି ଏହିପରି ଅନୁଭବ କରି ତୀବ୍ର ଯନ୍ତ୍ରଣାରେ ଛଟପଟ ହୋଇ ମାଟିରେ ପଡ଼ି ଆହା ଉହୁ କରିବାକୁ ଲାଗିଲେ। ତାଙ୍କର ଏଇ ଯନ୍ତ୍ରଣା ଦେଖି ଉପସ୍ଥିତ କେହି ହେଲେ ଅଶ୍ରୁ ସମ୍ବରଣ କରିପାରିଲେ ନାହିଁ। ସର୍ବଜୀବ ସହିତ ଏକାତ୍ମତା ଶ୍ରୀ ଶ୍ରୀ ଠାକୁରଙ୍କ ଧାରଣାରେ ଏପରି ସୁପ୍ରତିଷ୍ଠିତ ଯେ ତାଙ୍କ ସମ୍ମୁଖରେ କୌଣସି ପ୍ରାଣୀକୁ ଆଘାତ କଲେ ସେଇ ଆଘାତର ଚିହ୍ନ ତାଙ୍କ ଶରୀରରେ ପରିସ୍ଫୁଟ ହୋଇ ଦେଖାଯାଇଛି। ଏଇ ଘଟଣାଟି ଘଟିଥିଲା ମୁଁ ଶ୍ରୀ ଶ୍ରୀ ଠାକୁରଙ୍କ ସଂସ୍ପର୍ଶରେ ଆସିବାର ଅବ୍ୟବହିତ ପୂର୍ବେ। ଦିନେ ସେ ଘୋଡ଼ା ଗାଡ଼ିରେ ବସି କୁଷ୍ଟିୟାକୁ ବାରାଦି ଗାଁକୁ ଡାକ୍ତର ଗୋପେନ୍ଦ୍ରଚନ୍ଦ୍ର ସାହାଙ୍କ ଘରକୁ ଯାଉଥିଲେ। ଘୋଡ଼ାଗାଡ଼ିରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଚାରିଜଣ ଆରୋହୀ ଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଡାକ୍ତର ସତୀଶଚନ୍ଦ୍ର ଜୋୟାରଦାର, ବୀରେନ୍ଦ୍ରନାଥ ରାୟ (ମୁକ୍ତାର) ଓ ଡାକ୍ତର ଗୋକୁଳଚନ୍ଦ୍ର ମଣ୍ଡଳ। ଘୋଡ଼ାଟି ଥିଲା ଅପେକ୍ଷାକୃତ ଦୁର୍ବଳ। ତେଣୁ ଶୀଘ୍ର ଚାଲି ନପାରିବାରୁ କୋଚମ୍ୟାନ ପାଏଁ ପାଏଁ ତିନି ପାହାର ଚାବୁକା ମାରେ ଘୋଡ଼ା ପିଠିରେ। ଚାବୁକ ମାରିବା ମାତ୍ରେ ହିଁ ଶ୍ରୀ ଶ୍ରୀ ଠାକୁର ଗାଡ଼ିରୁ ଓହ୍ଲେଇ ପଡ଼ିଲେ ଏବଂ ଘୋଡ଼ାର ଖୁବ୍ କଷ୍ଟ ହେଉଛି - ଆସନ୍ତୁ ଆମେ ଚାଲି ଚାଲି ଯିବା। ଏହା କହି ସମସ୍ତଙ୍କୁ ଗାଡ଼ିରୁ ଓହ୍ଲେଇ ପଡ଼ିବାକୁ କହିଲେ। ତାପରେ ଘୋଡ଼ାଗାଡ଼ିଟିକୁ ବିଦାୟ ଦେଇ ସେମାନେ ଚାଲି ଚାଲି ବାରାଦି ଗାଁରେ ପହଞ୍ଚିଲେ। ସେଠାରେ ଯାଇ କିଛି ସମୟ ବିଶ୍ରାମ ନେଇ ଶ୍ରୀ ଶ୍ରୀ ଠାକୁର ହାତମୁହଁ ଧୋଇ ଦେହରୁ ଜାମା ଓ ଚାଦର ଖୋଲି ଶଯ୍ୟାରେ ବିଶ୍ରାମ କରିବାକୁ ଲାଗିଲେ। ତାଙ୍କର ଜଣେ ସଙ୍ଗୀ ତାଙ୍କର ପଦସେବା କରୁ କରୁ ତାଙ୍କ ପିଠିରେ ଚାବୁକ ପାହାରର ତିନୋଟି ଆଘାତର ଚିହ୍ନ ଦେଖି ଚମକିତ ହୋଇ କହିଉଠିଲେ - ଇଏ କ'ଣ! ଆପଣଙ୍କ ପିଠିରେ ତିନୋଟି ଚାବୁକ ମାଡ଼ର ଦାଗ ଆସିଲା କିପରି?

ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ - ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି। କିନ୍ତୁ ସେଇ ଦାଗ ଆପଣଙ୍କ ଦେହରେ କିପରି ସୃଷ୍ଟି ହେଲା, ତାହା ତ ବୁଝିପାରୁନାହିଁ। ସେତେବେଳେ ସେ କହିଲେ - ଘୋଡ଼ାର କଷ୍ଟଟା ଠିକ୍ ନିଜର କଷ୍ଟ ବୋଲି ଅନୁଭବ କରିଥିଲି ବୋଲି ସମ୍ଭବତଃ ନିଜ ଦେହରେ ସେଇପରି ଚିହ୍ନ ବସିଯାଇଥିବ। ଏହି କଥାଟି ଯେତେବେଳେ ସେଇ ସଙ୍ଗୀଟିର ନିଜ ମୁହଁରୁ ଶୁଣିଥିଲି ସେତେବେଳେ ମୁଁ ନିଜେ ବି ବିଶ୍ୱାସ ସ୍ଥାପନ କରିପାରିନି। କାରଣ, ଏପରି ଘଟଣାର ବାସ୍ତବ ଅଭିଜ୍ଞତା ମୋର ନଥିଲା। ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କର ଆଉ ଦୁଇଜଣ ସହଯାତ୍ରୀଙ୍କୁ ଏବଂ ବାରାଦିର ଡାକ୍ତର ଗୋପେନ୍‌ବାବୁ - ଯାହାଙ୍କ ଘରକୁ ଏମାନେ ଯାଇଥିଲେ - ସେମାନଙ୍କୁ ଅଲଗା ଅଲଗା ଭାବେ ଏହି ବିଷୟରେ ପଚାରିଲି। ସେ ତିନିଜଣ ଯାକ ସମସ୍ତେ କହିଲେ ଯେ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ତିନିଟି ଚାବୁକ୍‌ର ଦାଗ ସେମାନେ ଦେଖିଛନ୍ତି - ଏ କଥା ଧ୍ରୁବ ସତ୍ୟ। କିନ୍ତୁ ଘୋଡ଼ାକୁ ମାରିବା ଚାବୁକର ଦାଗ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ପ୍ରକଟ ହେଲା କିପରି - ଏକଥା ସେମାନଙ୍କ ବୁଦ୍ଧିର ଅଗମ୍ୟ ବା ଏଭଳି ଘଟଣାର ନଜିର କେଉଁଠି ହେଲେ ଅଛି କି ନା ତାହା ସେମାନେ କହିବାକୁ ଅକ୍ଷମ। ମୁଁ ସେତେବେଳେ ସେମାନଙ୍କୁ କହିଥିଲି ଯେ ଏପରି ଘଟଣା ନିଜେ ନ ଦେଖିଲେ ମଧ୍ୟ ପୃଥିବୀ ଇତିହାସରେ ଏପରି ନଜିର ଅଛି। କଥିତ ଅଛି ଯେ ଭଗବାନ ରାମକୃଷ୍ଣ ଦେବ ଯେତେବେଳେ ସ୍ତ୍ରୀଭାବେ ସାଧନା କରୁଥିଲେ ସେତେବେଳେ ତାଙ୍କର ପୁରୁଷ ଦେହରେ ସ୍ତ୍ରୀଅଙ୍ଗର ସମସ୍ତ ଲକ୍ଷଣ ପ୍ରକାଶିତ ହୋଇଥିଲା। ପରେ ପାଶ୍ଚାତ୍ୟ ଜଗତର ଖ୍ରୀଷ୍ଟଧର୍ମର ଇତିହାସ ଆଲୋଚନା ବେଳେ ଜାଣିଛି ଯେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କ ସମ୍ବନ୍ଧରେ ଗଭୀର ଭାବେ ଚିନ୍ତା କରିବା ଫଳରେ କୌଣସି ଖ୍ରୀଷ୍ଟଭକ୍ତଙ୍କ ଦେହରେ ଅନୁରୂପ କ୍ଷତଚିହ୍ନ ଓ ରକ୍ତ କ୍ଷରଣ ପରିଲକ୍ଷିତ ହୋଇଥିଲା। ଏଇ ବିଂଶ ଶତାବ୍ଦୀରେ ହିଁ ୧୯୬୨ ମସିହାରେ ଜର୍ମାନୀର ଅନ୍ତର୍ଗତ ବ୍ୟାଭେରିୟାର କୋନାର - ସେରିଭୟ ଗ୍ରାମରେ ଥେରେସା ନିଉମ୍ୟାନ ନାମରେ ଜଣେ କ୍ୟାଥଲିକ୍ ମହିଳାର ମଥା, ଛାତି ଓ ପାଦରେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କର ଚିନ୍ତା କରୁ କରୁ ଅନୁରୂପ କ୍ଷତର ସୃଷ୍ଟି ହୁଏ ଏବଂ କ୍ଷତସ୍ଥାନରୁ ଏତେ ପରିମାଣରେ ରକ୍ତପାତ ହୁଏ ଯେ ତାଙ୍କ ଶରୀରର ଓଜନ ଦଶ ପାଉଣ୍ଡ କମିଯାଏ। ଡାକ୍ତର ଫ୍ରିଜ ଜାରଲିକ୍ ନାମରେ ଗୋଟିଏ ଜର୍ମାନ ପତ୍ରିକାର ସମ୍ପାଦକ ଏହା ଏକ ବିରାଟ ଧପ୍ପାବାଜି ବୋଲି ମନେକରି ସେଇ ମହିଳାଙ୍କୁ ପରୀକ୍ଷା କରିବାକୁ ଯାନ୍ତି। ସେ ସବୁ ଦେଖିଶୁଣି ଓ ପରୀକ୍ଷା କରି ସନ୍ଦେହମୁକ୍ତ ହୋଇ ଉକ୍ତ ମହିଳାର ଜଣେ ଭକ୍ତ ହୋଇଉଠନ୍ତି ଏବଂ ସ୍ୱୟଂ ସେଇ ମହିଳାର ଜୀବନୀ ଲେଖନ୍ତି। ବାରାଦି ଗ୍ରାମର ଉକ୍ତ ଘଟଣା ସଂଘଟିତ ହେବା ପୂର୍ବରୁ ଅନୁରୂପ ଆଉ ଗୋଟିଏ ଘଟଣା ଘଟେ ହିମାଇତପୁରେ। ଶ୍ରୀ ଶ୍ରୀ ଠାକୁର କିଶୋରୀମୋହନ ଦାସଙ୍କ ହିମାଇତପୁର ଶ୍ମଶାନର କଡ଼ ଦେଇ ଯାଉଥିଲେ। ଗୋଟାଏ ଗୋରୁ ସେଠାରେ ଦଉଡିରେ ବନ୍ଧା ହୋଇଥିଲା। ଗୋରୁଟା ଚରୁ ଚରୁ ବେକରେ ଦଉଡି ଲାଗିଥିବା ଅବସ୍ଥାରେ ପଦ୍ମାନଦୀର ପଠାରୁ ତଳକୁ ପଡ଼ିଯାଏ ଏବଂ ଦଉଡିରେ ନଟକି ରହିଥାଏ ଆଉ ପ୍ରାଣପଣେ ଡାକ ଛାଡୁଥାଏ। ତାର ଏଇ ଆର୍ତ୍ତନାଦ ଶୁଣି କିଶୋରୀଦା ଓ ଶ୍ରୀ ଶ୍ରୀ ଠାକୁର ଦୌଡ଼ିଯାଇ ଗୋରୁଟାକୁ ଏଇ ଅବସ୍ଥାରେ ଦେଖନ୍ତି। ଶ୍ରୀ ଶ୍ରୀ ଠାକୁରଙ୍କ ଇଙ୍ଗିତରେ କିଶୋରୀଦା ତଡ଼ିତ ବେଗରେ ଲମ୍ଫଦେଇ ତଳେ ପଡ଼ିଲେ ଓ ଗୋରୁଟାର ପଛରୁ ଧରି ଖୁବ୍ ଜୋରରେ ଉପରକୁ ଠେଲୁଥାନ୍ତି ଆଉ ଶ୍ରୀ ଶ୍ରୀ ଠାକୁର ଉପରୁ ସେଇ ଦଉଡି ଧରି ଟାଣୁଥାନ୍ତି। ଏହିପରି କରି ଅତି କଷ୍ଟରେ ଗୋରୁଟାକୁ ଉପରକୁ ଟେକାହୁଏ। ଖୁବ୍ ଜୋରରେ ଦଉଡି ଭିଡ଼ି ହୋଇଯାଇଥିବାରୁ ଗୋରୁଟିର ବେକରେ ଦଉଡିର ଦାଗର ଚିହ୍ନ ସ୍ପଷ୍ଟ ଦେଖାଯାଏ। ଗୋରୁଟାକୁ ଏହିପରି ଭାବେ ମରଣ ହାତରୁ ରକ୍ଷା କରିବା ପରେ କିଶୋରୀଦାଙ୍କର ଅଲକ୍ଷ୍ୟରେ ଶ୍ରୀ ଶ୍ରୀ ଠାକୁର ଲୁଗାର ଖୋସାଣି ଖୋଲି ସଙ୍ଗେ ସଙ୍ଗେ ନିଜ ବେକରେ ଗୁଡ଼ାଇଲେ ଏବଂ ଦୁହେଁ ଆଶ୍ରମକୁ ଫେରିଆସିଲେ। ଆଶ୍ରମକୁ ଫେରିଆସି ଶ୍ରୀ ଶ୍ରୀ ଠାକୁର ବେକରେ ଗୁଡ଼ାଇଥିବା ଲୁଗା ଖୋଲିବା ମାତ୍ରେ କିଶୋରୀଦା ଦେଖିପାରିଲେ - ବେକରେ ଦଉଡି ଦେଇ ଜୋର କରି ବାନ୍ଧିଲେ ଯେପରି ଚିହ୍ନ ପଡ଼ିଯାଏ ଶ୍ରୀ ଶ୍ରୀ ଠାକୁରଙ୍କ ବେକରେ ଅନୁରୂପ ଚିହ୍ନ ପ୍ରକାଶ ପାଉଛି। ସେ ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କୁ ପଚାରିଲେ ଆପଣଙ୍କ ବେକରେ ଏପରି ଦାଗ ଆଗରୁ ତ କେବେ ଦେଖିନି। ଏ ଦାଗ ଆସିଲା କେଉଁଠୁ? ଶ୍ରୀ ଶ୍ରୀ ଠାକୁର - ଗୋରୁଟାର ବେକରେ ଖୁବ୍ ଜୋରରେ ଦଉଡି ଟଣାର ଦାଗ ପଡ଼ିଯାଇଥିଲା। ତେଣୁ ମୋ ବେକରେ ବି ସେହିପରି ଦାଗ ହୋଇଛି। କିଶୋରୀଦା ଶ୍ରୀ ଶ୍ରୀ ଠାକୁରଙ୍କ ପାଖରୁ ଏଇ କଥା ଶୁଣି ହତଭମ୍ବ ହୋଇଗଲେ। ଭାବିବାକୁ ଲାଗିଲେ - ଏହା କିପରି ସମ୍ଭବ? ତା ହେଲେ କ'ଣ କହିବାକୁ ହେବ ଯେ ସେ ପ୍ରତ୍ୟେକ ଜୀବର ସତ୍ତା ସହ ଓତପ୍ରୋତ ଭାବେ ଜଡ଼ିତ? ସେମାନଙ୍କର ସୁଖଦୁଃଖ କଣ ନିଜର ସୁଖଦୁଃଖ ବୋଲି ଅନୁଭବ କରନ୍ତି? ଉପରୋକ୍ତ ଘଟଣାଟି ଶ୍ରଦ୍ଧେୟ କିଶୋରୀଦାଙ୍କ ପାଖରୁ ଅବଗତ ହେବାପରେ ଶ୍ରୀ ଶ୍ରୀ ଠାକୁରଙ୍କୁ ମୁଁ ନିଜେ ପଚାରି ଏ ବିଷୟରେ ସମ୍ପୂର୍ଣ୍ଣ ନିଃସନ୍ଦେହ ହୋଇଛି।


ସହ-ପ୍ରତିରତ୍ୱିକ ଓ ପୂର୍ବତନ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,


# ଶବ୍ଦ ପ୍ରଦୂଷଣ ଓ ମନୁଷ୍ୟ ଉପରେ ଏହାର କୁପ୍ରଭାବ

**।। ବିଷ୍ଣୁ ପ୍ରସାଦ ଦାସ ।।**

ପୃଥିବୀ ପୃଷ୍ଠ ରେ ଉତ୍ପନ୍ନ ହେଉଥିବା ଶବ୍ଦ ବାୟୁରେ ତରଙ୍ଗ ସୃଷ୍ଟି କରି କର୍ଣ୍ଣ ଗହ୍ୱରେ ପ୍ରବେଶ କରି କର୍ଣ୍ଣ ପରଦାକୁ ଛୁଇଁଲା ପରେ ଆମେ ଶବ୍ଦକୁ ଶୁଣିପାରୁ, ପ୍ରାକୃତିକ ଉପାୟରେ ତଥା କିଛି ଶ୍ରବଣ ଯନ୍ତ୍ର ଜରିଆରେ ଏହି ପ୍ରକ୍ରିୟା ଚାଲିଥାଏ । ପ୍ରକୃତି ମଣିଷ ସହିତ ସବୁ ଜୀବଜନ୍ତୁ , ସରୀସୃପ , ପଶୁ ପକ୍ଷୀ ମାନଙ୍କୁ କର୍ଣ୍ଣ ଦ୍ୱାରା ଶବ୍ଦ ଗ୍ରହଣ କରିବାର ବ୍ୟବସ୍ଥା କରିଛି ଓ । ତେବେ କଥା ହେଉଛି , ଆମ କର୍ଣ୍ଣ କେତେ ଉଚ୍ଚ ଶବ୍ଦ ଗ୍ରହଣ କରିବାକୁ ସକ୍ଷମ ? ଆଉ ଯଦି ଗ୍ରହଣ କରିବା କ୍ଷମତା ଠାରୁ ଅତ୍ୟଧିକ ଶବ୍ଦ ସୃଷ୍ଟି ହୁଏ ତେବେ ଆମର ମାନସିକ ସ୍ଥିତି କଣ ହେବ ? ଅନେକ ବିଜ୍ଞ , ଗୁଣି ବ୍ୟକ୍ତି ଏହାଉପରେ ପୁଙ୍ଖାନୁ ପୁଙ୍ଖ ଗବେଷଣା କରିଛନ୍ତି ଅଧୁର ମଧ୍ୟ ଚାଲିଛି । ଶବ୍ଦ ପ୍ରଦ୍ୟୁଷଣ କେବଳ ଭାରତରେ ନୁହେଁ ସାରା ପୃଥିବୀର ଏକ ଜଟିଳ ସମସ୍ୟା, ଆମ ଦେଶରେ ସରକାର ୨୪ ଏପ୍ରିଲ ୨୦୦୦ ମସିହାରେ ଶବ୍ଦ ପ୍ରଦ୍ୟୁଷଣ ନିୟମାକ ଆଇନ ପ୍ରଚଳନ କଲେ । ଦୀର୍ଘ ୨୨ ବର୍ଷ ପରେ ମଧ୍ୟ ଶବ୍ଦ ପ୍ରଦ୍ୟୁଷଣ ରୋକିବା ପାଇଁ ସେମିତି କିଛି ଆଖି ଦୃଶିଆ କାର୍ଯ୍ୟ ହୋଇନାହିଁ । ବିଭାଗୀୟ କର୍ମକର୍ତ୍ତାଙ୍କ ଆନ୍ତରିକତାର ଅଭାବ ତଥା ସରକାରଙ୍କ ଅଙ୍କୁଶ ବୋଧ ହୁଏ ଏହି ବିଭାଗ ଉପରେ କାର୍ଯ୍ୟ କରୁନାହିଁ , ନ' ହେଲେ ଖୁଲମଖୁଲା ଆମମାନଙ୍କୁ ଶବ୍ଦ ପ୍ରଦ୍ୟୁଷଣ ଜନିତ କଷ୍ଟ ସହିବାକୁ ପଡନ୍ତା ନାହିଁ ।

ଅତ୍ୟଧିକ ଶବ୍ଦ ମନୁଷ୍ୟ ତଥା ଅନ୍ୟ ପ୍ରାଣୀ ମାନଙ୍କ ପାଇଁ କ୍ଷତିକାରକ ବୋଲି ସାବ୍ୟସ୍ତ ହୋଇଛି । ମଧୁର ବାଦ୍ୟ ସଙ୍ଗୀତର ମୁର୍ଚ୍ଛନା ଆନନ୍ଦ ଦେଉଥିବା ବେଳେ ଉଚ୍ଚାଙ୍ଗ ସଂଗୀତ ମାନସିକ ଚାପ ବଢାଇଥାଏ । ବିଶେଷଜ୍ଞ ମାନଙ୍କ କହିବା କଥା ଅତ୍ୟଧିକ ଶବ୍ଦ ଆମର ଶରୀର ଉପରେ ଅନେକ କୁପ୍ରଭାବ ପକାଇଥାଏ ଯଥା : ଚାପଗ୍ରସ୍ତ,ହୃଦ୍‌ଘାତ,ଉଚ୍ଚରକ୍ତଚାପ,ଶ୍ରବଣଶକ୍ତି ଚାଲିଯିବା,ନିଦ୍ରାରେ ବ୍ୟାଘାତ, ବୋଧଶକ୍ତି ହରାଇବା , ବାଋଳାମି, ଅତ୍ୟଧିକ ମୁଣ୍ଡବ୍ୟଥା,ତଥା ସ୍ନାୟବିକ ଦୁର୍ବଳତା ଦେଖାଦେଇଥାଏ ଓ ରୋଗୀ ଓ ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ଅତ୍ୟଧିକ ଶବ୍ଦ ଗ୍ରହଣକରିବା ଖୁବ କଷ୍ଟ ଦାୟକ ତଥା ସେମାନଙ୍କୁ ମରଣାନ୍ତକ ଯନ୍ତ୍ରଣା ଦେଇଥାଏ ଓ ତେବେ ଏହି ଶବ୍ଦ କେମିତି ଆଉ କେଉଁଠାରୁ ଉତ୍ପନ୍ନ ହୁଏ ଏବଂ ଆମେ ଏହାକୁ କିପରି ନିୟନ୍ତ୍ରିତ କରିପାରିବା ସେହି ବିଷୟରେ ମୋର ସୀମିତ ଜ୍ଞାନରୁ କିଞ୍ଚିତ ଆଲୋକପାତ କରିବାକୁ ଶ୍ରେୟ ମଣୁଛି ।

ଶବ୍ଦ ଏକପ୍ରକାର ଶକ୍ତି ଏହା କମ୍ପନରୁ ସୃଷ୍ଟି, ଯେତେବେଳେ କୌଣସି ଜିନିଷ ଉପରେ କମ୍ପନ ସୃଷ୍ଟି ହୁଏ ତାହା ନିକଟରେ ଥିବା ବାୟୁ କଣିକା ଉପରେ ପ୍ରଭାବ ପକାଇଥାଏ ଏବଂ କମ୍ପିତ ବାୟୁକଣିକା ତାହା ପାର୍ଶ୍ୱବର୍ତ୍ତୀ କଣିକା ଉପରେ ପ୍ରଭାବ ପକାଏ ଏମିତି ଭାବେ ଶବ୍ଦ ତରଙ୍ଗ ସୃଷ୍ଟିକରି ଚର୍ତ୍ତୁ ପାର୍ଶ୍ୱ କୁ ବ୍ୟାପି ଥାଏ , ଠିକ ଗୋଟିଏ ଜଳାଶୟ ମଝିରେ ଗୋଟିଏ ଛୋଟ ପ୍ରସ୍ତର ଖଣ୍ଡ ନିକ୍ଷେପ କଲେ ଜଳରେ ଯେପରି ତରଙ୍ଗ ସୃଷ୍ଟି ହୁଏ, ଅଦୃଶ୍ୟ ଭାବେ ଶବ୍ଦ ତରଙ୍ଗ ବାୟୁରେ କେନ୍ଦ୍ରବିନ୍ଦୁ ଠାରୁ ନିଜର ବ୍ୟାସ ବଢ଼ାଇ ଗତିକରିଥାଏ । କମ୍ପନର ତୀବ୍ରତା ଅନୁସାରେ ବାୟୁକଣିକା ନିର୍ଦ୍ଦିଷ୍ଟ ଏକ ଦୂରତା ପର୍ଯ୍ୟନ୍ତ ଯାଇ ଧୀରେ ଧୀରେ ଦୁର୍ବଳ ହୋଇ ଶକ୍ତିହୀନ ହୋଇଯାଏ, ଶବ୍ଦର ତୀବ୍ରତା ଆମେ ଡେସିବିଲ(dB ) ରେ ମାପ କରିଥାଉ , ସାଧାରଣତଃ ଆମ ମସ୍ତିଷ୍କ । କର୍ଣ୍ଣ ଗହ୍ୱର ୭୦ ଡେସି ବିଲ ଶବ୍ଦକୁ ସହଜରେ ଗ୍ରହଣ କରିଥାଏ । ଅତିବେଶୀରେ ଏହା ୮୫ ଡେସି ବିଲ ପର୍ଯ୍ୟନ୍ତ ସହ୍ୟ କରିପାରିବ ସେ ବି ବେଶୀ ସମୟ ନୁହେଁ ଓ ସରକାରୀ ନିୟମ ଅନୁସାରେ କେହି ୬୫ ଡେସି ବିଲ ରୁ ଅଧିକ ତୀବ୍ରତାର ଧ୍ୱନି ଉତ୍ପନ୍ନ କାରି ଯନ୍ତ୍ର ବ୍ୟବହାର କରିପାରିବେ ନାହିଁ । ଶବ୍ଦର ଉତ୍ପତ୍ତିସ୍ଥଳ : ଆମେ ଶୁଣିବା ପାଇଁ ଶବ୍ଦ ତରଙ୍ଗ ୨୦ ହର୍ଜରୁ ୨୦ ହଜାର ହର୍ଜ ଭିତରେ ରହିବା ଦରକାର, ତାହାଠାରୁ ବେଶୀ ବା କମ ହେଲେ ଆମେ ଶୁଣି ପାରିବା ନାହିଁ , ଶବ୍ଦ ଅନେକ ପ୍ରକାର ୧. ଇନ୍ଫ୍ରା ସନିକ( ୨୦ ହର୍ଜ ରୁ କମ ), ୨. ସନିକ( ୨୦ ରୁ ୨୦ ହଜାର ହର୍ଜ ମଧ୍ୟରେ ) , ୩. ଅଲଟ୍ରା ସନିକ ( ୨୦ ହଜାର ହର୍ଜ ରୁ ଅଧିକ ) ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଗୋଟିଏ ମଶା କାନପାଖ ଦେଇ ଗଲେ ୨୦ ଡେସି ବିଲ ଶବ୍ଦ କରିଥାଏ , ଆମେ ହସିଲାବେଳେ ୬୦ ରୁ ୬୫ ଡେସି ବିଲ , ସାଧାରଣ କଥା ହେଲେ ୪୦ ରୁ ୫୦ ଡେସି ବିଲ , ଭ୍ୟାକୁମ କ୍ଲିନର ଚଳାଇଲେ ୭୦ ଡେସି ବିଲ , ଟ୍ରକ, ବସ, ଟ୍ରାକ୍ଟର ୮୪ ଡେସି ବିଲ , କାର, ଜିପ ଇତ୍ୟାଦି ୭୦ ରୁ ୭୫ ଡେସି ବିଲ , ଗାଡ଼ିରେ ଲାଗିଥିବା ହର୍ଣ୍ଣ ୧୦୦ ଡେସି ବିଲ, ଉଡ଼ାଜାହାଜ ୧୦୦ ରୁ ୧୩୦ ଡେସି ବିଲ ଶବ୍ଦ ଉତ୍ପନ୍ନ କରୁଥିବା ବେଳେ ଷ୍ଟେରିଓ ସାଉଣ୍ଡ ସିଷ୍ଟମ ୧୩୦ ଡେସି ବିଲ ରୁ ବି ଅଧିକ ଶବ୍ଦ ଉତ୍ପନ୍ନ କରେ ଏଥିରେ ଡ଼ି:ଯେ , ମାଇକ । ଅନ୍ୟାନ୍ୟ ସରଞ୍ଜାମ ବି ସାମିଲ ଓ ରେଳ ଗାଡି ୮୦ ରୁ ୧୦୦ ଡେସି ବିଲ ଶବ୍ଦ ଉତ୍ପନ୍ନ କରେ।

ଜ୍ଞାନୀ, ଗୁଣି, ବିଜ୍ଞ ବ୍ୟକ୍ତି ମାନେ କାହିଁକି ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁନାହାନ୍ତି ? ଅନ୍ୟାୟକୁ ଆଉ କେତେ ଦିନ ସହିବା ? ଆଜିକାଲି ଲଗାମଛଡ଼ା ଡ଼ି: ଯେ , ମାଇକ ଆଉ ଜାଣିଶୁଣି କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ଦ୍ୱାରା ଶବ୍ଦ ପ୍ରଦ୍ୟୁଷଣ ହେଉଛି ଏହାର କ'ଣ କିଛି ପ୍ରତିକାର ନାହିଁ ? ? ବିଭିନ୍ନ ଅନୁଷ୍ଠାନ ପାଇଁ ବା ରାସ୍ତାରେ ବାଜା ବଜାଇ ଶୋଭାଯାତ୍ରାରେ ଯିବା ପାଇଁ ସରକାରୀ ନିୟମ ଅନୁସାରେ ଥାନାରୁ ଅନୁମତି ମିଳେ, ସବୁ ସର୍ତ୍ତକୁ ମାନିନେଇ ଦରଖାସ୍ତ କାରି ଦସ୍ତଖତ ଦିଅନ୍ତି କିନ୍ତୁ କୁକୁର ଲାଙ୍ଗୁଡ଼ ଯେଉଁ ବଙ୍କା କୁ ସେଇ ବଙ୍କା କେହି ମାନନ୍ତି ନାହିଁ ୬୫ ଡେସି ବିଲ କୁ ବଢ଼ାଇ ୧୩୦ ଡେସି ବିଲ କରିଦିଆ ଯାଏ , ନାଳିପାଣି ହେଉ କି ଅନ୍ୟ ଜୋଶରେ ହେଉ ଅନ୍ୟର ସୁବିଧା ଅସୁବିଧା ଦେଖିବାକୁ ବେଳ ନଥାଏ ,ଉଚ୍ଚାଙ୍ଗ ସଙ୍ଗୀତର ତାଳେ ତାଳେ ଗୋଡ଼ ଖାଲି ଉଠୁ ଥାଏ କି ପଡୁଥାଏ , ଡ଼ି;ଯେ ।ଲା ବି ଖୁଶ କାରଣ ଏହା ତାଙ୍କ ପାଇଁ ଏକ ବିଜ୍ଞାପନ ସଦୃଶ ଓ କାନଫଟା ଚିତ୍କାର କ'ଣ ବନ୍ଦ କରି ଶ୍ରୁତିମଧୁର ବାଦ୍ୟ/ସଙ୍ଗୀତ ଶବ୍ଦରେ ଯାଇ ହେବ ନାହିଁ ? ଆଜିକାଲି ସବୁ ଧର୍ମାନୁଷ୍ଠାନରେ ମାଇକ ର ପ୍ରଚଳନ ବହୁଳ ଭାବେ ଦେଖିବାକୁ ମିଳେ, କୌଣସି ଧର୍ମ୍ମ ଖରାପ ନୁହେଁ କି କାହାକୁ ଛୋଟ ଭାବିବା ଉଚିତ ନୁହେଁ, ସବୁ ଧର୍ମ୍ମକୁ ମୁଁ ସମ୍ମାନଦିଏ , କିନ୍ତୁ ଭାଇ ! ଟିକେ ହୃଦୟରୁ ଚିନ୍ତା କରନ୍ତୁ ତ' କାହାରି ଇଚ୍ଛା ବିରୁଦ୍ଧରେ କାହାରି ଉପରେ କଣ ଧର୍ମ୍ମ ବା ଧର୍ମ୍ମର ବାଣୀକୁ ମାଇକ ଦ୍ୱାରା ବଳପୂର୍ବକ ଲଦିଦେବା ଠିକ ହେଉଛି କି ? ସମସ୍ତେ କିଛି ନା' କିଛି କାର୍ଯ୍ୟରେ ବ୍ୟସ୍ତ ଆପଣମାନଙ୍କ ସୁବିଧା ପାଇଁ ଆପଣ କାହିଁକି ଅନ୍ୟକୁ କଷ୍ଟ ଦେବେ ? ଘରେ ଯଦି ହନୁମାନ ଚାଳିଶା କରିବାକୁ ଡାକିବେ ତେବେ ଯେଉଁ ଗାୟକ ମାନେ ଆସିବେ ସେମାନେ ନିଶ୍ଚିତ ଭାବେ ମାଇକ ଆଣି ଅତିଉଚ୍ଚ ଶବ୍ଦ କରି ବଜାଇବେ ଯଦି ଆପଣ କହିଲେ ତେବେ ତାଙ୍କର କ୍ଷୋଭ, ପୂଜା ଆପଣଙ୍କ ଘରେ ହେଉଛି ହେଉ କିଏ ମନା କରୁଛିକି ? ତେବେ ଆପଣଙ୍କର କୌଣସି ଅଧିକାର ନାହିଁ ଯେ, ଆପଣ ଅନ୍ୟର ଶାନ୍ତି ଭଙ୍ଗ କରିବେ । ସ୍କୁଲରେ ଛୋଟ ଛୋଟ କୋମଳମତି ପିଲାଙ୍କୁ ପ୍ରାର୍ଥନା ନାମରେ ଅତି ଉଚ୍ଚ ସ୍ୱରରେ ଗାଇବାକୁ 'ମିସ' ମାନଙ୍କର ନିର୍ଦ୍ଦେଶ କାରଣ ସ୍କୁଲର ଏହା ଏକ ପ୍ରକାର ବିଜ୍ଞାପନ ତେଣିକି ପିଲାର ସ୍ୱର ଯନ୍ତ୍ର ଖରାପ ହୋଇଯାଉ ତାଙ୍କର କ'ଣ ଅଛି ? ପିଲାର ବାପା , ମା ' ସେକଥା ବୁଝିବେ ଓ ହିନ୍ଦୁ ହେଉ ବା ଅନ୍ୟ ଧର୍ମ୍ମ ହେଉ ପ୍ରାର୍ଥନା କ'ଣ ଉଚ୍ଚାଙ୍ଗ ସ୍ୱରରେ କରାଯାଏ ନା' ନୀରବରେ କରାଯାଏ ? ପ୍ରାର୍ଥନାର ମାନେ ଆଉ ସଂଜ୍ଞା ଜାଣିବା ପାଇଁ ନିଜେ ନିଜକୁ ସଜାଡ଼ିବା ଜରୁରୀୟ ହଁ! କହିବ କିଏ ? ଆଉ ଶୁଣିବ କିଏ ? ବେଶୀ କହିଲେ କହିବେ ' ଆରେ ଏଇଟା ଗୋଠ ଖଣ୍ଡିଆ ଟାଏ, କାହାରି ଭଲ ଦେଖି ପାରୁନାହିଁ ' ତେଣୁ କଥା ରେ ଅଛି ଯେ ପକ୍ଷୀ ଉଡେ ଯେତେ ଦୂର ସେ ଜାଣେ ତାହାର ବ୍ୟବହାର ଓ କାହାରି ମନରେ ଦୁଃଖ ଦେବାର ଅଭିପ୍ରାୟ ମୋର ନାହିଁ କେବଳ ସଚେତନତା ଉଦ୍ଦେଶ୍ୟରେ ଲେଖୁଛି । ଭାଇ ! ଜୀବନରେ କେବେ ସୁଯୋଗ ଯଦି ଆସେ ତେବେ କୌଣସି ବୌଦ୍ଧ ପୀଠ, ବେଲୁର ମଠ, ସ୍ୱାମୀ ବିବେକାନନ୍ଦଙ୍କ ପ୍ରାର୍ଥନା ସ୍ଥଳୀ, ଆଉ ବିଦେଶରେ ଟିକେ ଥାଇଲାଣ୍ଡ ବା ଶ୍ୟାମ ଦେଶ ବୁଲି ଆସନ୍ତୁ , ବ୍ୟାଙ୍କକ ସହର ଠିକ ମୁମ୍ବାଇ , ଦିଲ୍ଲୀ ପରି ସହର ଏଠି ଲକ୍ଷ , ଲକ୍ଷ ଗାଡି ମୋଟର ରାସ୍ତାରେ ଯା, ଆସ କରୁଥାଏ, କିନ୍ତୁ ସବୁ ନୀରବରେ, କାହାରିକୁ ହର୍ଣ୍ଣ ବଜାଇବାର ଅନୁମତି ନାହିଁ , ସ୍କୁଲ କଲେଜ ସବୁ ନିରବରେ ଚାଲେ , ଠିକ ସେଇ ପରି ଭୁଟାନ ଯାଇ ଦେଖିବା କଥା ସେଠି ବି ସେହିପରି ନୀରବତା ଆଉ ଶାନ୍ତି , ଶବ୍ଦ ପ୍ରଦ୍ୟୁଷଣ ମାତ୍ରା ଶୂନ୍ୟ , କେହି ଗାଡ଼ିରେ ହର୍ଣ୍ଣ ବଜାଇ ପାରିବେ ନାହିଁ, ସର୍ବସାଧାରଣ ସ୍ଥାନରେ ମାଇକ ତ' ଦୂରର କଥା ଉଚ୍ଚ ସ୍ୱରରେ ଟେଲିଭିଜନ କି ରେଡ଼ିଓ ବଜାଇ ପାରିବେ ନାହିଁ ଓ ଆପଣ ମାନେ ଜାଣି ପାରୁନାହାନ୍ତି ପ୍ରତିଦିନ ଶବ୍ଦପ୍ରଦ୍ୟୁଷଣ ଆମ ଜୀବନର ଆୟୁଷ ୧୫ ମିନିଟ କମାଇଦେଉଛି ବୋଲି ପଢିଥିଲି । ଯେତେବେଳେ ଡାକ୍ତରଙ୍କ ପାଖକୁ ଯାଉଛନ୍ତି, ଟଙ୍କା ଦେଇ ତା'ଙ୍କ ପରାମର୍ଶରେ ହଜାର ହଜାର ଟଙ୍କାର ଔଷଧ ଖାଉଛନ୍ତି ସେତେବେଳେ ଆପଣଙ୍କ କଷ୍ଟ କିଏ ନେଉଛି ? ? ତେଣୁ ନିଜେ ବେଳହୁଁ ସତର୍କ ହେବା ଉଚିତ , ଯେତେ ପାରିବେ ଶବ୍ଦ ପ୍ରଦ୍ୟୁଷଣରୁ ନିଜକୁ ମୁକ୍ତ ରଖନ୍ତୁ ।


ଝାଞ୍ଜିରୀ ମଙ୍ଗଳ , କଟକ ୭୫୩୦୦୯

ମୋ: ୯୯୩୭୧୭୪୦୯୭


# ଭକ୍ତି କରୁଛୁ, ତଥାପି ଦୁଃଖ ଯାଉନାହିଁ କାହିଁକି ?

**।। ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ।।**

ଏ ସଂସାରର ରୀତି ଏହିପରି ଯେ କେହି ଏଠାରେ ଦୁଃଖକଷ୍ଟ ଚାହାନ୍ତି ନାହିଁ କି ତାକୁ ଗ୍ରହଣ କରିପାରନ୍ତି ନାହିଁ। ଯଦି କେହି ଘୋର ସନ୍ତାପରେ ଅଛନ୍ତି ଏବଂ ସେଥିରୁ ମୁକୁଳିପାରୁ ନାହାନ୍ତି ତାହେଲେ ଭଗବାନଙ୍କର ଅସ୍ତିତ୍ୱ ନେଇ ମନରେ ପ୍ରଶ୍ନ ଛିଡ଼ା କରିଦିଅନ୍ତି। ଏହାପରେ ନାସ୍ତିକ ବା ଯୁକ୍ତିବାଦୀମାନଙ୍କ ସହିତ ସଙ୍ଗ ହୋଇଗଲେ ମନ ଆହୁରି ଗୋଳମାଳିଆ ହୋଇଉଠେ। ବିଶ୍ୱାସରୂପକ ବୃକ୍ଷଟି ମନ ଭିତରୁ ଉପୁଡ଼ିଯାଏ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ଆଶ୍ରିତ ମାନଙ୍କୁ ସଦାସର୍ବଦା ସୁରକ୍ଷା ଓ କୃପାବର୍ଷଣ କରୁଛନ୍ତି। ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ସତ୍‌ସଙ୍ଗୀ ମାନଙ୍କ ହୃଦୟରେ ପରୋପକାରର ଆବଶ୍ୟକତା ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରି ବିରାଜିତ। ଏହି ସ୍ତରରେ ପହଞ୍ଚିଲା ପରେ ଶ୍ରୀ ଶ୍ରୀ ଠାକୁରଙ୍କ ଆଶ୍ରିତଙ୍କ ଧୈର୍ଯ୍ୟଶକ୍ତି ବୃଦ୍ଧି ପାଇଥାଏ ଓ ରାଗ, ଅହଂକାର ଆଦି ଦୂର ହୋଇଯାଏ। ଏହାପରେ ସ୍ତର ସ୍ତର ଦେଇ ଉନ୍ନତି ପଥରେ ସେ ଯାତ୍ରା କରେ। କିନ୍ତୁ ସବୁ ଭକ୍ତ ଏହିପରି ଉପରକୁ ଉପରକୁ ଯିବାକୁ ସମର୍ଥ ହୋଇପାରନ୍ତି ନାହିଁ। ଅନେକ ଅଧାବାଟରେ ଧୈର୍ଯ୍ୟ ହରାଇ ବସନ୍ତି ଓ ବାଟ ହୁଡ଼ିଯାଆନ୍ତି। ଫଳରେ ସେମାନଙ୍କର ଉନ୍ନତି ପଥ ରୁଦ୍ଧ ହୋଇଯାଏ।

ଏହିପରି ଭକ୍ତମାନେ ମନରେ ନାନାଦି ଅଭିମାନ ପୋଷଣ କରନ୍ତି। ଆମେ ଭଗବାନଙ୍କର ଏତେ ପୂଜା ପାଠ କରୁଛୁ, ବ୍ରତ ଉପାସନା କରୁଅଛୁ, ତଥାପି ଦୁଃଖ ତ ଦୂରହେଉନାହିଁ। ଏହିକଥାକୁ ମନରେ ଧରି ସେମାନେ ଭଗବାନଙ୍କ ନିକଟରୁ ଅର୍ଥାତ୍ ଭକ୍ତି ମାର୍ଗରୁ ହୁଡ଼ି ଯାଆନ୍ତି। ସୁତରାଂ ଈଶ୍ୱରଙ୍କ କୃପାରୁ ଏହିପରି ବ୍ୟକ୍ତିମାନଙ୍କ ଭିତରେ ପ୍ରେରଣା ଜାତ କରି ସଂସାରର ପ୍ରକୃତ ବାସ୍ତବତା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥାଏ। ଏହି ଅବସରରେ ଭକ୍ତ ପ୍ରହ୍ଲାଦଙ୍କ କାହାଣୀ ଉଲ୍ଲେଖଯୋଗ୍ୟ। ଥରେ ଭାବି ଦେଖନ୍ତୁ ପ୍ରହ୍ଲାଦ କେତେ ବଡ଼ ଭକ୍ତ ନଥିଲେ! ସବୁକିଛି ହାତ ପାଆନ୍ତାରେ ଥିଲା। ତଥାପି ତାଙ୍କୁ ଏତେ କଷ୍ଟ ଓ ପୀଡ଼ା ଯାତନା ଭୋଗିବାକୁ ପଡ଼ିଲା କାହିଁକି? ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ତେବେ ଭକ୍ତର ସଂଜ୍ଞା କ'ଣ? ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନରେ ଯିଏ ଅନ୍ୟକୁ କଷ୍ଟ ଦିଏ, ସେ ଦୟାଳ ପ୍ରଭୁଙ୍କୁ କଷ୍ଟ ଦିଏ ଏବଂ ଏହାର ବିପରୀତ ଯିଏ କଷ୍ଟ ସହ୍ୟ କରେ ସେ ପ୍ରେମମୟଙ୍କ ଅତ୍ୟନ୍ତ ପ୍ରିୟ। ସେହିପରି ଆଉ ଜଣେ ଆଦର୍ଶଯୁକ୍ତ ଭକ୍ତ ଥିଲେ ମୀରାବାଇ। ତାଙ୍କ ସମ୍ପର୍କରେ ଅନେକ ଶୁଣିଥିବେ ଓ ପଢ଼ିଥିବେ। ପ୍ରହ୍ଲାଦଙ୍କ ଭଳି ଏହା ବହୁଶହ ବର୍ଷ ତଳର ପୁରୁଣା ଘଟଣା ନୁହେଁ ଯେ କାଳ୍ପନିକ ମନେ ହେବ। ମାତ୍ର ପାଞ୍ଚଶହ ବର୍ଷ ତଳର ଘଟଣା।

ମୀରାବାଈଙ୍କର କଥା ଇତିହାସରେ ମଧ୍ୟ ଉଲ୍ଲେଖ ହୋଇଛି। ସେ ରାଜ ପରିବାରର ସଦସ୍ୟ ଥିଲେ। ଭଗବାନଙ୍କୁ ପାଇବା ପାଇଁ କ'ଣ ତ୍ୟାଗ ନକଲେ। ହେଲେ ଏହି ମହତ୍ କାର୍ଯ୍ୟରେ ତାଙ୍କର ଘର ପରିବାର ଲୋକେ ସହାୟତା କରିବା ପରିବର୍ତ୍ତେ ତାଙ୍କୁ ବିରୋଧ କଲେ କାହିଁକି? ଖାଲି ବିରୋଧ ତ କଲେ ନାହିଁ ବିଷ ପିଆଇ ମାରିଦେବାକୁ ପ୍ରୟାସ କଲେ କାହିଁକି? ଏହା ଗୋଟିଏ ଜଟିଳ ପ୍ରଶ୍ନ। ତାଙ୍କର ଲୀଳା ଓ କଥାମାନ ପାଠ କରି ଭକ୍ତିଭାବରେ ରୋମାଞ୍ଚିତ ହୁଅନ୍ତୁ ଏବଂ ସଦାସର୍ବଦା ଈଶ୍ୱରଙ୍କର ସ୍ମରଣ ଓ ସାନ୍ନିଧ୍ୟରେ ରହନ୍ତୁ। ଏବେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସଶରୀରରେ ନାହାନ୍ତି ବୋଲି କେହି ଅନୁଭବ କରୁଥିଲେ ତାଙ୍କୁ ଇଷ୍ଟାନୁରାଗ ଗ୍ରନ୍ଥ ଓ ପୁସ୍ତିକା ଜୀବନ୍ତ ଚେତନାକୁ ଜାଗ୍ରତ କରିଥାଏ। ଏହି କଥାସବୁ ଜୀବନ୍ତ ଚେତନାର ଅନୁଭୂତି ଆଣିଦେବ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ କୃପାରୂପୀ ଚରଣକୁ କେବେ ମନ ଭିତରୁ ଦୂର କରନ୍ତୁ ନାହିଁ। ଯଦି ପ୍ରତିକୂଳ ସମୟ ଦେଇ ଗତି କରୁଛନ୍ତି ତାହେଲେ ତାହା ନିଜ ଜୀବନର ସବୁଠାରୁ ଅନୁକୂଳ ସମୟ ମନେ କରି ଶ୍ରୀ ଶ୍ରୀ ଠାକୁରଙ୍କ ନିକଟତର ହେବାକୁ ଚେଷ୍ଟା କରନ୍ତୁ ଏହା ଆମର ଧ୍ୟେୟ ହେଉ।


ସହପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,

ଦୂରଭାଷ : ୯୪୩୭୦୫୧୯୫୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ରାଇଘର ରଥଯାତ୍ରାରେ ଅଘଟଣ: ରଥର ଚକ ଭାଙ୍ଗିଗଲା, ଅଳ୍ପକେ ବର୍ତ୍ତିଲା ବଡ଼ ବିପଦ



ରାଇଘର, (ମହାଭାରତ) : ପବିତ୍ର ରଥଯାତ୍ରା ଅବସରରେ ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ ଘଟିଛି ଏକ ଅପ୍ରତ୍ୟାଶିତ ଅଘଟଣ। ଭକ୍ତମାନଙ୍କ ହରିବୋଲ, ଜୟ ଜଗନ୍ନାଥ ଧ୍ୱନି ଏବଂ ଭକ୍ତିମୟ ପରିବେଶ ମଧ୍ୟରେ ରଥ ଟଣା ଚାଲିଥିବା ବେଳେ ହଠାତ୍ ରଥର ଏକ ଚକ ଭାଙ୍ଗିଯାଇଥିଲା। ଏହାଫଳରେ ରଥଯାତ୍ରା କିଛି ସମୟ ପାଇଁ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଥିଲା ଏବଂ ଘଟଣାସ୍ଥଳରେ ଉପସ୍ଥିତ ହଜାର ହଜାର ଭକ୍ତଙ୍କ ମଧ୍ୟରେ ଚିନ୍ତା, ଉତ୍କଣ୍ଠା ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା।ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ରଥଟି ଧୀରେ ଧୀରେ ଆଗକୁ ବଢୁଥିବା ସମୟରେ ହଠାତ୍ ଏକ ଜୋର ଶବ୍ଦ ଶୁଣାଯାଇଥିଲା। ପରେ ଦେଖାଯାଇଥିଲା ଯେ ରଥର ଏକ ଚକ ଭାଙ୍ଗିଯାଇଛି। ଏହାପରେ ରଥକୁ ତୁରନ୍ତ ଅଟକାଇ ଦିଆଯାଇଥିଲା, ଯାହାଫଳରେ କୌଣସି ବଡ଼ ଅଘଟଣ ଘଟିନଥିଲା। ରଥ ଚାରିପାଖରେ ଥିବା ସ୍ୱେଚ୍ଛାସେବୀ, ପୋଲିସ କର୍ମଚାରୀ ଓ ପରିଚାଳନା କମିଟିର ସଦସ୍ୟମାନେ ତୁରନ୍ତ ଲୋକମାନଙ୍କୁ ସୁରକ୍ଷିତ ଦୂରତାକୁ ହଟାଇ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।ଘଟଣା ପରେ ରଥଯାତ୍ରା ପରିଚାଳନା କମିଟିର ସଦସ୍ୟ, ସ୍ଥାନୀୟ କାରିଗର ଓ ସ୍ୱେଚ୍ଛାସେବୀମାନେ ତୁରନ୍ତ ରଥର ମରାମତି କାମ ଆରମ୍ଭ କରିଥିଲେ। କିଛି ସମୟର ଉଦ୍ୟମ ପରେ ଚକକୁ ମରାମତି କରାଯାଇଥିଲା ଏବଂ ରଥକୁ ପୁଣି ଯାତ୍ରା ପାଇଁ ପ୍ରସ୍ତୁତ କରାଯାଇଥିଲା। ପରିସ୍ଥିତି ସ୍ୱାଭାବିକ ହେବା ପରେ ଭକ୍ତମାନଙ୍କ ଜୟ ଜଗନ୍ନାଥ ଧ୍ୱନି ମଧ୍ୟରେ ପୁନର୍ବାର ରଥଯାତ୍ରା ଆରମ୍ଭ ହୋଇଥିଲା। ସବୁଠାରୁ ଆଶ୍ୱସ୍ତିର ବିଷୟ ହେଉଛି, ଏହି ଘଟଣାରେ କୌଣସି ଜନହାନି କିମ୍ବା କେହି ଆହତ ହୋଇଥିବାର ସୂଚନା ମିଳିନାହିଁ। ରଥ ନିକଟରେ ବହୁ ସଂଖ୍ୟକ ଭକ୍ତ ଉପସ୍ଥିତ ଥିଲେ ମଧ୍ୟ ସମସ୍ତଙ୍କ ସହଯୋଗ ଏବଂ ତୁରନ୍ତ ପଦକ୍ଷେପ ଯୋଗୁଁ ଏକ ସମ୍ଭାବ୍ୟ ବଡ଼ ଦୁର୍ଘଟଣା ଏଡ଼ାଇ ହୋଇପାରିଛି।ଏହି ଅଘଟଣ ପରେ ସ୍ଥାନୀୟ ଅଞ୍ଚଳରେ ରଥର ନିର୍ମାଣ ଗୁଣବତ୍ତା, ରଥର ଚକ ଓ ଅନ୍ୟାନ୍ୟ ଅଂଶର ଦୃଢ଼ତା, ଏବଂ ରଥଯାତ୍ରା ପୂର୍ବରୁ ସଠିକ୍ ବୈଷୟିକ ଯାଞ୍ଚ କରାଯାଇଥିଲା କି ନାହିଁ, ସେନେଇ ବିଭିନ୍ନ ପ୍ରଶ୍ନ ଉଠିଛି। ଅନେକ ସ୍ଥାନୀୟ ବାସିନ୍ଦାଙ୍କ ମତରେ, ଏଭଳି ବଡ଼ ଧାର୍ମିକ ଆୟୋଜନ ପୂର୍ବରୁ ରଥର ସମସ୍ତ ଯନ୍ତ୍ରାଂଶର ସୁରକ୍ଷା ଓ ମଜବୁତି ସମ୍ପର୍କରେ ବିଶେଷ ଯାଞ୍ଚ କରାଯିବା ଉଚିତ।ବିଶେଷଜ୍ଞମାନଙ୍କ ମତାନୁସାରେ, ରଥଯାତ୍ରା ପରି ଏକ ବିଶାଳ ଧାର୍ମିକ ଉତ୍ସବରେ ଲକ୍ଷାଧିକ ଭକ୍ତଙ୍କ ଭାବାବେଗ ଜଡ଼ିତ ଥାଏ। ତେଣୁ ରଥ ନିର୍ମାଣ ସମୟରେ ଉଚ୍ଚମାନର କାଠ, ସଠିକ୍ କାରିଗରୀ କାମ ଏବଂ ପୂର୍ବ ପରୀକ୍ଷଣକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଏହା ସହିତ ରଥଯାତ୍ରା ଦିନ ଜରୁରୀକାଳୀନ ପରିସ୍ଥିତିକୁ ସମ୍ଭାଳିବା ପାଇଁ ସ୍ୱେଚ୍ଛାସେବୀ, ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ପ୍ରଶାସନଙ୍କ ସମନ୍ୱୟ ମଧ୍ୟ ଅତ୍ୟନ୍ତ ଜରୁରୀ।ଘଟଣା ପରେ ସ୍ଥାନୀୟ ପ୍ରଶାସନ ଓ ରଥଯାତ୍ରା ପରିଚାଳନା କମିଟି ପକ୍ଷରୁ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ଆଶା ପ୍ରକାଶ ପାଉଛି। ଏହି ଘଟଣାକୁ ନେଇ ସମଗ୍ର ରାଇଘର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ରଥର ସୁରକ୍ଷା ଓ ନିର୍ମାଣ ପ୍ରକ୍ରିୟାର ସମୀକ୍ଷା ପାଇଁ ଦାବି ଉଠୁଛି।

## ହିନ୍ଦୋଳ ସାମ୍ବାଦିକ ସଙ୍ଘର ରଥଯାତ୍ରା ପାଇଁ ଜଳଛତ୍ର ଆୟୋଜନ



ହିନ୍ଦୋଳ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ସାମ୍ବାଦିକ ସଙ୍ଘ ପକ୍ଷରୁ ରଥଯାତ୍ରା ପାଇଁ ଏକ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଆଜି ପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ଆୟୋଜିତ ଏହି ଜଳଛତ୍ର ଷ୍ଟଲ କୁ ବରିଷ୍ଠ ସାମ୍ବାଦିକ ବ୍ରହ୍ମାନନ୍ଦ ପଟ୍ଟନାୟକ ଉଦଘାଟନ କରିଥିବାବେଳେ ଢେଙ୍କାନାଳ ମେରାମୁଣ୍ଡଳୀ ସ୍ଥିତ ଟାଟା ଷ୍ଟିଲ କମ୍ପାନୀ ଅଧିକାରୀ ଭବେନ କର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସଙ୍ଘ ସଭାପତି ସୁମନ୍ତ ଦେହୁରୀ, ସମ୍ପାଦକ ପ୍ରଭାତ ରଞ୍ଜନ ପୃଷ୍ଟି, ସଦସ୍ୟ ସାମ୍ବାଦିକ ପ୍ରଦ୍ୟୁମ୍ନ ବେହେରା, ରବିନାରାୟଣ ପଟ୍ଟନାୟକ, ବିଶେଶ୍ୱର ସେଠି, ଗୌତମ ମୁଦୁଲି, କିଶୋର ପାଳ, ଧବଳ ସାହୁ, ଜଗନ୍ନାଥ ଦାସ, ଦୁଷ୍ମନ୍ତ ମିଶ୍ର, ତ୍ରିଲୋଚନ ପାଳ ପ୍ରମୁଖ ଯୋଗଦେଇଥିଲେ। ଏହି ମହତ କାର୍ଯ୍ୟକ୍ରମ ରେ ଟାଟା କମ୍ପାନୀ ସହଯୋଗ କରିଥିବାବେଳେ ହଜାର ହଜାର ଶ୍ରଦ୍ଧାଳୁ ପଥଚାରି ଜଳପାନ କରି ହିନ୍ଦୋଳ ସାମ୍ବାଦିକ ସଙ୍ଘ ର ଏହି ମହତ ସେବାର ଉଚ୍ଚ ପ୍ରଶଂସା କରିଥିଲେ।

## ସୁନା ଠକେଇ ମାମଲାର ଶୁଣାଣୀ, ୩ ଅଭିଯୁକ୍ତଙ୍କୁ ଜେଲ ଦଣ୍ଡାଦେଶ

ଆଳି, (ମହାଭାରତ) : ଆଳି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଦେବାନ ସତ୍ୟଦର୍ଶୀ ନନ୍ଦ ଏକ ସୁନା ଥକେଇ ଘଟଣାର ବିଚାର କରି ତିନି ଜଣ ଠକଙ୍କୁ ଜେଲ ଦଣ୍ଡାଦେଶ ଦେଇଛନ୍ତି । ସୂଚନା ମୁତାବକ ରାଜକନିକା ଥାନା ଭାମଣ୍ଡା ଗ୍ରାମ ର ବିକାଶ କୁମାର ମହାପାତ୍ରଙ୍କ ଘରେ ତିନି ଜଣ ଠକ ସୁନା ସଫା କରିବା ଆଳରେ ସୁନା ଲୁଟ କରି ପରିବାର ଲୋକଙ୍କୁ ପିତଳ ଦେଇ ଦେଇଥିଲେ । ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ବଡବାରିସାହି ଗ୍ରାମ,ଦୁର୍ଯ୍ୟଧନ ସାହୁ ପ୍ରମୋଦ ସାହୁ ଓ ପ୍ରଶାନ୍ତ ସାହୁ ଗତ ଏପ୍ରିଲ ୫ ତାରିଖରେ ବିକାଶଙ୍କ ଘରେ ସୁନା ସଫା ଆଳରେ ସୁନା ନେଇ ପିତଳ ଦେଇ ଥିଲେ। ଏହାକୁ ନେଇ ସେ ରାଜକନିକା ଥାନାରେ ମାମଲା ରୁଜୁ କରିଥିଲେ । ପୋଲିସ କେସ ନଂ ୧୮୬/ ୨୬ ରେ ମାମଲା ରୁଜୁ କରିଥିଲା । ଏ ନେଇ ଜି ଆର କେସ ନଂ ୩୦୫ /୨୬ ରେ ଆଳି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ମାମଲା ବିଚାରାଧୀନ ରହିଥିଲା। ଏହି କେଶ ରେ ଭାରତୀୟ ନ୍ୟାୟ ସଂହିତା ( ଇଘଙ ) ଦଫା ୩୧୮ ( ୪ ), ୬୧ ( ୨ ), ୩ ( ୫ ) ରେ ଚାର୍ଜଫ୍ରେମ ହୋଇ ସମସ୍ତ ୭ ଜଣ ସାକ୍ଷ୍ୟ ପ୍ରମାଣ କୁ ଗ୍ରହଣ କରି ମାନ୍ୟବର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଶ୍ରୀ ଦେବାନ ସତ୍ୟଦର୍ଶୀ ନନ୍ଦ ତିନି ଅଭିଯୁକ୍ତଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮ (୪ ) ଓ ୩ ( ୫ ) ରେ ଅଭିଯୁକ୍ତ ମାନଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ସାଧାରଣ କାରବାସ ସହ ୧୦ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଅଧିକ ୧ ମାସ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲେଖ ରହିଛି କ୍ଷ ଏହା ଛଡା ଭାରତୀୟ ନ୍ୟାୟ ସଂହିତାର ଧାରା ୬୨ ( ୨ ) ରେ ୬ ମାସ ସାଧାରଣ କାରବାସ ସହିତ ୫ ହଜାର ଟଙ୍କା ଜୋରିମାନା ଦେବାକୁ ରାୟ ରେ ଉଲେଖ ରହିଛି । ଜୋରିମାନା ଅନାଦେୟ ହେଲେ ଅଧିକ ଏକ ମାସ ସାଧାରଣ କାରବାସ ଅଭିଯୁକ୍ତ ମାନଙ୍କୁ ଦଣ୍ଡ ବିଧାନ ହୋଇଛି । ସରକାରଙ୍କ ତରଫରୁ ଏହି କେଶକୁ (ଏପିପି) ଆଡ଼ଭୋକେଟ ପ୍ରଦୀପ୍ତ କୁମାର ରାୟ ପରିଚାଳନା କରୁଥିଲେ।

## ମଦ ଦୋକାନରେ ଲାଗିଲା ରଥଯାତ୍ରା ଅଫର ବ୍ୟାନର ବୁଦ୍ଧିଯିବିଙ୍କ ମହଲରେ ତୀବ୍ର ଅସନ୍ତୋଷ

ଆଳି, (ମହାଭାରତ) : ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଓଡ଼ିଆ ଜାତି ଚାତକ ଭଳି ଚାହିଁ ବସିଥିବା ବେଳେ ଗୁରୁବାର ଦିନ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ସୁଭଦ୍ରା ରଥରେ ବିରାଜମାନ କରି ଭକ୍ତ ମାନଙ୍କୁ ଦର୍ଶନ ଦେଇଛନ୍ତି । କିନ୍ତୁ ଏଭଳି ଏକ ପବିତ୍ର ଦିନରେ ଆଳି ଭୂଇଁପୁର ରୋଡ଼ରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନର ମାଲିକ ରଥଯାତ୍ରା ଅଫର ରଖି ଦୋକାନ ସମ୍ମୁଖରେ ଏକ ବ୍ୟାନର ଟଙ୍ଗାଇ ଥିଲେ । ଏହି ବ୍ୟାନରରେ କେଉଁ ମଦ ଉପରେ କେତେ ଅଫର ରହିଛି ତାହା ବ୍ୟାନରରେ ଲେଖା ଥିବା ଦେଖିବାକୁ ମିଳିଛି । ରଥଯାତ୍ରା ଭଳି ପବିତ୍ର ଦିନରେ ମଦ ଦୋକାନ ପକ୍ଷରୁ ଏଭଳି ଅଫର ସହିତ ବ୍ୟାନର ମରାଯିବା ଘଟଣା ବୁଦ୍ଧିଯିବି ମାନଙ୍କ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ରାଜ୍ୟ ସରକାର ନିଶା ଠାରୁ ଦୁରେଇ ରହିବା ନିମନ୍ତେ ସ୍କୁଲ କଲେଜ ସହ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହଯୋଗରେ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ କରିବା ନିମନ୍ତେ ନିଷ୍ପତି ନେଇଛନ୍ତି । ସରକାର ଯୁବପିଢ଼ିଙ୍କୁ ମଦ ଠାରୁ ଦୁରେଇ ରଖିବା ନିମନ୍ତେ ପ୍ରଚେଷ୍ଟା କରୁଥିବା ବେଳେ ମଦ ଦୋକାନ ପକ୍ଷରୁ ରଥଯାତ୍ରା ଅଫର ବ୍ୟାନର ଲଗାଇବା ଘଟଣା ଯୁବପିଢ଼ି ମାନଙ୍କୁ ଆକୃଷ୍ଟ କରିବା ଘଟଣାକୁ ଆଳି ଅଞ୍ଚଳର ବୁଦ୍ଧିଯିବି ମାନେ ନିନ୍ଦା କରିଛନ୍ତି । ଏହି ଘଟଣା ରଥଯାତ୍ରା ଭଳି ଦିନରେ ଧାର୍ମିକ ମନୋଭାବ ଉପରେ କୁଠାର ଘାତ କରିଛି । ମଦ ଦୋକାନର ଏଭଳି ହୀନ ବ୍ୟବସାୟିକ ଉଦ୍ୟମକୁ ସାଧାରଣରେ ନିନ୍ଦା କରାଯାଇଛି ।

## ମଲ୍ଲୀପଶି ରଥଯାତ୍ରା ଭକ୍ତ ଙ୍କୁ ଦର୍ଶନ ଦେଲେ ତିନି ଠାକୁର

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ଅନ୍ତର୍ଗତ ମଲ୍ଲୀପଶି ରଥଯାତ୍ରା କମିଟି ପକ୍ଷ ରୁ ମଲ୍ଲୀପଶି ରେ ରଥଯାତ୍ରା ଅନୁଷ୍ଠିତ ହୋଇ ଛି। ଏହି ରଥଯାତ୍ରା କୁ ଆଦିତ୍ୟ ବାହାନି,କଲେଜ ଏନ.ସି.ସି କ୍ୟାଡ଼ର,ପୋଲିସ ପକ୍ଷ ରୁ ସେବା ଯୋଗାଇ ଦେଇ ଛନ୍ତି। ତିନି ରଥ ଉପରେ ମହାପ୍ରଭୁ ବିରେଜ ମାନେ କରି ଥିଲେ। ତିନି ରଥ ଉପରେ ବିରେଜ ମାନ ଠାକୁର ଙ୍କୁ ରାଜା ରବି ନାରାୟଣ ସିଂ ରଥ ଚତୃପାର୍ଶ୍ୱ ଛେରା ପଅଁରା କରିଥିବା ବେଳେ ତିନି ଠାକୁର ଙ୍କୁ ହଜାର ହଜାର ଭକ୍ତ ଙ୍କ ସହ ସାଂସଦ ଅନନ୍ତ ଚରଣ ନାଏକ,ପୂର୍ବତନ ବିଜେଡି ବିଧାୟକ ଜଗନ୍ନାଥ ନାଏକ, ସହିତ କେନ୍ଦୁଝର ରାଜା ଙ୍କ ସେବାୟତ ପ୍ରହ୍ଲାଦ ମହାନ୍ତ ଦର୍ଶନ କରିଛନ୍ତି। ଏହି ରଥଯାତ୍ରା ଭକ୍ତ ଓ ଭଗବାନ ମଧ୍ୟରେ ମିଳନ ଦେଖିବାକୁ ମିଳି ଛି ।

## ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ଘୋଷଯାତ୍ରା ପାଳିତ

ଗଣିଆ, (ମହାଭାରତ): ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ପବିତ୍ର ଘୋଷଯାତ୍ରା ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ଓ ଭକ୍ତିମୟ ପରିବେଶ ମଧ୍ୟରେ ଗୁରୁବାର ଦିନ ପାଳିତ ହୋଇଥିଲା । ଗଣିଆ ସଦର ମହକୁମା ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରୁ ଚତୁର୍ଦ୍ଧାମୂର୍ତ୍ତି ରଥାରୁଢ଼ ହୋଇ ପାରମ୍ପରିକ ରୀତିନୀତି ଅନୁଯାୟୀ ଗ୍ରାମ ଓ ମୁଖ୍ୟ ବଜାର ପରିକ୍ରମା କରିଥିଲେ। ପରେ ଭକ୍ତଙ୍କ ହରିବୋଲ ଓ ହୁଳହୁଳି ଧ୍ୱନି ମଧ୍ୟରେ ରଥ ବ୍ଲକ ନିକଟସ୍ଥ ମାଉସୀ ମା' ମନ୍ଦିର ପରିସରରେ ପହଞ୍ଚିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗଣିଆ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ବେଳେ ସ୍ଥାନୀୟ ଅଗ୍ନିଶମ ବାହିନୀ ଏବଂ ବିଦ୍ୟୁତ ବିଭାଗ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ। ସେହିପରି ରାସଙ୍ଗ ପଞ୍ଚାୟତ ଓସ୍ତିଆ ଗ୍ରାମର ରଥଯାତ୍ରା ଚଳିତ ବର୍ଷ ବିଶେଷ ଆକର୍ଷଣ ସାଜିଥିଲା। ବିଗତ ୧୫ ବର୍ଷ ହେଲା ମୁଖ୍ୟ ପୁରୋଧା ବିନାୟକ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ ଯେ, ପ୍ରଥମ ବର୍ଷ ମାଟି ମୂର୍ତ୍ତି ଗଢ଼ି ପୂଜାର୍ଚ୍ଚନା କରାଯାଉଥିବା ବେଳେ ଶ୍ରୀ ମିଶ୍ରଙ୍କୁ ପୁରୀ ଚନ୍ଦନପୁରରୁ ଚାରି ବିଗ୍ରହ ଆଣିବା ପାଇଁ ସ୍ୱପ୍ନାଦେଶ ହୋଇଥିଲା,ସେହିଦିନ ଠାରୁ ଗ୍ରାମର ମଙ୍ଗଳ ଓ କଲ୍ୟାଣ କାମନା କରି ଏହି ରଥଯାତ୍ରା ପ୍ରତିବର୍ଷ ବଡ଼ ଧୂମଧାମରେ ଚାଲୁରହିଛି। ଏହା ସହିତ ଛାମୁଣ୍ଡିଆ ପଞ୍ଚାୟତର ବେଠିଆସାହି, ବେଲପଡ଼ା ପାଟଣା ଓ ଜଗନ୍ନାଥ ପ୍ରସାଦ ଗ୍ରାମରେ ମଧ୍ୟ ଶ୍ରଦ୍ଧାଳୁଙ୍କ ସମାଗମରେ ଘୋଷଯାତ୍ରା ବେଶ୍ ଧୂମଧାମରେ ପାଳିତ ହୋଇ ଥିଲା । ସମସ୍ତ ଅଞ୍ଚଳରେ ମହାପ୍ରଭୁ ଜଗନ୍ନାଥଙ୍କ ଗାନ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ।

## ପାରଳାଖେମୁଣ୍ଡିରେ ରଥଯାତ୍ରା ଧୁମଧାମରେ ପାଳିତ

ଗଜପତି, (ମହାଭାରତ): ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ରଥଯାତ୍ରା ମହା ସମାରୋହରେ ପାଳିତ ହୋଇ ଯାଇଛି। ଦକ୍ଷିଣ ଓଡ଼ିଶାର ସବୁଠାରୁ ବଡ଼ ରଥଯାତ୍ରା ପାରଳାଖେମୁଣ୍ଡିରେ ଅନୁଷ୍ଠିତ ହୋଇ ଯାଇଛି ।ପାଗ ଶୁଖିଲା ଥିବାରୁ ଭକ୍ତ ମାନେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ସକାଶେ ଆସିଥିଲେ। ସକାଳୁ ଠାକୁରଙ୍କ ଯଥା ନୀତିକାନ୍ତି ଶେଷ ପରେ ତିନିରଥର ପ୍ରତିଷ୍ଠା କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା। ୧୨ ତିରିଶ ମିନିଟ ଠାରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପହଣ୍ଡି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ଏବଂ ତାପରେ ମହାଦେଇ କଲ୍ୟାଣି ଗଜପତି ତିନି ରଥରେ ଛେରା ପହଁରା କରିଥିଲେ। ଅପରାହ୍ନ ସାଢ଼େ ୪ ଘଣ୍ଟା ସମୟରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା ରଥ ଟଣା ସମୟରେ ବିଭିନ୍ନ ସାଂସ୍କୃତିକ ଦଳ ସଂକୀର୍ତ୍ତନ ଦଳ ନୃତ୍ୟ କୀର୍ତ୍ତନ ସହ ପାରମ୍ପରିକ ନୃତ୍ୟ ଦେଖିବାକୁ ମିଳିଥିଲା ରଥ ଟାଣିବା ପାଇଁ ହଜାର ହଜାର ଭକ୍ତ ମାନେ ସାମିଲ ହୋଇଥିଲେ। ମାଆ ସୁଭଦ୍ରାଙ୍କ ରଥକୁ ମହିଳା ମାନେ ଟାଣି ଥିଲେ।

## ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକର ଅଲାରିଗଡ଼ ଗ୍ରାମରେ ଚକ୍ମିତ ହେଲା ରଥଯାତ୍ରା, ବ୍ରହ୍ମପୁର ସାଂସଦ ଦେଲେ ଛେରା ପହଁରା

ହିଞ୍ଜିଳି କାଟୁ (ମହାଭାରତ ) : ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ଅନ୍ତର୍ଗତ ଅଲାରିଗଡ଼ ଗ୍ରାମରେ ପବିତ୍ର ରଥଯାତ୍ରା ନିଆରା ଢଙ୍ଗରେ ପାଳିତ ହୋଇଛି ।ଏହି ଅବସରରେ ରାଜା ବେଶରେ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ ପାଣଗ୍ରାହୀ ଛେରା ପହଁରା କରି ଉପସ୍ଥିତ ଭକ୍ତମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ଘଣ୍ଟ, ମୃଦଙ୍ଗ ଓ ହରିନାମ କୀର୍ତ୍ତନରେ ସମଗ୍ର ଅଲାରିଗଡ଼ ଗ୍ରାମ ଆଧ୍ୟାତ୍ମିକ ପରିବେଶରେ ମୁଖରିତ ହୋଇଉଠିଥିଲା । ଗ୍ରାମବାସୀମାନେ ପାରମ୍ପରିକ ରୀତିନୀତି ଅନୁଯାୟୀ ରାଜାଙ୍କୁ ପାଛୋଟି ଆଣି ରଥ ଉପରକୁ ନେଇଥିଲେ ।ପରେ ରାଜା ବେଶରେ ଡ଼ଃ ପ୍ରଦୀପ ପାଣଗ୍ରାହୀ ଛେରା ପହଁରା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା କରିଥିଲେ ।ଏହି ପବିତ୍ର ଉତ୍ସବରେ ଶେରଗଡ଼ ବ୍ଲକର ଅଞ୍ଚଳର ଯୁବବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ (ପିଣ୍ଟୁ) ସହ ଶେରଗଡ଼ ବ୍ଲକର ବହୁ ସ୍ଥାନୀୟ ଜନ ସଧାରଣ ଅଂଶଗ୍ରହଣକରିଥିଲେ ।



## ବାପା ସାଜିଲା ଜଲ୍ହାଦ

କପ୍ତିପଦା, (ମହାଭାରତ ) : ବାପା ସାଜିଲା ଜଲ୍ହାଦ। ଦୁନିଆ କଣ ଜାଣି ନ ଥିବା ୪ ବର୍ଷର ଜନ୍ମ କଲା ପୁଅକୁ କଟୁରୀରେ ହାଣି ହତ୍ୟାକଲା ବାପା। ଏଭଳି ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି ମୟୁରଭଞ୍ଜ ଜିଲ୍ଲା ଶରତ ଥାନା ପୁରୁଣାପାଣି ଗ୍ରାମରେ। ଗ୍ରାମର ସୋହନ ସିଂ ଆଜି ସକାଳୁ ତାଙ୍କର ୪ ବର୍ଷର ପୁଅ ଦୁମ୍ବି ସିଂ ଙ୍କୁ କଟୁରୀରେ ହାଣି ହତ୍ୟା କରିଛି। ଘରେ କେହି ନଥିବା ବେଳେ ସୋହନ ତାଙ୍କର ୪ ବର୍ଷର ପୁଅ ଦୁମ୍ବି ସିଂ ଙ୍କୁ ଘର ଭିତରେ ପୁରେଇ କଟୁରୀରେ ହାଣିଥିଲେ ।କଟୁରୀରେ ହାଣିବା ପରେ କବାଟ ବାହାର ପଟୁ ବନ୍ଦ କରିଦେଇଥିଲେ। ତେବେ ଦୁମ୍ବି ଙ୍କ ମା ସୁକାନ୍ତି ଘରେ ପହଞ୍ଚିବା ପରେ କବାଟ ବନ୍ଦ ଥିବା ତାଙ୍କ ପୁତୁରାକୁ କହିଥିଲେ ।ପରେ ସେ ଯାଇ କବାଟ ଖୋଲିବା ପରେ ଗୁରୁତର ଅବସ୍ଥାରେ ନାବାଳକ ଜଣକ ଘର ଭିତରେ ପଡିଥିବାର ଦେଖି ତାଙ୍କୁ ଚିକିତ୍ସା ନିମନ୍ତେ ଶରତ ଡାକ୍ତରଖାନା ଓ ପରେ ଉଦଳା ଡାକ୍ତରଖାନା ଆଣିଥିବା ସତ୍ୱେ ତାର ମୃତ୍ୟୁ ହୋଇଯାଇଥିଲା ।ସେପଟେ ପୁଅକୁ ମାରିସାରିବା ପରେ ବାପା ଫେରାର ହେଇଯାଇଛି। ତେବେ କେଉଁ କାରଣରୁ ବାପା ଏଭଳିଆ କାଣ୍ଡ ଭିଆଇଛି ତାହା ଜଣାପଡିନଥିବା ବେଳେ ସେ ପାଗଳ ହୋଇଯାଇଛନ୍ତି ବୋଲି ସ୍ତ୍ରୀ ସୁକାନ୍ତି କହିଛନ୍ତି। ତେବେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଡୁମୁରିପଦର ରେଳ ବ୍ରିଜରେ ଗାର୍ଡର ଲଞ୍ଚିଂ

ଲକ୍ଷ୍ମୀପୁର,(ମହାଭାରତ) : ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ଡୁମୁରିପଦର ଗ୍ରାମ ନିକଟରେ ଜାତୀୟ ରାଜପଥ ଏନଏଚ-୩୨୬ ଉପରେ ନିର୍ମାଣାଧୀନ ରେଳ ବ୍ରିଜର ଦୁଇଟି ଗାର୍ଡର ଲଞ୍ଚିଂ କାର୍ଯ୍ୟ ଆସନ୍ତା ଜୁଲାଇ ୧୭ ଓ ୧୮ ତାରିଖରେ ସମ୍ପନ୍ନ ହେବ। ରେଳ ପ୍ରକଳ୍ପର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ହୋଇଥିବାରୁ କାର୍ଯ୍ୟ ସମୟରେ ସର୍ବୋଚ୍ଚ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ପ୍ରଶାସନ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଉଭୟ ଦିନ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଗାର୍ଡର ଲଞ୍ଚିଂ କାର୍ଯ୍ୟ ଚାଲିବ। ଏହି ସମୟ ମଧ୍ୟରେ ସୁରକ୍ଷା ଦୃଷ୍ଟିରୁ ଡୁମୁରିପଦର ନିକଟସ୍ଥ ଘଏ-୩୨୬ରେ ସମସ୍ତ ପ୍ରକାର ଯାନବାହନ ଚଳାଚଳ ସାମୟିକ ଭାବେ ବନ୍ଦ ରହିବ। ଫଳରେ ଏହି ରାସ୍ତାରେ ଚଳାଚଳ କରୁଥିବା ଯାତ୍ରୀ ଓ ମାଲବାହୀ ଯାନଗୁଡ଼ିକୁ ବିକଳ୍ପ ମାର୍ଗ ବ୍ୟବହାର କରିବାକୁ ପଡ଼ିବ। ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଏହି ଦୁଇଦିନ ତୟାପୁଟ ଛକରୁ ସମସ୍ତ ଯାନବାହନକୁ ଡାଇଭର୍ସନ କରାଯାଇ ମୁରକାର,ଦଶମନ୍ତପୁର,ପଞ୍ଚଡା ରାସ୍ତା ଦେଇ ଯାତାୟାତ କରାଯିବ। ଏହି ଅସ୍ଥାୟୀ ଟ୍ରାଫିକ ବ୍ୟବସ୍ଥା କେବଳ ଗାର୍ଡର ଲଞ୍ଚିଂ କାର୍ଯ୍ୟ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ପାଇଁ କରାଯାଇଥିବା ସୂଚନା ମିଳିଛି।

## ହଜାର୍ ହଜାର ଭକ୍ତଙ୍କ ଭିତରେ ମହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷ ଯାତ୍ରା ପାଳିତ

ଯୋଡ଼ା, (ମହାଭାରତ) : ଯୋଡା ପୌରାଞ୍ଚଳରେ ମହା ଆଡମ୍ବରରେ ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଘୋଷ ଯାତ୍ରା ପାଳିତ ହୋଇ ଯାଇଛି । ହଜାର୍ ହଜାର ଲୋକଙ୍କ ସମାଗମ ରେ ଯୋଡା ଶ୍ରୀ ଜଗନ୍ନାଥ ମନ୍ଦିର ରୁ ରଥ କୁ ଟାଣି ଶ୍ରଦ୍ଧାଳୁ ମାନେ ପଶ୍ଚିମ ଯୋଡା ସ୍ଥିତ ମାଉସୀ ମା ମନ୍ଦିର ଅଭିମୁଖେ ପହଞ୍ଚାଇ ଥିଲେ ।ଅପରାହ୍ନ ୫ ଟା ବେଳେ ପହଣ୍ଡି ,ଏବଂ ଛେରା ପହଁରା ପରେ ରଥ ଟଣା ଆରମ୍ଭ ହୋଇ ଥିଲା ।ଶ୍ରୀ ଜଗନ୍ନାଥ ମନ୍ଦିର ର ପୂଜକ ନିରଞ୍ଜନ ପଣ୍ଡା ଓ ପ୍ରଦୀପ କୁମାର ମିଶ୍ର କହିଛନ୍ତି ଯେ,ରଥ ଯାତ୍ରା ଉପଲକ୍ଷେ ସମସ୍ତ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା ପରେ ଚତୁର୍ଦ୍ଧା ମୂର୍ତ୍ତି ରଥ ।ରୁଢ଼ ହୋଇ ମାଉସୀ ମା ମନ୍ଦିର କୁ ଯାଇଥିଲେ । ରଥ ଉପରେ ଜୟ ଜଗନ୍ନାଥ ଧ୍ୱନି ରେ ସହର ପ୍ରକମ୍ପିତ ହୋଇ ଉଠି ଥିଲା ।ଏତଦବ୍ୟତୀତ ଯୋଡା ର ବିଶ୍ୱ ହିନ୍ଦୁ ପରିଷଦ,ବଜରଙ୍ଗ ଦଳ,ମାରୱାଡ଼ି ଯୁବ ମଞ୍ଚ,ଏବଂ ବିଭିନ୍ନ ସ୍ୱେଚ୍ଛ ।ସେବୀ ସଂଗଠନ,ଏଥିରେ ଶ୍ରଦ୍ଧାଳୁ ଙ୍କୁ ସେବା ଯୋଗାଇବା ସହ ରଥ ଟଣା । କୁ ସୁଚାରୁ ରୂପେ କରିଥିଲେ । ଯୋଡା ପୋଲିସ ପକ୍ଷରୁ ସୁଶାନ୍ତ ପ୍ରଧାନ,ଏ ଏସ ଆଇ ଅଜୟ ମୁଣ୍ଡୁ ଙ୍କ ନେତୃତ୍ୱ ରେ ଟାଟା କମ୍ପାନୀ ର ଘରୋଇ ସୁରକ୍ଷା କର୍ମୀ ନିୟୋଜିତ ରହି ଆଇନ ଶୃଙ୍ଖଳା ପରିସ୍ଥିତି କୁ ନିୟନ୍ତ୍ରଣ କରି ଥିଲେ ।ସନ୍ଧ୍ୟା ପର୍ଯ୍ୟନ୍ତ ପାଗ ଶୁଖିଲା ଥିଲେ ହେଁ ରଥ ଟଣା କାର୍ଯ୍ୟ ଶେଷ ପର୍ଯ୍ୟାୟ ରେ ପହଞ୍ଚିଲା ବେଳକୁ ଗୁଲୁ ଗୁଳି ରୁ ରକ୍ଷା କରିବା ପାଇଁ ପ୍ରଭୁ ଜଗନ୍ନାଥ ଯେପରି ଇନ୍ଦ୍ରଦେବ ଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏଥିରେ ଶ୍ରଦ୍ଧାଳୁ ମାନେ ଆହୁରି ଭାବ ବିହ୍ୱଳ ହୋଇ ଉତ୍ସାହିତ ହୋଇ ରଥ ଟାଣି ନେଇଥିଲେ ।ସେହିପରି ଯୋଡା ବ୍ଲକ୍ ର ଶିଆଳିଯୋଡା,ପୁରୁଷୋତ୍ତମପୁର,ବିଛା କୁଣ୍ଡି,ବାମେବାରି , କମଲପୁର, କାଳୀ ମାଟି,ପ୍ରଭୃତି ଅଞ୍ଚଳରେ ରଥ ଯାତ୍ରା ଅନୁଷ୍ଠିତ ହୋଇ ଯାଇ ଥିବା ଖବର ହସ୍ତଗତ ହୋଇଛି ।ସୂଚନାଯୋଗ୍ୟ ଯେ, କାଳୀମାଟି - ଦବୁନ। ରାସ୍ତା କାଦୁଅ ପଙ୍କରେ ଭର୍ତ୍ତି ହୋଇଥିଲେ ହେଁ ରଥ ଟାଣ ରେ ଶ୍ରଦ୍ଧାଳୁ ଙ୍କ ତିଳେ ମାତ୍ର ଉତ୍ସାହ କମି ନ ଥିଲା ।ସେହିପରି ଏହି ସଡକ ପଥ ଟି ଖଣିଜ ଭାରି ଯାନ ଚଳାଚଳ ପାଇଁ କାଦୁଅ ପଙ୍କ ହୋଇ ଥିବା ହେତୁ ରଥ ଟଣା ରେ ସନ୍ଧ୍ୟା ପ୍ରାୟ ୭.୩୦ ମିନିଟ ପର୍ଯ୍ୟନ୍ତ ଚାଲି ଥିଲା ବୋଲି ଶ୍ରଦ୍ଧାଳୁ ପରମେଶ୍ୱର ନାଏକ,ବଳଭଦ୍ର ପାତ୍ର, ରାଇମଣି ମୁଣ୍ଡା, ଡୁକୁର। ମୁଣ୍ଡା,ପ୍ରମୁଖ କହିଛନ୍ତି ।ସେମାନେ କହିଛନ୍ତି ଯେ,କିଛି ଦିନ ପୂର୍ବରୁ ମାଟି ପକାଇ ରାସ୍ତା ନିର୍ମାଣ କରାଯାଇଥିଲା ହେଁ ବର୍ଷା ଯୋଗୁଁ କାଦୁଅ ପଙ୍କ ରେ ଭର୍ତ୍ତି ହୋଇ ଯାଇଛି ।ସୂଚନା ଯୋଗ୍ୟ ଯେ, ଗତ ବର୍ଷ ରଥ ଯାତ୍ରା ରେ କାଦୁଅ ରେ ରଥ ଚକା ଭାଙ୍ଗି ଯିବାରୁ ଜିଉ ମାନଙ୍କୁ କାନ୍ଧରେ ବୋହି ମାଉସୀ ମା ମନ୍ଦିର କୁ ନିଆ ଯାଇଥିଲା ।





# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଆସିକା ପୌର ପରିଷଦରେ ନମସ୍ତେ କାର୍ଯ୍ୟକ୍ରମରେ ସମ୍ମାନିତ ହେଲେ ସଫେଇ କର୍ମଚାରୀ



ଆସିକା(ମହାଭାରତ):ଆସିକା ପୌର ପରିଷଦ ପକ୍ଷରୁ'ନମସ୍ତେ ଦିବସ' କାର୍ଯ୍ୟକ୍ରମ ପୌର ପରିଷଦ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଅଧକ୍ଷା ବିନେତା ସ୍ୱାଇଁ, ଉପାଧକ୍ଷା ଜୟନ୍ତୀ ବିଷୋୟୀ, କାଉନସିଲର ସୁଜାତା ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ । ସହରାଞ୍ଚଳର ସଫେଇ କର୍ମଚାରୀମାନଙ୍କୁ ସମ୍ମାନ, ସୁରକ୍ଷା ଓ କଲ୍ୟାଣ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ଦିବସ ଭାବରେ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଫେଇ କର୍ମଚାରୀଙ୍କ ପାଇଁ ଓ ପିପିଇ କିଟ୍ ବଣ୍ଟନ କରାଯାଇଥିଲା ।ସହରକୁ ସ୍ୱଚ୍ଛ ରଖୁଥିବା ପରିମଳ କର୍ମୀଙ୍କୁ ସାମାଜିକ ସ୍ତରରେ ସମ୍ମାନିତ କରାଯାଇଥିଲା ଓ ସୁରକ୍ଷିତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବାକୁ ପ୍ରଶିକ୍ଷଣ ଓ ଆଧୁନିକ ସ୍ୱଚ୍ଛତା ଉପକରଣ ଏବଂ ପିପିଇ ବଣ୍ଟନ କରାଯାଇଥିଲା ଓ ସହରବାସୀଙ୍କ ମଧ୍ୟରେ ସ୍ୱଚ୍ଛତା ଏବଂ ସଫେଇ କର୍ମୀଙ୍କ ଅବଦାନ ନେଇ ସଚେତନତା ରହିବା ପାଇଁ ଅତିଥି ମାନେ ମତ ରଖି ଥିଲେ । ଏହି କାର୍ଯ୍ୟକ୍ରମ ରେ ଅଜିତ ପଟ୍ଟନାୟକ, ଦୀପ୍ତି ରାଣୀ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ତୁଳସୀ ଓ ଶାଳ କାଠରେ ଗଢ଼ିଲେ ତିନି ରଥ

ଧାମନଗର.(ମହାଭାରତ) ପବିତ୍ର ରଥ ଯାତ୍ରା ଅବସରରେ ଚୁଡ଼ାକୁଟି ପଞ୍ଚାୟତ ସୋରିଷଡିହ ଗ୍ରାମର ଶିଳ୍ପୀ ଗୋପାଳ ସାମଲ ତାଙ୍କ ନିଆରା କାରିଗରି ପାଇଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ଅଗାଧ ଭକ୍ତି ଓ ଶ୍ରଦ୍ଧାର ପ୍ରତୀକ ସ୍ୱରୂପ ସେ ତୁଳସୀ ଓ ଶାଳ କାଠରେ ନନ୍ଦିଘୋଷ, ତାଳଧ୍ୱଜ ଏବଂ ଦର୍ପଦଳନ ରଥର ପ୍ରାୟ ୪ ସେଣ୍ଟିମିଟରର ଉଚ୍ଚତା ବିଶିଷ୍ଟ ପ୍ରତିକୃତି ନିର୍ମାଣ କରିଛନ୍ତି । ବିଶେଷ କଥା ହେଲା, ଏହି କ୍ଷୁଦ୍ର ରଥଗୁଡ଼ିକ ଦଉଡ଼ି ବାନ୍ଧି ଟାଣିଲେ ପ୍ରକୃତ ରଥ ପରି ଚଳନ କରୁଥିବା ରୁ ଏହା ଦର୍ଶକଙ୍କୁ ବେଶ୍ ଆକର୍ଷିତ କରୁଛି । ମାତ୍ର ଦୁଇ ଦିନ ଧରେ ଏହି ସୂକ୍ଷ୍ମ କାରୁକାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ଗୋପାଳ ସାମଲ କ ହିଛନ୍ତି, ମହାପ୍ରଭୁଙ୍କ ପ୍ରତି ତାଙ୍କର ଅତୁଟ ଭକ୍ତିଭାବ ହିଁ ଏଭଳି ସୃଜନଶୀଳ କଳାକୃତି ନିର୍ମାଣ ପାଇଁ ପ୍ରେରଣା ଯୋଗାଇଛି । ତାଙ୍କ ହାତରେ ଗଢ଼ା ଏହି ଚଳନ୍ତି କ୍ଷୁଦ୍ର ରଥ ଦେଖିବାପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମୁଥିବାବେଳେ ଲୋକେ ତାଙ୍କର ନିଖୁଣ କାରିଗରି ଓ ସୃଜନଶୀଳତାର ପ୍ରଶଂସା କରୁଛନ୍ତି ।

## ଏସବିଆଇ ବଜାର ଶାଖା ତରଫରୁ ଗ୍ରାହକ ସମାବେଶ



ପାରଳାଖେମୁଣ୍ଡ(ମହାଭାରତ):ପାରଳାଖେମୁଣ୍ଡି ବଜାର ଶାଖା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ତରଫରୁ ଗ୍ରାହକ ସମାବେଶର ଆୟୋଜନ କରାଯାଇଥିଲା ।ଶାଖା ପରିଚାଳକ ରାମକୃଷ୍ଣ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଫିଲ୍ଡ ଅଫିସର ଚେତ୍ତା ଯୁଗନ୍ଦର,ବରିଷ୍ଠ କର୍ମକର୍ତ୍ତା ବିଜୟଶାନ୍ତି ଗାଡେଲା ଉପସ୍ଥିତ ଥିଲେ ।ଗ୍ରାହକ ମାନଂକର ସୁବିଧା ଅସୁବିଧା ସମ୍ପର୍କରେ ଶାଖା ପରିଚାଳକ ପରାମର୍ଶ ଦେବା ପାଇଁ ଅନୁରୋଧ କରିଥିଲେ ।ଗ୍ରାହକ ମାନଂକୁ ସବିଶେଷ ସୁବିଧା ଯୋଗାଇବା ସହ ବରିଷ୍ଠ ନାଗରିକ ତଥା ବୟୋଜ୍ୟେଷ୍ଠ ବ୍ୟକ୍ତି ମାନଂକୁ ସ୍ୱତନ୍ତ୍ର ସୁବିଧା ଯୋଗାଇବା ପାଇଁ ଗ୍ରାହକ ମାନେ ପରାମର୍ଶ ଦେଇଥିଲେ ।ଗ୍ରାହକ ମାନଂକ ମଧ୍ୟରେ ବାଳକୃଷ୍ଣ ପାତ୍ର,ବିବେକାନନ୍ଦ ଗନ୍ତାୟତ, ଭାଗବତ ପାଢ଼ୀ,ଜ୍ୟୋସ୍ନାରାଣୀ ରଥ, ପ୍ରେମଲତା ସାହୁ,ରାଜେଶ କୁମାର ପାତ୍ର ତଥା ଅନ୍ୟାନ୍ୟ ବ୍ୟକ୍ତି ନିଜର ମନ୍ତବ୍ୟ ଦେଇଥିଲେ ।ବିଶେଷ କରି ଗ୍ରାହକ ମାନଂକୁ ଉତ୍ତମ ସେବା ଯୋଗାଉଥିବାରୁ ଶାଖା ପରିଚାଳକ ଓ ସମସ୍ତ କର୍ମକର୍ତ୍ତା ମାନଂକୁ ଉପସ୍ଥିତ ବ୍ୟକ୍ତିଗଣ କୃତଜ୍ଞତା ଜ୍ଞାପନ କରିଥିଲେ । ଶେଷରେ ଶାଖା ପରିଚାଳକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲଗାଣ ବର୍ଷାରେ ଜଳବନ୍ଦୀ ପରଜଙ୍ଗ ୩ ନଂ ଅଙ୍ଗନୱାଡି କେନ୍ଦ୍ର, ଶିଶୁଙ୍କ ପାଠପଢ଼ା ବାଧାପ୍ରାପ୍ତ



ପରଜଙ୍ଗ - (ମହାଭାରତ )ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପରଜଙ୍ଗ ପଂଚାୟତର ପରଜଙ୍ଗ ୩ ନଂ ଅଙ୍ଗନୱାଡି କେନ୍ଦ୍ର ଲଗାଣ ବର୍ଷା ପ୍ରଭାବରେ ବର୍ତ୍ତମାନ ଜଳବନ୍ଦୀ ଅବସ୍ଥାରେ ରହିଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନୂତନ ରେଜିଷ୍ଟ୍ରି ଅଫିସ ନିର୍ମାଣ ପରେ ବର୍ଷା ହେଲେ ଅଙ୍ଗନୱାଡି କେନ୍ଦ୍ରର ଚାରିପାଖରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହୁଥିବାରୁ ସାଧାରଣ ଛୋଟ ଛୋଟ ଶିଶୁମାନେ ଯାତାୟାତ ବ୍ୟାହତ ହେଉଛି ।ଏହାର ପ୍ରଭାବରେ କେନ୍ଦ୍ରରେ ପଢୁଥିବା ୧୪ ଜଣ ଶିଶୁଙ୍କ ପାଠପଢ଼ା ଗୁରୁତର ଭାବେ ପ୍ରଭାବିତ ହୋଇଛି । ଜଳବନ୍ଦୀ ପରିସ୍ଥିତି ଯୋଗୁଁ ଅଭିଭାବକମାନେ ପିଲାଙ୍କୁ ଅଙ୍ଗନୱାଡି କେନ୍ଦ୍ରକୁ ଛାଡ଼ିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ।ଏନେଇ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ହେମନ୍ତ କୁମାର ଜେନାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ କରାଯାଇନାହିଁ । ବାରମ୍ବାର ଅଭିଯୋଗ ସ ମଧ୍ୟ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଗ୍ରାମବାସୀ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ କରିଛନ୍ତି ।ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ ହସ୍ତକ୍ଷେପ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଯଦି ଶୀଘ୍ର ପଦକ୍ଷେପ ନିଆ ନଯାଏ , ତେବେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଲଗାଣ ବର୍ଷାରେ କଣ୍ଟାବାଡ଼- ମଲ୍ଲିପଦର ଯୋଗାଯୋଗ ବିଚ୍ଛିନ୍ନ

## ରାସ୍ତା ଉପରେ ଚାଲିଲା ୩ ଫୁଟ୍ ପାଣି



ବେଗୁନିଆ: ଅବିରତ ଅବିଶ୍ରାନ୍ତ ଏବଂ ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି । କେଉଁଠି ଘର ଭିତରେ ଆଣ୍ଠିଏ ପାଣି ତ ଆଉ କେଉଁଠି ରାସ୍ତା ଉପରେ ତିନି ଫୁଟର ପାଣି ଚାଲୁଥିବା ଦେଖିବାକୁ ମିଳିଛି । ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକରେ ଲଗାଣ ବର୍ଷା ହେବା କାରଣରୁ ଜନଜୀବନ ଏକ ପ୍ରକାର ଅସ୍ତବ୍ୟସ୍ତ ହେଇଥିବା ବେଳେ ଲଗାଣ ବର୍ଷାରେ କଣ୍ଟାବାଡ଼ ମଲ୍ଲିପଦର ଗ୍ରାମ୍ୟ ଉନ୍ନୟନ ମୁଖ୍ୟ ରାସ୍ତା ଉପରେ ତିନି ଫୁଟର ପାଣି ଚାଲୁଛି । ଯାହା ଫଳରେ କଣ୍ଟାବାଡ଼ରୁ ମଲ୍ଲିପଦରକୁ ଯୋଗାଯୋଗ ବିଚ୍ଛିନ୍ନ ହେଇଛି । ସେହିପରି ଓସ୍ତପୁର ଗ୍ରାମରେ ମଧ ଏକାଧିକ ବ୍ୟକ୍ତିଙ୍କ ଘରେ ଆଣ୍ଠୁଏ ଆଣ୍ଠୁଏ ପାଣି ପଶିଯାଇଛି । ଜଳ ସଠିକ ଭାବେ ନିଷ୍କାସିତ ନହେବା ସହ ପ୍ରବଳ ବର୍ଷା କାରଣରୁ ଏହିପରି ପରିସ୍ଥିତି ଉପୁଜିଛି ।ଭାରି ର୍ଷାରେ ଚାଷୀ କୁଳର ବ୍ୟାପକ କ୍ଷତି ହେଇଥିବା ବେଳେ ପ୍ରଥମ ବର୍ଷାରେ ତଳି ଧାନ ନଷ୍ଟ ହେଇଥିବା ବେଳେ ପୁନର୍ବାର ଲଗାଣ ବର୍ଷା ଜଳ ତଳି ଧାନ ବ୍ୟାପକ ନଷ୍ଟ ହେଇଥିବା ଚାଷୀମାନେ କହିଛନ୍ତି । କିପରି ପୁଣି ଚାଷ ପାଇଁ ବିହନ କେଉଁଠୁ ଆଣିବେ ଫସଲ କିପରି କରିବେ ତାକୁ ନେଇ ଚିନ୍ତାରେ ପଡିଛନ୍ତି । ଚାଷ ଜମିରେ ପାଣି ପୂର୍ଣ୍ଣ ହେଇ ରହିଥିବାରୁ ଜମି ନଦୀର ଭ୍ରମ ସୃଷ୍ଟି କରୁଛି । ସବୁଠି ପାଣି ଆଉ ପାଣି ।ଆଜି ସକାଳ ସାଢେ଼ ଆଠଟା ସୁଧା ଖୋର୍ଦ୍ଧା ଜିଲ୍ଲାର ବାଲିଅନ୍ତାରେ ୪୮ ମିଲିମିଟର ବର୍ଷା ହେଇଥିବା ବେଳେ ବାଲିପାଟଣାରେ ୪୮ ମିଲିମିଟର ଭୁବନେଶ୍ୱରରେ ୫୦ ମିଲିମିଟର ଜଟଣୀରେ ୮ ମିଲିମିଟର ବାଣପୁରରେ ୪୪ ମିଲିମିଟର ବେଗୁନିଆରେ ୮୪ ମିଲିମିଟର ବୋଲଗଡରେ ୮୨,ଚିଲିକାରେ ୪୩ ଖୋରଧାରେ ୫୭ ଏବଂ ଟାଙ୍ଗିରେ ବ୍ଲକରେ ୨୨ ମିଲିମିଟର ବର୍ଷା ହେଇଥିବା ରେକର୍ଡ କରାଯାଇଛି । ସେପଟେ ଲଗାଣ ବର୍ଷା ଚାଷୀକୁଳ ପାଇଁ ବ୍ୟାପକ କ୍ଷତି କରିଥିବା ବେଳେ ମଲ୍ଲିପଦର ଚାଷୀ ଅର୍ଜୁନ ଦାଶ ଏବଂ ବାପି ମହାପାତ୍ର କହିଛନ୍ତି ଆମେ ବିହନ କେଉଁ ଠାରୁ ଆଣିବୁ ବାରମ୍ବାର ଯାହା ବିହନ ତଳି ପକାଉଛୁ ତାହା ଲଗାଣ ବର୍ଷା ଦ୍ୱାରା ନଷ୍ଟ ହେଉଛି ପ୍ରଶାସନ ତୁରନ୍ତ ବିହନ ଯୋଗାଇବାକୁ ଦାବି କରିଛନ୍ତି ।ସେପଟେ ଓସ୍ତପୁରରେ ଏକାଧିକ ପରିବାର ଦୀର୍ଘ ବର୍ଷ ଧରି ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ଲଗାଣ ବର୍ଷା ବେଳେ ଘରେ ଆଣ୍ଠୁଏ ପାଣି ଜମା ହେଉଛି । ପ୍ରଶାସନ ଟିକିଏ ଦଷ୍ଟି ଦେବା ସହ ପାଣି କିପରି ନିଷ୍କାସନ ହେଇପାରିବ, ବର୍ଷାଦିନେ ଆମେ ଟିକିଏ ଶାନ୍ତିରେ ରହିପାରିବୁ ଦାବି କରିଛନ୍ତି ଗ୍ରାମର ନୃସିଂହ ଚରଣ ପଣ୍ଡା, ମମତା ପଣ୍ଡା ଏବଂ ଗ୍ରାମ୍ୟ କମିଟି ସଭାପତି ଧନେଶ୍ୱର ପ୍ରଧାନ ।

## ପରିବେଶ ସୁରକ୍ଷାର ବାର୍ତା ଦେଉଛି ବୁଦ୍ଧ ବାଟିକା



ଯାଜପୁର: ଯାଜପୁର ଜିଲ୍ଲା ର ରସୁଲପୁର ବ୍ଲକ ଅଧିନସ୍ଥ ବଡକଇଚି ଜିପି ରେ ରହିଛି ବୁଦ୍ଧ ବାଟିକା ।ବୁଦ୍ଧ ବାଟିକା ସବୁଜିମା ପରିବେଶ ଟି ପାଞ୍ଚ ଏକର ପରିମିତ ଗାଁ ର ସାମୂହିକ ଜମିରେ ଗଢି ଉଠିଛି । ଦଶ ବର୍ଷ ପୂର୍ବେ ସାମାଜିକ କର୍ମୀ ତଥା ଜଣେ ଯୁବ ସ୍ୱେଚ୍ଛାସେବୀ କୈଳାଶ ମଲ୍ଲିକ ଙ୍କ ପ୍ରୟାସ ରେ ଗାଁ ର ମା ମାନଙ୍କୁ ନେଇ ଗଢି ଉଠିଥିଲା ଏହି ସଂଗଠନଟି । ମୁଖ୍ୟ ଉଦ୍ଦ୍ୟେଶ ଥିଲା ବୃକ୍ଷ ରୋପଣ । ଆଜିର ଦିନ ରେ ଏହି ବୁଦ୍ଧ ବାଟିକା ରେ ହଜାର ରୁ ଉର୍ଦ୍ଧ ଦେଶୀୟ ଆମ୍ବ, ପଣସ, କାଜୁ, ବେଲ, ନିମ୍ବ, ଜାମୁ, କଦମ୍ବ, କମଳା, ଲେମ୍ବୁ ଆଦି ବୃକ୍ଷ ରେ ଭରପୁର ହୋଇ ଶୋଭା ମଣ୍ଡିତ କରିଛି । ସମୟ କ୍ରମେ ଏହି ବୁଦ୍ଧ ବାଟିକା ରେ ଗୌତମ ବୁଦ୍ଧ ଙ୍କ ଏକ ପ୍ରତିମୂର୍ତ୍ତି ସମାଜସେବୀ କୈଳାଶ ମଲ୍ଲିକ ଙ୍କ ପ୍ରୟାସ ରେ ସ୍ଥାପନ କରିଛନ୍ତି । ଗାଁ ର ମା ମାନେ ବୁଦ୍ଧ ମନ୍ଦିର ଓ ବଗିଚା ର ଦାୟୀତ୍ୱ ସୂଚାରୁ ରୂପେ ସମାପନ କରନ୍ତି । ସମୟ ଚକ୍ର ରେ ବୁଦ୍ଧ ବାଟିକା ଆଜି କେବଳ ରସୁଲପୁର ନୁହେଁ ସମଗ୍ର ଯାଜପୁର ଜିଲ୍ଲା ରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ।

## ଭକ୍ତ - ଭଗବାନଙ୍କ ମହା ମିଳନ

ଆସିକା(ମହାଭାରତ): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ସୁନାମ୍ଭ ସାହି ବଡଦାଣ୍ଡରେ ରଥଯାତ୍ରା ଗୁରୁବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଜୀଉମାନଙ୍କ ନୀତିକାନ୍ତି ଭୋର ୪ ଟା ବେଳେ ମୁଖ୍ୟ ପୂଜକ ଉପେନ୍ଦ୍ର ଦାଶ ଦ୍ୱାରା ଆରମ୍ଭ ହୋଇଥିଲା । ପୂର୍ବାହ୍ନ ସାଢ଼େ ୧୦ ଟାରେ ମହାପ୍ରଭୁଙ୍କ ରଥଯାତ୍ରା କାଳୀନ ଖେଚୁଡ଼ି ଭୋଗ ଲାଗିବା ପରେ ମଇଲମ ଓ ସେନାପଟଲାଗି, ଟାହିଆଲାଗି ହୋଇଥିଲା ଓ ମନ୍ଦିରର ପାଟ ପୁରୋହିତ ପଣ୍ଡିତ ରତ୍ନାକର ଦାଶ ରଥ ପ୍ରତିଷ୍ଠା କରିବା ବା ପରେ ବୈଦିକ ରାତିରେ ମଙ୍ଗଳାର୍ପଣ କରିବା ପରେ ଅପରାହ୍ନ ପ୍ରାୟ ୪ ଟାରେ ଠାକୁରମାନଙ୍କୁ ଗୋଟି ପହଣ୍ଡିରେ



ରଥ ପର୍ଯ୍ୟନ୍ତ ପହଣ୍ଡି ବିଜେ କରାଯାଇଥିଲା । ପ୍ରଥମେ ଶ୍ରୀ ସୁଦର୍ଶନ ଓ ପରେ ଶ୍ରୀ ଜଗରାଥଙ୍କୁ ପହଣ୍ଡି ବିଜେ କରାଯାଇଥିଲା ।

## ବାଣିଗୋଛା ପୋଲିସର ଚଢ଼ାଉ ବେଳେ ଦେଶୀ ବନ୍ଧୁକ ଜବତ, ୩ ଗିରଫ



ଦଶପଲ୍ଲା, (ମହାଭାରତ): ନୟାଗଡ଼ ଜିଲ୍ଲା ବାଣିଗୋଛା ଥାନା ଅନ୍ତର୍ଗତ କରଡ଼ିଗଡ଼ା ଛକ ନିକଟରେ ପୋଲିସ ପାଟ୍ରୋଲିଂ ବେଳେ ଏକ ବେଆଇନ ଦେଶୀ ଏକନଳିଆ ବନ୍ଧୁକ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି ।ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ପ୍ରାୟ ୯ଟା ୧୦ ମିନିଟ୍ରେ ଏସ୍‌ଆଇ ବି.କେ. ଦେହୁରୀ ପୋଲିସ କର୍ମଚାରୀଙ୍କ ସହ ପାଟ୍ରୋଲିଂ କରୁଥିବା ବେଳେ କରଡ଼ିଗଡ଼ା ଛକରେ ଚଢ଼ାଉ କରି ଏକ ବେଆଇନ ଦେଶୀ ଏକନଳିଆ ବନ୍ଧୁକ ଜବତ କରିଥିଲେ । ଏହି ଘଟଣାରେ କରଡ଼ିଗଡ଼ା ଗ୍ରାମର ରଞ୍ଜନ ପ୍ରଧାନ (୩୩), ନାୟକଗାଁର ବିଜୟ ନାୟକ (୫୦) ଏବଂ କୁରାଧିନିସା ଗ୍ରାମର ବଟିଷ୍ଟ ମାଝୀ (୪୧)ଙ୍କୁ ଗିରଫ କରାଯାଇଛି । ଏନେଇ ବାଣିଗୋଛା ଥାନାରେ କେସ୍ ନମ୍ବର ୮୭/ ୨୦୨୬ ରୁଜୁ କରାଯାଇ ଅସ୍ତ୍ର ଆଇନ, ୧୯୫୯ର ଧାରା ୨୫(୧ବି)(ଏ) ଅନୁଯାୟୀ ମାମଲା ଦାଖଲ କରାଯାଇଛି । ଘଟଣାର ତଦନ୍ତ ଅଧିକ ଜାରି ରଖିଥିବା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ସୂଚନା ପ୍ରଦାନ କରିଛନ୍ତି ।

## ବିଦ୍ୟୁତ ସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବଡ଼ବିଲ ପଞ୍ଚାୟତ ବାରତୁଣିଆ ଗ୍ରାମର ନୁଆଣ୍ଡି ସାହିରେ ଘଟିଯାଇ ଛି ଏକ ଅଭାନୀ ଘଟଣା ଘଟିଛି । ଜଣେ ବିଦ୍ୟୁତ ସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଛନ୍ତି । ମୃତକ ଜଣକ ଟୁନା ମହାନ୍ତ ବୋଲି ଜଣାପଡିଛି ।ସୂଚନା ରୁ ପ୍ରକାଶ ଲଘୁଚାପ ଜନିତ ବର୍ଷା ସମୟରେ ଘରେ ଥିବା ବିଦ୍ୟୁତ ମିଟର ନିକଟ ସଂଯୋଗ ତାର କୁ ଅଲଗା କରୁଥିବା ସମୟରେ ହଠାତ ବିଦ୍ୟୁତ ସ୍ପର୍ଶର ଶିକାର ହୋଇଥିଲେ । ପରିବାର ଲୋକେ ସଙ୍ଗେ ସଙ୍ଗେ ଲୋକେ ସ୍ଥାନୀୟ ଲୋକ ମାନେ ତୁରନ୍ତ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରି ଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡାକ୍ତର ଟୁନା ମହାନ୍ତ ଙ୍କୁ ମୃତ ଘୋଷଣା କରିଥିଲେ ।ଏହି ଅକାଳ ମୃତ୍ୟୁରେ ସମଗ୍ର ଗ୍ରାମରେ ଶୋକା କୁଳ ଛାୟା ଖେଳି ଯାଇଛି ।

## କୃଷ୍ଣପ୍ରସାଦର ବିଭିନ୍ନ ସ୍ଥାନରେ ଘୋଷ ଯାତ୍ରା

କୃଷ୍ଣପ୍ରସାଦ,(ମହାଭାରତ):ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ସ୍ଥାନରେ ଘୋଷ ଯାତ୍ରା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଅପରାହ୍ନରେ ବହୁ ଶ୍ରଦ୍ଧାଳୁ ମାନଙ୍କର ଭିଡ଼ ଲାଗିଥିବାର ଦେଖିବାକୁ ମିଳିଥିଲା । ପାରିକୁଦ ଗଡ଼ ଠାରେ ରାଜ ପ୍ରତିଷ୍ଠିତ ଶ୍ରୀ ଶ୍ରୀ ଦଧିବାମନ ଦେବଙ୍କ ରଥ ଯାତ୍ରା ଯଥାବିଧି ଅନୁଷ୍ଠିତ ହୋଇଯାଇଛି । ପାରିକୁଦ ରାଜାଙ୍କ ଦେବ ନୀତି ନିର୍ଦ୍ଦେଶକ ପଣ୍ଡିତ ନୀଳକଣ୍ଠ ତ୍ରିପାଠୀ, ମୁଖ୍ୟ ସେବକ ପଣ୍ଡିତ ପ୍ରସନ୍ନ କୁମାର ପଣ୍ଡାଙ୍କ ଦ୍ୱାରା



ସମସ୍ତ ଦେବନୀତି ସରିବା ପରେ ଅପରାହ୍ନରେ ଭକ୍ତଙ୍କ ଗହଳିରେ ସେବାୟତଙ୍କ ଦ୍ୱାରା ଉଭୟ ମହାପ୍ରଭୁ ଗୋଟି ପହଣ୍ଡିରେ ରଥକୁ ବିଜେ କରିଥିଲେ ।

## ଗଜପତିରେ ତିନି ମନ୍ଦିରରୁ ଲକ୍ଷାଧିକ ଟଙ୍କାରୁ ଉର୍ଦ୍ଧ୍ୱ ସୁନା ଓ ରୂପା ଚୋରୀ

ପାରଳାଖେମୁଣ୍ଡି, : ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ଲିଙ୍ଗିପୁର ଗ୍ରାମର ଦୁଇ ଗୋଟି ମନ୍ଦିରରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଓ ରୂପା ଚୋରି ହୋଇଯାଥିବାର ଜଣାପଡିଛି । ମନ୍ଦିରର ପୂଜକଙ୍କ ସୂଚନା ପ୍ରକାରେ ସବୁଦିନ ଭଳି ଆଜି ସେ ଭୋର୍ ସମୟରେ ଗ୍ରାମରେ ଥିବା ଚିନ୍ତାଲୁ ପାଲମ୍ମା ଠାକୁରାଣୀ ମନ୍ଦିର ଖୋଲିବା ପାଇଁ ଯାଇଥିଲେ । ସେତେବେଳେ ସେ ମନ୍ଦିର ଫାଟକର ଚାବି ଭଙ୍ଗାଯିବା ଏବଂ ମନ୍ଦିର ମଧ୍ୟରେ ଥିବା ଏକ ଆଲମିରା ଭଙ୍ଗାଯାଇଥିବାର ଦେଖିବାକୁ ପାଇଥିଲେ । ଯାହାକୁ ନେଇ ସେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ତେବେ ଏହି ମନ୍ଦିରରେ ଥିବା ଠାକୁରାଣୀଙ୍କ ମୂର୍ତ୍ତିରେ ଲାଗିଥିବା ବିଭିନ୍ନ ସୁନା ଅଳଙ୍କାର ସମେତ ରୂପାରେ ତୟାର ହୋଇଥିବା ମାଁଙ୍କ ମୁକୁଟ କିରଟ ଚୋରି ହୋଇଯାଇଥିବାର ଦେଖିବାକୁ ପାଇଥିଲେ । ସେହିପରି ମନ୍ଦିର ପରିସରରେ ଥିବା ଆଲମିରାକୁ ମଧ୍ୟ ଭଙ୍ଗାଯାଇ ସେଥିରେ ଥିବା ମୂଲ୍ୟବାନ ତିନିଗୋଟି ପାଟ ଶାଢ଼ିକୁ ମଧ୍ୟ ଦୁର୍ବୃତ୍ତ ଚୋରାଇ ନେଇଥିବାର ଦେଖିବାକୁ ପାଇଥିଲେ । ଏହି ମନ୍ଦିରରୁ ପ୍ରାୟ ଦୁଇ ତୁଳାର ସୁନା ଅଳଙ୍କାର ସମେତ ୫୦ ତୁଳାରୁ ଉର୍ଦ୍ଧ ରୂପା କିରଟ ଏବଂ ତିନୋଟି ମୂଲ୍ୟବାନ ପାଟଶାଢ଼ୀ ଚୋରି ହୋଇଥିବାର ଜାଣିବାକୁ ପାଇଥିଲେ । ସେହିପରି ଏହି ଗ୍ରାମରେ ଥିବା ଏକ ଶିବ ମନ୍ଦିରରେ ମଧ ଚୋରି ହୋଇଥିବାର ଗ୍ରାମବାସୀ ଜାଣିବାକୁ ପାଇଥିଲେ ।ସେହିପରି ବାଘସଲା ହନୁମାନ ମନ୍ଦିର ର ହୁଣ୍ଡୀ ମଧ ଚୋରୀ ହୋଇଥିବା ଗ୍ରାମବାସୀ ମାନେ କହିଛନ୍ତି ଏହି ମନ୍ଦିରରେ ବିଭିନ୍ନ ସାମଗ୍ରୀ ଚୋରି ହୋଇଯାଇଥିବାର ମଧ ଜଣାପଡିଛି ।ମେ ୧୬ ରୁ ତିନି ଦିନ ଧରି ଠାକୁରାଣୀ ମନ୍ଦିର ର ବର୍ଷିକ ଉତ୍ସବ ଧୁମଧାମ ରେ କରିଥିଲେ ଘଟଣା ସମ୍ପର୍କ ଗୁରାଣ୍ଡି ପୁଲିସ ଖବର ପାଇ ଉଭୟ ମନ୍ଦିରକୁ ଯାଇ ତଦନ୍ତ ଆରମ୍ଭ କରିଛି । ଅନ୍ୟପକ୍ଷରେ ଗ୍ରାମରେ ଏପରି ମନ୍ଦିର ଗୁଡିକରୁ ସିରିଜ ଚୋରି ଘଟଣା ଘଟିଥିବାରୁ ଆଗାମୀ ଦିନରେ ଚୋରୀ ଘଟଣା ବୃଦ୍ଧିପାଇବା ଆଶଙ୍କା ପ୍ରକାଶ କରି ଗ୍ରାମବାସୀ ଭୟଭୀତ ହୋଇଯାଇଛନ୍ତି । ତେଣୁ ଏହି ଅଞ୍ଚଳରେ ପୁଲିସର ପେଟ୍ରୋଲିଂ ବ୍ୟବସ୍ଥାକୁ ଅଧିକା କଡାକଡି କରିବାପାଇଁ ଦାବି ହୋଇଛି ।


## ମହୁଲି ରନ୍ଧା ମଦ ବିକ୍ରି: ଥାନାରେ ମହିଳାମାନେ ପ୍ରତିବାଦ କଲେ

ପାରଳାଖେମୁଣ୍ଡି, :ଗଜପତି ଜିଲ୍ଲାରେ ବେଆଇନ ମହୁଲି ରନ୍ଧା ମଦ ବିକ୍ରିକୁ କେନ୍ଦ୍ର କରି ସ୍ୱୟଂ ସହାୟିକା ମହିଳାମାନେ ଅଡବା ଥାନାରେ ପହଞ୍ଚି ପ୍ରତିବାଦ ଜଣାଇଛନ୍ତି । ବାରମ୍ବାର ଅଭିଯୋଗ ପରେ ମଧ ବେଆଇନ ମହୁଲି ମଦ ରାନ୍ଧି ବିକ୍ରି କରୁଥିବାରୁ ପାରିବାରିକ କଳହ ଠାରୁ ଆରମ୍ଭ ଅପରାଧ କାର୍ଯ୍ୟକଳାପ ଥିବାରୁ ସମସ୍ତ ମହିଳା ମଣ୍ଡଳ ଆସି ଅଡବା ଥାନାରେ ଏନେଇ ଦାବିପତ୍ର ପ୍ରଦାନ କରିଛନ୍ତି ଓ ଗଜପତି ଜିଲ୍ଲା ଅଡବା ଥାନା ଗରଡମା ପଞ୍ଚାୟତ ଗମ୍ଭାରୀ ଗାଁ, କାମ୍ବକୁ ଗ୍ରାମର ଶତାଧିକ ମହିଳା ଆସି ଅଡବା ଥାନାରେ ଦାବିପତ୍ର ଦେବା ସହ ବେଆଇନ ମଦ ବିକ୍ରି ପାଇଁ ଦୁଇଜଣ



ବ୍ୟକ୍ତିଙ୍କ ନାମରେ ଅଭିଯୋଗ କରିଛନ୍ତି ଓ ଯଥା ଶୀଘ୍ର ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ମହିଳାମାନେ ଆଗକୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ରାଜରାସ୍ତାରେ ଆନ୍ଦୋଳନ କରାଯିବ ମହିଳା ସଂଘର ସଦସ୍ୟମାନେ ଚେତାବନୀ ଦେଇଛନ୍ତି ।

## ଦଶପଲ୍ଲାର ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ



ଦଶପଲ୍ଲା (ମହାଭାରତ):ପବିତ୍ର ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଜଗତର ନାଥ ଜଗନ୍ନାଥଙ୍କ ପବିତ୍ର ଘୋଷ ଯାତ୍ରା ଦେଶର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିବା ବେଳେ ଦଶପଲ୍ଲାରେ ମଧ ଅନୁଷ୍ଠିତ ହୋଇଯାଇଛି । ସକାଳ ସମୟରେ ବିଧି ମୁତାବକ ଜଗନ୍ନାଥଙ୍କ ପୂଜା ଅର୍ଚ୍ଚନା ସହ ରଥ ପୂଜା ସରିବା ପରେ ମହାପ୍ରଭୂ ରଥକୁ ପହଣ୍ଡି ବିଜେ ହୋଇଥିଲେ । ପରେ ଦଶପଲ୍ଲା ରାଜାଙ୍କ ବଂସଧର ରାଜା ଦିଗବିଜୟୀ ଦେଓଭଞ୍ଜ ରଥ ଉପରେ ଛେରା ପହଁରା କରିବା ପରେ ରଥ ଟଣା ଆରମ୍ଭ ହୋଇଥିଲା ।ଭକ୍ତମାନେ ରଥକୁ ରଥଦଉଡି ସାହାଯ୍ୟରେ ଟଣା ଯାଇ ଡାକ୍ତରଖାନା ନିକଟ ମାଉସୀମା ମନ୍ଦିର ନିକଟକୁ ପହଁଚାଇ ଥିଲେ । ଏହି ଘୋଷ ଯାତ୍ରାରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା, ଏନ ଏ ସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ, ତହସିଲଦାର , ବିଡ଼ିଓ,ପୋଲିସ ବାହିନୀ, ଅଗ୍ନିଶମ ବାହିନୀ ଏନଏସି କର୍ତୃପକ୍ଷ ସାମିଲ ଥିବାବେଳେ ବହୁ ସଂଖ୍ୟକ ଭକ୍ତଙ୍କ ସମାବେଶ ହେବାସହିତ ବିଭିନ୍ନ ସଂଗଠନ ତରଫରୁ ଦହିପଣାର ବ୍ୟବସ୍ଥା କରାଯାଇଥିବା ବେଳେ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ଙ୍କ ସହଯୋଗ ସମ୍ପୂର୍ଣ୍ଣ ଭାବେ କରିଥିଲେ ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





## ହରମୁଜ ପ୍ରଣାଳୀ ଇରାନର 'ଲାଲ ରେଖା': କୌଣସି ବାହ୍ୟ ଶକ୍ତିର ହସ୍ତକ୍ଷେପକୁ ବରଦାସ୍ତ କରାଯିବ ନାହିଁ

ଇରାନ : ଆମେରିକା ଓ ଇରାନ ମଧ୍ୟରେ ସାମରିକ ବିବାଦ ଚରମ ସୀମାରେ ପହଞ୍ଚିଥିବା ବେଳେ ତେହେରାନ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଜଳପଥ 'ହରମୁଜ ପ୍ରଣାଳୀ' ଉପରେ ନିଜର ଆଭିମୁଖ୍ୟ ଆହୁରି କଠୋର କରିଛି । ଇରାନର ଖାତମ ଅଲ-ଆନବିୟା କେନ୍ଦ୍ରୀୟ ମୁଖ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ହରମୁଜ ପ୍ରଣାଳୀରେ ଆମେରିକା ଭଳି କୌଣସି ବାହ୍ୟ ଶକ୍ତିର ହସ୍ତକ୍ଷେପକୁ କୌଣସି ମୂଲ୍ୟରେ ବରଦାସ୍ତ କରାଯିବ ନାହିଁ ଏବଂ ଏହା ଦେଶର 'ଲାଲ ରେଖା' ଅଟେ । ଆମେରିକା ରାଷ୍ଟ୍ରପତି



ଡୋନାଲ୍ଡ ଟ୍ରମ୍ପଙ୍କ ଭିତ୍ତିଭୂମି ଧ୍ୱଂସ କରିବା ଧମକର ଜବାବ ଦେଇ ଇରାନ ଚେତାବନୀ ଦେଇଛି ଯେ, ଆକ୍ରମଣ ହେଲେ ସମଗ୍ର ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଥିବା ଆମେରିକୀୟ ସୁରକ୍ଷିତ ଘାଟିଗୁଡ଼ିକୁ ବିନାଶକାରୀ ଢଙ୍ଗରେ ଟାର୍ଗେଟ୍ କରାଯିବ । ଅପରପକ୍ଷେ, ଇରାନ ସଂସଦର ବାଚସ୍ପତି ତଥା ଆଲୋଚନା ଦଳର ମୁଖ୍ୟ ମହମ୍ମଦ ବାଘେର ଗାଲିବାଫ କହିଛନ୍ତି ଯେ ହରମୁଜ ପ୍ରଣାଳୀ ଉପରେ ନିୟନ୍ତ୍ରଣ ସିଧାସଳଖ ଇରାନର ଜାତୀୟ ସୁରକ୍ଷା ସହ ଜଡ଼ିତ । ଇରାନ ଯୁଦ୍ଧ ଚାହୁଁନଥିଲେ ବି ନିଜ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଯେକୌଣସି ପରିସ୍ଥିତିର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଅଛି । ଆମେରିକା ନିଜ ପ୍ରତିଶ୍ରୁତି ଭାଙ୍ଗିଥିବାରୁ ପୂର୍ବରୁ ହୋଇଥିବା ବୁଝାମଣାପତ୍ର ପାଳନ କରିବାର କୌଣସି ଅର୍ଥ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି । ଏହି ବାକଯୁଦ୍ଧ ମଧ୍ୟରେ ଆମେରିକାର ସେଣ୍ଟ୍ରାଲ କମାଣ୍ଡ ନିଶ୍ଚିତ କରିଛି ଯେ, ସାମୁଦ୍ରିକ ଜାହାଜ ଚଳାଚଳ ପ୍ରତି ବିପଦ ସୃଷ୍ଟି କରୁଥିବା ଇରାନର ପ୍ରମୁଖ ସାମରିକ ଘାଟିଗୁଡ଼ିକ ଉପରେ ଆମେରିକୀୟ ସେନା ପୁଣି ଏକ ବଡ଼ ଧରଣର ବିମାନ ଆକ୍ରମଣ କରିଛି, ଯାହା ସମଗ୍ର ଅଞ୍ଚଳକୁ ଯୁଦ୍ଧ ଆଡ଼କୁ ଠେଲି ଦେଇଛି ।

## ବଙ୍ଗୋପସାଗରରେ ବୁଡ଼ିଲା ଦୁଇ ଡଙ୍ଗା, ୫୦୦ରୁ ଅଧିକ ଲୋକ ନିଖୋଜ

କୋଲକତା : ବଙ୍ଗୋପସାଗରରେ ମିଆଁମାର ଉପକୂଳ ନିକଟରେ ବଡ ଅଘଟଣ । ମଝି ସମୁଦ୍ରରେ ବୁଡିଗଲା ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ନେଇ ଯାଉଥିବା ଦୁଇଟି ଡଙ୍ଗା । ୫୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ନେଇ ଆଶଙ୍କା କରାଯାଉଛି । ଘଟଣାକୁ ନେଇ ଜାତିସଂଘର ଇଣ୍ଟରନ୍ୟାସନାଲ୍ ଅର୍ଗାନାଇଜେସନ୍ ଫର୍ ମାଇଗ୍ରେସନ୍ ଓ ୟୁଏନଏଚସିଆର୍ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି । ଖବର ମୁତାବକ, ଜୁନ ଶେଷ ସପ୍ତାହରେ ମିଆଁମାରର ସଂଘର୍ଷପ୍ରବଣ ରାଖାଇନ୍ ରାଜ୍ୟରୁ ଦୁଇଟି ଡଙ୍ଗା ଯାତ୍ରା ଆରମ୍ଭ କରିଥିଲା । ଏଥିରେ ମିଆଁମାର ସହ ବାଂଲାଦେଶର ଶରଣାର୍ଥୀ ଶିବିରରୁ ଆସିଥିବା ରୋହିଙ୍ଗ୍ୟାମାନେ ମଧ୍ୟ ଥିଲେ । ପ୍ରଥମ ଡଙ୍ଗାରେ ପ୍ରାୟ ୨୫୦ ଜଣ ଯାତ୍ରୀ ଥିବା ବେଳେ ଯାତ୍ରା ଆରମ୍ଭ ହେବାର କିଛି ସମୟ ପରେ ଏହା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା । ସେହିଭଳି ଅନ୍ୟ ଏକ ଡଙ୍ଗାରେ ପ୍ରାୟ ୨୮୦ ଜଣ ଯାତ୍ରୀ ଥିଲେ । ଏହି ଡଙ୍ଗାଟି ଜୁଲାଇ ୮ରେ ମିଆଁମାରର ଆୟେୟାରୱାଡି ଉପକୂଳ ନିକଟରେ ଓଲଟି ପଡ଼ିଥିଲା । ତେବେ ଦୁଇଟି ଯାକ ଡଙ୍ଗାରେ ମୋଟ ୫୩୦ ଜଣ ଲୋକ ରହିଥିଲେ । ଯେଉଁମାନଙ୍କ ଜୀବିତ ଥିବା ନେଇ ଆଶା ବହୁତ କମ୍ ରହିଛି ।

## ନ୍ୟୁଜିଲାଣ୍ଡରେ ୬.୩ ତୀବ୍ରତାର ଭୂମିକମ୍ପ ଝଟକା ଅନୁଭୂତ, ସୁନାମୀ ଚେତାବନୀ ଜାରି

ନୂଆଦିଲ୍ଲୀ : ନ୍ୟୁଜିଲାଣ୍ଡର ସାଉଥ ଆଇଲାଣ୍ଡରେ ଶକ୍ତିଶାଳୀ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି । ରିକ୍ଟର ସ୍କେଲର ଏହାର ତୀବ୍ରତା ୬.୩ ରେକର୍ଡ କରାଯାଇଛି । ଏହି ଭୂମିକମ୍ପ ପରେ ପ୍ରଶାସନ ପକ୍ଷରୁ ସୁନାମୀ ସତର୍କତା ମଧ୍ୟ ଜାରି କରାଯାଇଛି । ନ୍ୟୁଜିଲାଣ୍ଡର ସାଉଥ୍ ଆଇଲାଣ୍ଡରେ ଥିବା ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ 'ତେ ଆନାଉ' (ଝର ଇଭବଙ୍କ) ଠାରୁ ପ୍ରାୟ ୪୦ କିଲୋମିଟର ଉତ୍ତରରେ ଏହି ଭୂକମ୍ପର କେନ୍ଦ୍ରବିନ୍ଦୁ ଥିଲା । ଭୂକମ୍ପ ପରେ ସେହି ଅଞ୍ଚଳରେ ୩.୩ ରୁ ୪.୩ ତୀବ୍ରତାର ଆଉ କେତେକ ଛୋଟ ଛୋଟ ଭୂକମ୍ପ ଝଟକା ମଧ୍ୟ ରେକର୍ଡ କରାଯାଇଛି । ଭୂକମ୍ପର ପ୍ରଭାବକୁ ଦେଖି ନ୍ୟୁଜିଲାଣ୍ଡର ନ୍ୟାସନାଲ୍ ଇମରଜେନ୍ସି ମ୍ୟାନେଜମେଣ୍ଟ ଏଜେନ୍ସି ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ସୁନାମୀ ସତର୍କତା ଜାରି କରିଛି । ଉପକୂଳବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକଙ୍କୁ ତୁରନ୍ତ ଉଚ୍ଚ ସ୍ଥାନକୁ ଚାଲିଯିବା ପାଇଁ କୁହାଯାଇଛି । ଦକ୍ଷିଣ ଦ୍ୱୀପର ଓଟାଗୋ, ସାଉଥଲ୍ୟାଣ୍ଡ ଏବଂ କ୍ୟାଣ୍ଟରବରୀ ଭଳି ଅନେକ ଅଞ୍ଚଳରେ ଲୋକମାନେ ଦୀର୍ଘ ସମୟ ଧରି ଜୋରଦାର ଝଟକା ଅନୁଭବ କରିଥିଲେ । ସୁରକ୍ଷା ଦୃଷ୍ଟିରୁ କୁଇନ୍ସଟାଉନର ଏଡିଥ୍ କାଭେଲ୍ ବ୍ରିଜ୍‌କୁ ଇଞ୍ଜିନିୟରମାନଙ୍କ ଦ୍ୱାରା ଯାଞ୍ଚ କରାଯିବା ପାଇଁ ସାମୟିକ ଭାବେ ବନ୍ଦ କରାଯାଇଛି । ଏହାସହ ରାସ୍ତାରେ ପଥର କିମ୍ବା ମାଟି ଧସିବା ଆଶଙ୍କା ଥିବାରୁ ଗାଡ଼ି ଚାଳକମାନଙ୍କୁ ସତର୍କତାର ସହ ଯାତ୍ରା କରିବାକୁ କୁହାଯାଇଛି ।

## ମୁଣ୍ଡ ଉପରେ ଛିଡ଼ି ପଡ଼ିଲା ୧୧ କେଭି ତାର ଚାଲିଗଲା ୪ ଜୀବନ, ଜଣେ ଗୁରୁତର

ନୂଆଦିଲ୍ଲୀ : ଦିଲ୍ଲୀ ନୋଏଡ଼ାରେ ଭୟାବହ ଦୁର୍ଘଟଣା । ନିଜ ଗନ୍ତବ୍ୟ ସ୍ଥଳକୁ ଯାଉଥିବା ବେଳେ ଘଟିଛି ଦୁର୍ଘଟଣା । ଲୋକେ ରାସ୍ତାରେ ଯାଉଥିବା ସମୟରେ ତାଙ୍କ ଉପରେ ହଠାତ୍ ଛିଡ଼ି ପଡ଼ିଲା ୧୧ କେଭି ତାର । ଏହି ଅଘଟଣରେ ୫ ଜଣ ଗୁରୁତର ଭାବେ ଆହତ ହୋଇ ପୋଡ଼ିଯାଇଛନ୍ତି । କରେଣ୍ଟ ଆଘାତରେ ୫ ଜଣଙ୍କ ମଧ୍ୟରୁ ୪ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ଜଣେ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ବର୍ତ୍ତମାନ ଆହତ ବ୍ୟକ୍ତିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି । ତେବେ ନୋଏଡାର ଛିଜାରାସି ଗାଁରେ ସେକ୍ଟର-୬୩ ଏହି ଦୁର୍ଘଟଣା ଥାନା ଅଞ୍ଚଳରେ ଘଟିଛି । ଏହି ଘଟଣାରେ ଏକ ସ୍କୁଟି ମଧ୍ୟ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଲୋକମାନେ ରାସ୍ତାରେ ଯାଉଥିବା ବେଳେ ହଠାତ୍ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ଛିଣ୍ଡି ତଳକୁ ଖସିପଡ଼ିଥିଲା। ଏହାଫଳରେ ବିଦ୍ୟୁତ୍ କରେଣ୍ଟ ବ୍ୟାପିଯାଇ ଘଟଣାସ୍ଥଳରେ ଆତଙ୍କ ସୃଷ୍ଟି କରିଥିଲା। ସ୍ଥାନୀୟ ଲୋକମାନେ ଆହତମାନଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେବା ସହ ପୋଲିସ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି । ଏନେଇ ସ୍ଥାନୀୟ ବାସିନ୍ଦାମାନେ ବିଦ୍ୟୁତ୍ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି । ସେମାନଙ୍କ ଅଭିଯୋଗ କରିଛନ୍ତି କି ଅଞ୍ଚଳର ବିଦ୍ୟୁତ୍ ତାରଗୁଡ଼ିକର ନିୟମିତ ଯାଞ୍ଚ ଓ ରକ୍ଷଣାବେକ୍ଷଣ କରାଯାଉନାହିଁ ।

## ମୁଁ ବହୁଥର କହିଛି, କିନ୍ତୁ ସେ ଅନଶନ ଭାଙ୍ଗୁନାହାନ୍ତି : ଅଭିଜିତ ଦିପକେ

ନୂଆଦିଲ୍ଲୀ : ସୋନମ ୱାଙ୍ଗଚୁକଙ୍କ ଅନଶନକୁ ନେଇ କକରୋଚ୍ ଜନତା ପାର୍ଟି ର ସଂସ୍ଥାପକ ଅଭିଜିତ ଦିପକେ ବଡ଼ ବୟାନ ଦେଇଛନ୍ତି । ସୋସିଆଲ ମିଡିଆରେ ପଚରା ଉଚରା ବେଳେ ଅଭିଜିତ ଦିପକେ କହିଛନ୍ତି, ମୁଁ ସୋନମ ୱାଙ୍ଗଚୁକଙ୍କୁ ବହୁଥର ଅନଶନ ଶେଷ କରିବାକୁ ଅନୁରୋଧ କରିଛି । କିନ୍ତୁ ଶେଷ ନିଷ୍ପତ୍ତି ତାଙ୍କର। ସେ ମୋ ବାପାଙ୍କ




ବୟସର ଲୋକ, ତେଣୁ ମୁଁ ତାଙ୍କୁ ବାଧ୍ୟ କରିପାରିବି ନାହିଁ । ସେ ଆହୁରି କହିଛନ୍ତି, ମୁଁ ଯେତେଥର ଅନଶନ ଭାଙ୍ଗିବାକୁ କହିଛି, ସେ ସବୁବେଳେ ମୋତେ ଗାଳି କରିଛନ୍ତି । ସେ କହୁଛନ୍ତି ଯେ ଅନଶନକୁ ନେଇ ଚିନ୍ତା ନକରି, ଜୁଲାଇ ୨୦ ରେ ହେବାକୁ ଥିବା 'ଚଲୋ ସଂସଦ' ମାର୍ଚ୍ଚକୁ ସଫଳ କରିବା ଉପରେ ଧ୍ୟାନ ଦିଅ । ସୋନମ ୱାଙ୍ଗଚୁକ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅନିର୍ଦ୍ଦିଷ୍ଟକାଳୀନ ଅନଶନରେ ବସିଛନ୍ତି । ତାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତା ବଢୁଥିବା ବେଳେ, ସମର୍ଥକମାନେ ଜୁଲାଇ ୨୦ର ସଂସଦ ଅଭିମୁଖେ ପଦଯାତ୍ରା ପାଇଁ ପ୍ରସ୍ତୁତି ଜୋରଦାର କରୁଛନ୍ତି ।

## ମମତା ବାନାର୍ଜୀଙ୍କୁ ଆଉ ଏକ ଝଟକା, ଟିଏମସି ସାଂସଦ କୋଏଲ ମଲ୍ଲିକ ଦେଲେ ରାଜ୍ୟସଭାରୁ ଇସ୍ତଫା

କୋଲକତା : ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମସି ମୁଖ୍ୟ ମମତା ବାନାର୍ଜୀଙ୍କୁ ଆଉ ଏକ ଝଟକା । ମମତାଙ୍କ ହାତ ଛାଡିଲେ ଟିଏମସିର ରାଜ୍ୟସଭା ସାଂସଦ ତଥା ଟଲିଉଡ ଲୋକପ୍ରିୟ ଅଭିନେତ୍ରୀ କୋଏଲ ମଲ୍ଲିକ । ତାଙ୍କ ଇସ୍ତଫା ପରେ ପଶ୍ଚିମବଙ୍ଗ ରାଜନୀତିରେ ନୂଆ ଚର୍ଚ୍ଚା ଦେଖିବାକୁ ମିଳିଛି । ରାଜ୍ୟସଭାରୁ ଇସ୍ତଫା ଦେବା ପରେ କୋଏଲ ମଲ୍ଲିକ କେନ୍ଦ୍ର ମନ୍ତ୍ରୀ ଭୂପେନ୍ଦ ଯାଦବଙ୍କୁ ସାକ୍ଷାତ କରିଛନ୍ତି । ପଶ୍ଚିମବଙ୍ଗ ସିନେମାର ଭେଟେରାନ ଅଭିନେତା ରଞ୍ଜିତ ମଲ୍ଲିକଙ୍କ ଝିଅ କୋଏଲ୍ ମଲ୍ଲିକ ଦୀର୍ଘ ୨୦ ବର୍ଷ ଧରି ପଶ୍ଚିମବଙ୍ଗ ସିନେ ଇଣ୍ଡଷ୍ଟ୍ରୀରେ ରାଜ କରୁଥିଲେ । ସିନେମା ନାୟିକା ଭାବେ ରାଜ୍ୟରେ ସେ ଖୁବ୍ ଲୋକପ୍ରିୟ ଥିବାରୁ ଟିଏମ୍ସି ଏହାର ଫାଇଦା ନେଇ ତାଙ୍କୁ ରାଜ୍ୟସଭା ପଠାଇଥିଲା । ତେବେ ଏହାରି ଭିତରେ ସାୟୋନୀ ଘୋଷ, ରଚନା ବାନାର୍ଜୀ, ମିମି ଚକ୍ରବର୍ତ୍ତୀ, ଦେବ, ରାଜ ଚକ୍ରବର୍ତ୍ତୀ, ଦେବଶ୍ରୀ ରୟ ଆଦି ଅନେକ ନେତା ଟିଏମ୍ସି ଛାଡ଼ି





ଦେଇସାରିଲେଣି । ଆଉ ଏବେ ଟିଏମ୍ସି ରାଜ୍ୟସଭା ସାଂସଦ ତଥା ଲୋକପ୍ରିୟ ବଙ୍ଗୀୟ ଅଭିନେତ୍ରୀ କୋଏଲ୍ ମଲ୍ଲିକ ମଧ୍ୟ ରାଜ୍ୟସଭାରୁ ଇସ୍ତଫା ଦେଇଛନ୍ତି । ମାତ୍ର ୪ ମାସ ତଳେ କୋଏଲ୍ ଟିଏମ୍ସିରୁ ରାଜ୍ୟସଭାକୁ ଯାଇଥିଲେ । ସଂସଦର ମୌସୁମୀ ଅଧିବେଶନକୁ ଆଉ ମାତ୍ର ୪ ଦିନ ଥିବାରୁ କୋଏଲ ଇସ୍ତଫା ଦେଇଛନ୍ତି । ରାଜ୍ୟସଭାରେ ଟିଏମ୍ସି ସଦସ୍ୟ ସଂଖ୍ୟା ୧୩ ରୁ ମାତ୍ର ୯କୁ ଖସି ଆସିଛି । ମମତାଙ୍କ ବିଶ୍ୱସ୍ତ ନେତା ତଥା ଅଭିଜ୍ଞ ତୃଣମୂଳ ବିଧାୟକ ମଦନ ମିତ୍ର ଗତକାଲି ରୀତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ବିଦ୍ରୋହୀ ତୃଣମୂଳ ଶିବିରରେ ଯୋଗ ଦେଇଥିଲେ । ଆଉ ଏବେ କୋଏଲ ଇସ୍ତଫା ଦେଲେ । ତା ପୂର୍ବରୁ ଟିଏମସି ରାଜ୍ୟସଭା ସାଂସଦ ଭାବରେ ସୁଖେନ୍ଦୁ ଶେଖର ରାୟ, ସୁସ୍ମିତା ଦେବ ଏବଂ ପ୍ରକାଶ ଚିକ୍ ବାରାଇକ ମଧ୍ୟ ଇସ୍ତଫା ଦେଇ ସାରିଥିଲେ । ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ୪ ମାସ ତଳେ କୋଏଲ୍, ଗାୟକ ବାବୁଲ ସୁପ୍ରିୟୋ, ପୂର୍ବତନ ବେଙ୍ଗଲ ଡିଜିପି ରାଜୀବ କୁମାର ଏବଂ ବରିଷ୍ଠ ଆଡଭୋକେଟ୍ ମିନକା ଗୁରୁସ୍ୱାମୀଙ୍କ ସହ ରାଜ୍ୟସଭାକୁ ଯାଇଥିଲେ । ଶପଥ ନେବା ପରେ ସେ ମମତା ବାନାର୍ଜୀଙ୍କୁ ଧନ୍ୟବାଦ ଦେଇଥିଲେ । ହେଲେ ମାତ୍ର ୪ ମାସ ପରେ ତାଙ୍କର ରାଜ୍ୟସଭା ଯାତ୍ରା ଶେଷ ହୋଇଛି ।

## କେତନ ଅଗ୍ରୱାଲ ହତ୍ୟା ମାମଲା, ସିୟାଙ୍କ ପରିବାରର ବ୍ୟବସାୟ ବନ୍ଦ କରିବାକୁ ନୋଟିସ୍

ପୁଣେ : ମହାରାଷ୍ଟ୍ର ପୁଣେ କେତନ ଅଗ୍ରୱାଲ ହତ୍ୟାକାଣ୍ଡକୁ କିଛିଦିନ ବିତିଗଲାଣି । କେତନଙ୍କ ବିବାହ ସିୟା ଗୋୟଲଙ୍କ ସହିତ ହେବା ପୂର୍ବରୁ କେତନଙ୍କୁ ହତ୍ୟା କଲା ସିୟା । ପ୍ରେମିକା ଚେତନ ଚୌଧୁରୀଙ୍କ ସହିତ ମିଶି ସିୟା କେତନଙ୍କୁ ପୁଣେ ଲୋହାଗଡ ଦୁର୍ଗରୁ ଠେଲିଦେଇଥିଲା । ଏବେ କେତନ ଅଗ୍ରୱାଲ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲଙ୍କ ପରିବାରର ଅସୁବିଧା ଆହୁରି ବଢ଼ିବାରେ ଲାଗିଛି । ସିୟାଙ୍କ କଳାକାରନାମା ପାଇଁ ଏବେ ସାରା ପରିବାରକୁ ଏହାର ପରିଣାମ ଭୋଗିବାକୁ ପଡୁଥିବା ଚର୍ଚ୍ଚା ହେଉଛି । ମହାରାଷ୍ଟ୍ରର ଖାଦ୍ୟ ଏବଂ ଔଷଧ ପ୍ରଶାସନ (ଋଡଇ) ନିୟମ ଉଲ୍ଲଂଘନ ଅଭିଯୋଗରେ ସିୟାଙ୍କ ପରିବାର ଦ୍ୱାରା ପରିଚାଳିତ ମସଲା ଏବଂ ଡ୍ରାଏ ଫ୍ରୁଟ୍ସ ଦୋକାନକୁ ନୋଟିସ୍ ଜାରି କରିବା ସହ ତୁରନ୍ତ ବ୍ୟବସାୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି । ପୁଣେ ସହରର ମାର୍କେଟ ୟାର୍ଡ ଅଞ୍ଚଳରେ ଅଭିଯୁକ୍ତ ସିୟା ଗୋୟଲଙ୍କ ପରିବାରର ମେସର୍ସ ବି.ଜି. ଗୋୟଲ ଆଣ୍ଡ କମ୍ପାନୀ ନାମକ ଏକ ପ୍ରତିଷ୍ଠିତ ଦୋକାନ ରହିଛି । ନିକଟରେ ଋଡଇ ର ଏକ ଟିମ୍ ଏହି ଦୋକାନ ଉପରେ ଚଢ଼ାଉ କରିଥିଲା । ଯାଞ୍ଚ ସମୟରେ ଖାଦ୍ୟ ସାମଗ୍ରୀରେ ମିଶ୍ରଣ ଏବଂ ଲେବେଲିଂ ନିୟମର ବ୍ୟାପକ ଉଲ୍ଲଂଘନ ହୋଇଥିବା ଜଣାପଡ଼ିଛି । ଚଢ଼ାଉ ବେଳେ ସନ୍ଥ ଏବଂ ସାଧୁ ବ୍ରାଣ୍ଡର ହଳଦୀ ଗୁଣ୍ଡ, ରାଶି, ସୋୟାବିନ ବଡ଼ି ଜବତ ହୋଇଛି । ଏହି ଚଢ଼ାଉ ସମୟରେ ପ୍ରାୟ ୮.୧୪ ଲକ୍ଷ ଟଙ୍କା ମୂଲ୍ୟର ୪,୧୭୨ କିଲୋଗ୍ରାମ ସାମଗ୍ରୀ ଜବତ କରାଯାଇଛି । ସାମଗ୍ରୀଗୁଡ଼ିକର ନମୁନା ସଂଗ୍ରହ କରାଯାଇ ଅଧିକ ପରୀକ୍ଷା ପାଇଁ ଲାବୋରେଟୋରୀକୁ ପଠାଯାଇଛି । ଖାଦ୍ୟ ସୁରକ୍ଷା ନିୟାମକ ପ୍ରାଧିକରଣ (ଋଡଇ) ପକ୍ଷରୁ କୁହାଯାଇଛି ଯେ, ଉକ୍ତ କମ୍ପାନୀ ଖାଦ୍ୟ ସୁରକ୍ଷା ଏବଂ ମାନକ (ଋଝଝ) ଅଧିନିୟମ ଅନୁଯାୟୀ କେତେକ ବାଧ୍ୟତାମୂଳକ ନିୟମ ପାଳନ କରୁନଥିଲା । ଏହି ସମସ୍ତ ବେଆଇନ କାର୍ଯ୍ୟକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ସେହି ପ୍ରତିଷ୍ଠାନକୁ ଏକ ନୋଟିସ୍ ଜାରି କରାଯାଇଛି । ପରବର୍ତ୍ତୀ ଆଦେଶ ନଆସିବା ପର୍ଯ୍ୟନ୍ତ ଦୋକାନର ସମସ୍ତ ବ୍ୟବସାୟିକ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲା: ଡାକ୍ତର ମନୋଜ ଶିରୁରେଙ୍କ ଜାମିନକୁ ସିବିଆଇର ବିରୋଧ

ନୂଆଦିଲ୍ଲୀ: ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲାର ଅଭିଯୁକ୍ତ ଡାକ୍ତର ମନୋଜ ଭଗବାନରାଓ ଶିରୁରେଙ୍କ ଜାମିନ ଆବେଦନକୁ ଦିଲ୍ଲୀର ଏକ ସ୍ୱତନ୍ତ୍ର ଅଦାଲତରେ ସିବିଆଇ ଦୃଢ଼ ବିରୋଧ କରିଛି। ସିବିଆଇ କହିଛି, ଏହା କେବଳ ଜଣେ ବ୍ୟକ୍ତି ବିରୋଧରେ ନୁହେଁ, ବରଂ ଦେଶ ବିରୋଧରେ ହୋଇଥିବା ଏକ ଗୁରୁତର ଅପରାଧ। ଏହି ଘଟଣା ଦେଶର ଛବିକୁ କ୍ଷତି ପହଞ୍ଚାଇବା ସହ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ପ୍ରଭାବିତ କରିଛି।

ସ୍ୱତନ୍ତ୍ର ସିବିଆଇ ବିଚାରପତି ଅଜୟ ଗୁପ୍ତ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଜାମିନ ଆବେଦନ ଉପରେ ରାୟ ସଂରକ୍ଷିତ ରଖିଛନ୍ତି। ଏହି ମାମଲାରେ ଜୁଲାଇ ୨୨ରେ ରାୟ ଘୋଷଣା କରାଯିବ। ସିବିଆଇ ପକ୍ଷରୁ ବରିଷ୍ଠ ସରକାରୀ ଓକିଲ ନୀତୁ ସିଂହ ଅଦାଲତଙ୍କୁ କହିଛନ୍ତି ଯେ, ପ୍ରଶ୍ନପତ୍ର ଲିକ୍ ଯୋଗୁଁ ପରୀକ୍ଷା ବାତିଲ କରିବାକୁ ପଡ଼ିଥିଲା। ଏହା ଫଳରେ ସରକାରଙ୍କ ପ୍ରାୟ ୬୦୦ କୋଟି ଟଙ୍କାର କ୍ଷତି ହେବା ସହ ଭାରତ ଓ ବିଦେଶରେ ପରୀକ୍ଷା ଦେଇଥିବା ଅନେକ ପରୀକ୍ଷାର୍ଥୀ ପ୍ରଭାବିତ ହୋଇଥିଲେ।

## ଇସ୍ରୋରେ ଚିନ୍ତା : ମହାକାଶ ଗବେଷଣା ସଂସ୍ଥା ଛାଡ଼ିଲେଣି ଶତାଧିକ ବୈଜ୍ଞାନିକ

ନୂଆଦିଲ୍ଲୀ : ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ସତ୍ସକ୍ଟ )ର ଗଗନାୟନ ଓ ଚନ୍ଦ୍ରାୟନ -୩ ପରି ମହତ୍ୱାକାଂକ୍ଷୀ ଓ ଗୁରୁତ୍ୱପୂର୍ଣ୍ଣ ମିଶନ ସହିତ ଜଡ଼ିତ ବୈଜ୍ଞାନିକଙ୍କ ଇସ୍ତଫା ମହାକାଶ ବିଭାଗର ଚିନ୍ତା ବଢ଼ାଇ ଦେଇଛି। ଗତ କିଛି ମାସ ହେଲା ୧୦୦ରୁ ଅଧିକ ବୈଜ୍ଞାନିକ ଚାକିରି ଛାଡ଼ି ଦେଇଛନ୍ତି। ବିଭାଗ ବୈଜ୍ଞାନିକଙ୍କ ପଳାୟନ ରୋକିବାକୁ ବଡ଼ ପଦକ୍ଷେପ ନେଇଛି। ଜୁଲାଇ ୧୪ ତାରିଖରେ ଜାରି ଏକ ନୂଆ ବିଭାଗୀୟ ଚିଠି ଜରିଆରେ ବୈଜ୍ଞାନିକଙ୍କ ସ୍ୱେଚ୍ଛାକୃତ ସେବାନିବୃତ୍ତି (ଭିଆର୍‌ଏସ୍) ଓ ଇସ୍ତଫାକୁ ନେଇ ରହିଥିବା ନିୟମକୁ ଅଧିକ କଠୋର କରାଯାଇଛି। ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ମହାକାଶ ବିଭାଗ ବୈଜ୍ଞାନିକଙ୍କ ଚାକିରି ଛାଡ଼ିବା ଉପରେ କେଉଁସି ସଂଖ୍ୟା ପ୍ରଦାନ କରିନାହିଁ। କିନ୍ତୁ ସୂତ୍ର ଅନୁସାରେ ଏହି ସଂଖ୍ୟା ୧୦୦ରୁ ୧୨୦ ଭିତରେ ହେବ। ୟୁଆରଏସସି (ୟୁଆର୍ ରାଓ ସାଟେଲାଇଟ ସେଣ୍ଟର)ରୁ ପାଖାପାଖି ୮୦ ଜଣ ଓ ଭିଏସ୍‌ଏସ୍‌ସି (ବିକ୍ରମ ସାରାଭାଇ ମହାକାଶ କେନ୍ଦ୍ର) ଅତିକମ୍‌ରେ ୨୦ ଜଣ ବୈଜ୍ଞାନିକ ଇସ୍ତଫା ଦେଇଛନ୍ତି। ଏହାବ୍ୟତୀତ ଅନେକ ଇସ୍ତଫା ଏବେ ତର୍ଜମା ପର୍ଯ୍ୟାୟରେ ରହିଛି। ସୂଚନାଯୋଗ୍ୟ, ୟୁଆର୍‌ଏସ୍‌ସି ଇସ୍ରୋର ଏକ ପ୍ରମୁଖ କେନ୍ଦ୍ର, ଯାହା ସାଟେଲାଇଟ ଡିଜାଇନ୍, ବିକାଶ, ନିର୍ମାଣ ଓ




ପରୀକ୍ଷଣ ସହିତ ଜଡ଼ିତ। ଅନ୍ୟପକ୍ଷରେ ଭିଏସ୍‌ଏସ୍‌ସି ରକେଟ ଟେକ୍ନୋଲୋଜି ଡିଜାଇନ ଓ ବିକାଶ ପାଇଁ ଏକ ପ୍ରମୁଖ କେନ୍ଦ୍ର। ଇସ୍ତଫା ପ୍ରଦାନକାରୀ ବୈଜ୍ଞାନିକଙ୍କ ମଧ୍ୟରେ ଭିଏସ୍‌ଏସ୍‌ସିରୁ ଏଲଭିଏମ୍-୩ ପ୍ରକଳ୍ପର ନିର୍ଦ୍ଦେଶକ ଭିକ୍ଟର ଯୋଶେଫ ଇସ୍ତଫା ଅଛନ୍ତି। ସେହିପରି ୟୁଆରଏସ୍‌ସିର ସ୍ପାଡେକ୍ସ ପ୍ରକଳ୍ପର ନିର୍ଦ୍ଦେଶକ ମଧ୍ୟ ଚାକିରି ଛାଡ଼ି ଦେଇଛନ୍ତି। ଐତିହାସିକ ଚନ୍ଦ୍ରାୟନ-୩ ମିସନର ଅଂଶ ଥିବା ଆଦିତ୍ୟ ରାଳାପଲ୍ଲୀ ମଧ୍ୟ ଇସ୍ତଫା ଦେଇଛନ୍ତି। ସେ ମିସନର ପ୍ରୋଜେକ୍ଟ ପରିଚାଳକ (ସିମୁଲେସନ) ଥିଲେ ଓ ତାଙ୍କ ଟିମ୍ ଚନ୍ଦ୍ରରେ ଅବତରଣକୁ ଭ୍ୟାଲିଡେଟ୍ କରିବାକୁ ୧ ଲକ୍ଷରୁ ଅଧିକ ପରୀକ୍ଷା କରି ପାଖାପାଖି ୨୫ ଟେରାବାଇଟ ଡାଟା ପ୍ରସ୍ତୁତ କରିଥିଲେ। ଇସ୍ତଫାର ଧାରାକୁ ଦେଖି ସରକାର ୨୦୨୦ରେ ଆଣିଥିବା ନୂଆ ନିୟମକୁ ବଦଳାଇ ଦେଇଛନ୍ତି। ପୂର୍ବରୁ ଇସ୍ରୋର ସେଣ୍ଟର ନିର୍ଦ୍ଦେଶକଙ୍କୁ ଗ୍ରୁପ 'ଏ' ର ବୈଷୟିକ ଓ ବୈଜ୍ଞାନିକ କର୍ମୀଙ୍କ ଇସ୍ତଫା ଓ ଭିଆର୍‌ଏସ୍ ମଞ୍ଜୁର କରିବାର ଅଧିକାର ଥିଲା। କିନ୍ତୁ ନୂଆ ଆଦେଶ ପରେ ଗଗନାୟନ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରୀୟ ମିଶନ ସହିତ ଜଡ଼ିତ ବୈଜ୍ଞାନିକଙ୍କ ଇସ୍ତଫା କେନ୍ଦ୍ରର ନିର୍ଦ୍ଦେଶକ ରୁଟିନ୍ ଅନୁଯାୟୀ କରିପାରିବେ ନାହିଁ। ଏବେ ଇସ୍ତଫା ପାଇଁ ନିର୍ଦ୍ଦେଶକଙ୍କ ସୁପାରିସ୍ ସହିତ ଚୂଡ଼ାନ୍ତ ନିଷ୍ପତ୍ତି ମହାକାଶ ବିଭାଗ ନିକଟକୁ ପଠାଇବାକୁ ପଡ଼ିବ। ରିପୋର୍ଟ ଅନୁଯାୟୀ ଇସ୍ରୋର ଅଧ୍ୟକ୍ଷ ଭି ନାରାୟଣନ ଇସ୍ତଫା କଥାକୁ ସ୍ୱୀକାର କରିଛନ୍ତି ଓ କହିଛନ୍ତି ଯେ, ଇସ୍ରୋ ଏହାର ମୁକାବିଲା କରିବାକୁ ପ୍ରସ୍ତୁତ। ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ତଥା ବଡ଼ ପ୍ରକଳ୍ପ ଯେପରି ବାଧାପ୍ରାପ୍ତ ହେବନାହିଁ। ସେଥିପାଇଁ ଯେତେବେଳେ ଜଣେ ଇସ୍ତଫା ଦେଲେ ଅନ୍ୟ ଜଣେ ସେହି ଦାୟିତ୍ୱ ନେବାକୁ ଯେପରି ପ୍ରସ୍ତୁତ ଥିବେ,ସେ ଉପରେ ଗୁରୁତ୍ୱ ଦେବା ଦିଗରେ ଆମେ ଧ୍ୟାନ ଦେଉଛୁ। ଇସ୍ରୋରେ ବର୍ତ୍ତମାନ ୧୪,୬୦୦ରୁ ଅଧିକ କର୍ମଚାରୀ ଅଛନ୍ତି। ଗତ ଆର୍ଥିକ ବର୍ଷର ଶେଷରେ ୟୁଆର୍‌ଏସ୍‌ସିରେ ୧,୩୩୯ ଜଣ କର୍ମଚାରୀ ଥିଲେ ଓ ଇସ୍ରୋର ସବୁଠାରୁ ବଡ଼ କେନ୍ଦ୍ର ଭିଏସ୍‌ଏସ୍‌ସିରେ ୪,୫୭୭ ଜଣ କର୍ମଚାରୀ ଥିଲେ। ତେବେ ଇସ୍ରୋରୁ କର୍ମଚାରୀ ଚାକିରି ଛାଡ଼ିବା କିଛି ନୂଆ କଥା ନୁହେଁ। ୨୦୧୨ରୁ ୨୦୨୪ ଭିତରେ ପାଖାପାଖି ୭୦୦ କର୍ମଚାରୀ ଇସ୍ତଫା ଦେଇଛନ୍ତି। ଟାଇମ୍ସ ଅଫ୍ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ୨୦୦୪ ରୁ ୨୦୦୭ ମଧ୍ୟରେ ଏଜେନ୍ସିର ପ୍ରାୟ ଅଧା ନୂତନ ନିଯୁକ୍ତି ପାଇଥିବା କର୍ମଚାରୀମାନେ ଇସ୍ତଫା ଦେଇଥିଲେ। ଅନ୍ୟପକ୍ଷରେ ଇସ୍ରୋର ୨୦୨୫-୨୬ ବାର୍ଷିକ ରିପୋର୍ଟରେ କୁହାଯାଇଛି ଯେ, ପ୍ରାୟ ୧,୦୫୦ ବୈଜ୍ଞାନିକ, ବୈଷୟିକ ଓ ପ୍ରଶାସନିକ ପଦବୀ ପାଇଁ ନିଯୁକ୍ତି ଉନ୍ନତ ପର୍ଯ୍ୟାୟରେ ଅଛି। ଗତବର୍ଷ ଅନୁମୋଦିତ କ୍ୟାଡର ସମୀକ୍ଷା ୪୬୬ ପ୍ରକଳ୍ପ ପଦବୀକୁ ନିୟମିତ କରିଛି ଓ ପ୍ରାୟ ୪୬୦ ଉଚ୍ଚ-ଗ୍ରେଡ୍ ପଦବୀ ସୃଷ୍ଟି କରିଛି। ତେବେ ସଦ୍ୟତମ ମହାକାଶ ବିଭାଗ ନିର୍ଦ୍ଦେଶ ସୂଚାଇ ଦିଏ ଯେ, ଜାତୀୟ ମିଶନରେ କାର୍ଯ୍ୟରତ ଅଭିଜ୍ଞ ବୈଜ୍ଞାନିକଙ୍କୁ ବଦଳାଇବା ଖାଲି ପଦବୀ ପୂରଣ କରିବା ଭଳି ସରଳ ନୁହେଁ।

## ଇଂଲଣ୍ଡ ହତାଶ : ସ୍ପେନ୍-ଆର୍ଜେଣ୍ଟିନା ଟ୍ରଫି ଟକ୍କର

**ଆଟଲାଣ୍ଟା, ୧୬।୭ :** ବିଜେତା ଆର୍ଜେଣ୍ଟିନାର ବିଜୟ ରଥ ଗର୍ବ ଓ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିଛି। ବୁଧବାର ରାତିର ହାଇଭୋଲ୍‌ଟେଜ୍ ଓ ଉତ୍ତେଜନା ପ୍ରବଣ ଦ୍ୱିତୀୟ ସେମିଫାଇନାଲ୍‌ରେ ଇଂଲଣ୍ଡକୁ ୨-୧ ଗୋଲ୍‌ରେ ହରାଇ ଲିଓନେଲ ମେସିଙ୍କ ଲାଟିନ୍ ଆମେରିକୀୟ ବାହିନୀ ଲଗାତାର ଦ୍ୱିତୀୟ ଥର ଫିଫା ଫୁଟ୍‌ବଲ୍ ମହାକୁମ୍ଭର ଫାଇନାଲ୍‌ରେ ପ୍ରବେଶ କରିଛି। ତା' ସହିତ ଚତୁର୍ଥ ଥର ବିଶ୍ୱବିଜୟୀ ହେବା ଦିଗରେ ଆଉ ଏକ ପାଦ ଆଗକୁ ବଢ଼ାଇଛି। ଟ୍ରଫି ଟକ୍କରରେ ଏବେ ଆର୍ଜେଣ୍ଟିନା ରବିବାର ୟୁରୋପୀୟ ଶକ୍ତି ସ୍ପେନ୍‌କୁ ଭେଟିବ। ଏହି ବିଜୟ ପରେ ଆର୍ଜେଣ୍ଟିନା ଉତ୍ସବ ମୁଖର ହୋଇଛି। ଅନ୍ୟପକ୍ଷରେ ଇଂଲଣ୍ଡର ୬ ଦଶନ୍ଧି ପରେ ବିଶ୍ୱକପ୍ ଫାଇନାଲ୍ ଖେଳିବା ସ୍ୱପ୍ନ ଭାଙ୍ଗି ଚୂରମାର୍ ହୋଇଯାଇଛି। ଆଜି ଆର୍ଜେଣ୍ଟିନାର ବିଜୟ ଥିଲା ବେଶ୍ ନାଟକୀୟ। ଦମଦାର ପ୍ରତ୍ୟାବର୍ତ୍ତନର ଆଉ ଏକ ବଳିଷ୍ଠ ନମୁନା ଦେଖାଇ ଏହି ଦଳ ଅସାଧାରଣ ବିଜୟ ହାସଲ କରିଥିଲା। ୮୪ ମିନିଟ୍ ଧରି ଗୋଟିଏ ଗୋଲ୍‌ରେ ପଛୁଆ ରହିବା ପରେ ୭ ମିନିଟ୍ ଭିତରେ ଦୁଇଟି ଗୋଲ୍ ଦେଇ ଆର୍ଜେଣ୍ଟିନା ଫାଇନାଲ୍ ଟିକେଟ ହାସଲ କରି ନେଇଥିଲା। ଇଂଲଣ୍ଡ ମ୍ୟାଚ୍‌ର ଅଧିକାଂଶ ସମୟ ଆଧିପତ୍ୟ ବିସ୍ତାର କରିଥିଲେ ମଧ୍ୟ ଶେଷ କିଛି ମିନିଟ୍‌ରେ ଏକାଗ୍ରତା ହରାଇ ଦୁଃଖଦ ବିଦାୟ ନେଇଥିଲା।




ବୁଧବାରର ଏହି ବଡ ଲଢ଼େଇ ଉପରେ ସାରା ବିଶ୍ୱର ନଜର ରହିଥିଲା। ଉଭୟ ଦଳର ଖେଳାଳି ମଧ୍ୟ ଥିଲେ ଉଲ୍ଲସିତ ଓ ଉତ୍ସାହିତ। ଯାହାର ଝଲକ ପ୍ରଥମ ମିନିଟ୍‌ରୁ ହିଁ ଦେଖିବାକୁ ମିଳିଥିଲା। ପରସ୍ପର ଉପରେ ଆରମ୍ଭରୁ ଚାପ ସୃଷ୍ଟି କରିବା ଲକ୍ଷ୍ୟରେ ଦୁଇଟି ଯାକ ଦଳର ଖେଳାଳି ଆପ୍ରାଣ ଉଦ୍ୟମ କରିଥିଲେ। ଫଳରେ ପଡିଆ ଭିତରେ ଉଷ୍ମତାର ବାତାବରଣ ସୃଷ୍ଟି ହୋଇଥିଲା। ପଞ୍ଚମ ମିନିଟ୍ ସୁଦ୍ଧା ଇଂଲଣ୍ଡର ଅଗ୍ରଭାଗ ଓ ଆର୍ଜେଣ୍ଟିନାର ରକ୍ଷଣଭାଗ ଖେଳାଳିମାନେ ଏକାଧିକ ଥର ଧସ୍ତାଧସ୍ତି ଓ ଠେଲାପେଲା ହେଉଥିବା ଦେଖିବାକୁ ମିଳିଥିଲା। ଛକାପଞ୍ଝା ଓ ବଳ କଷାକଷି ଭିତରେ ପ୍ରଥମାର୍ଦ୍ଧ ଶେଷ ହୋଇଥିଲା। କେହି କାହରିକୁ ଗୋଲ୍ ଦେଇ ନପାରିବାରୁ ପ୍ରଥମ ୪୫ ମିନିଟ୍ ଖେଳ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। ଆର୍ଜେଣ୍ଟିନା ୧୨ଟି ଏବଂ ଇଂଲଣ୍ଡ ୭ଟି ଫାଉଲ୍ କରିଥିଲା। ବିଶ୍ୱ ମାନ୍ୟତାର ପ୍ରଥମ ସ୍ଥାନରେ ଥିବା ଆର୍ଜେଣ୍ଟିନା ଓ ଚତୁର୍ଥରେ ଥିବା ଇଂଲଣ୍ଡ ପାଖାପାଖି ସମାନ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲେ। ହେଲେ କେହି କାହାର ଗୋଲ୍‌ପୋଷ୍ଟ ଉପରକୁ ଥରେ ମାତ୍ର ଆକ୍ରମଣ କରି ନଥିଲେ। ଆର୍ଜେଣ୍ଟିନାର ୨୫୮ ପାସ୍ ତୁଳନାରେ ଇଂଲଣ୍ଡ ଖେଳାଳିମାନେ ୨୧୮ ପାସ୍ ଦେଇଥିଲା। ଏହି କ୍ଷେତ୍ରରେ ଆର୍ଜେଣ୍ଟିନା ସାମାନ୍ୟ ଆଗୁଆ ରହିଥିଲା।

ଶେଷରେ ଏହି ଗତିରୋଧ ୫୫ ମିନିଟ୍‌ରେ ଆନ୍ଥୋନୀ ଗର୍ଡନଙ୍କ ଗୋଲ୍ ବଳରେ ଦୂର ହୋଇଥିଲା। ମୋର୍ଗାନ ରୋଜର୍ସଙ୍କଠାରୁ ଡାହାଣ ପଟୁ ପାଇଥିବା ତେରଛା ପାସ୍‌କୁ ସଫଳତାର ସହ ଗୋଲ୍‌ପୋଷ୍ଟ ଭିତରକୁ ପଠାଇ ଇଂଲଣ୍ଡକୁ ଆଗୁଆ କରି ଦେଇଥିଲେ ସେ। ଏହା ପୂର୍ବରୁ ଆର୍ଜେଣ୍ଟିନାର ଦୁଇ ସେଣ୍ଟର ବ୍ୟାକ୍ ଲିସାଣ୍ଡ୍ରୋ ମାର୍ଟିନଜେଷ୍ଟ ଓ ରୋମେରିଓ ବିପଜ୍ଜନକ ଖେଳ ପାଇଁ ହଳଦିଆ କାର୍ଡ ପାଇବା ଇଂଲଣ୍ଡକୁ ସୁହାଇଥିଲା। ଏହା ପରେ ଆର୍ଜେଣ୍ଟିନା କିନ୍ତୁ ତା'ର ଆକ୍ରମଣକୁ ତୀବ୍ର କରିଥିଲା। ତେବେ ଇଂଲଣ୍ଡ ଗୋଲ୍ ରକ୍ଷକ ଜୋର୍ଡାନ ଫିକ୍ ଫୋଲଡ ଏକାଧିକ ସେଭ୍ କରି ମେସିଙ୍କ ଦଳକୁ ଚାପରେ ରଖିଥିଲେ। ଶେଷରେ ୮୫ତମ ମିନିଟ୍‌ରେ ଏନଜୋ ବକ୍ସ ବାହାରୁ ସଟ୍ ମାରି ଫିକ୍ ଫୋଲ୍‌ଡଙ୍କୁ ଚକ୍‌ମା ଦେବାକୁ ସକ୍ଷମ ହୋଇଥିଲେ। ତାଙ୍କ ସମୟପୋଯୋଗୀ ଗୋଲ୍ ବଳରେ ଆର୍ଜେଣ୍ଟିନା ସ୍ଥିତି ୧-୧ କରି ନେଇଥିଲା। ଏହାର ୭ ମିନିଟ୍ ପରେ ଅର୍ଥାତ୍ ଆହତ ସମୟ (୯୦+୨)ରେ ମେସିଙ୍କଠାରୁ ପାଇଥିବା ଲମ୍ବା ପାସ୍‌କୁ ହେଡର୍‌ରେ ଗୋଲ୍‌ପୋଷ୍ଟ ଭିତରକୁ ପୂରାଇଲେ ତାରୋ ମାର୍ଟିନେଜ୍ ଆର୍ଜେଣ୍ଟିନାକୁ ଠିକଣା ସମୟରେ ୨-୧ରେ ଅଗୁଆ କରି ଦେଇଥିଲେ। ଶେଷରେ ଏହି ସ୍କୋର୍ ଲାଇନ୍‌ରେ ଆର୍ଜେଣ୍ଟିନା ବିଜୟୀ ହୋଇଥିଲା।

## ଜାପାନ ଓପନ୍ : କ୍ୱାର୍ଟରରେ ସିନ୍ଧୁ




**ଟୋକିଓ, ୧୬।୭ :** ଦୁଇ ଥର ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ଚଳିତ ଋତୁରେ ଆଉ ଏକ ଶ୍ରେଷ୍ଠ ପ୍ରଦର୍ଶନ ଦେଇ ଚଳିତ ଜାପାନ ଓପନ୍ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ପ୍ରିକ୍ୱାର୍ଟରଫାଇନାଲ୍‌ରେ ଏହି ବିଶ୍ୱର ୧୦ ନମ୍ବର ଭାରତୀୟ ଖେଳାଳି ସିଧାସଳଖ ୨୧-୧୬, ୨୧-୧୪ରେ ବିଶ୍ୱର ୫ ନମ୍ବର ଚୀନ୍‌ର ହାଁ ୟୁଏଙ୍କୁ ହରାଇଛନ୍ତି। ଏହି ବିଜୟ ସହ ହାଁଙ୍କ ବିରୋଧରେ ସିନ୍ଧୁଙ୍କ ବିଜୟ ବ୍ୟବଧାନ ୮-୧ରେ ପହଞ୍ଚିଛି। ୩୧ ବର୍ଷୀୟ ସିନ୍ଧୁ ସେମିଫାଇନାଲ୍ ସ୍ଥାନ ଲାଗି ଶୁକ୍ରବାର ଜାପାନର ନୋଜୋମି ଓକୁହାରାଙ୍କୁ ଭେଟିବେ। ଓକୁହାରା ନିଜର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍?ରେ ଦକ୍ଷିଣ କୋରିଆର ଆନ୍ ସି-ୟଙ୍ଗଠୁ ୱାକ୍‌ଓଭର ପାଇଥିଲେ। ତେବେ ଭାରତୀୟ ମିଶ୍ରିତ ଯୁଗଳ ଯୋଡି ତନିଶା କ୍ରାଷ୍ଟୋ ଓ ଧ୍ରୁବ କପିଳ ୨୦-୨୨, ୧୭-୨୧ରେ ଶୀର୍ଷ ମାନ୍ୟତାପ୍ରାପ୍ତ ଚୀନ୍‌ର ଫେଙ୍ଗ ୟାଁ ଝେ ଓ ହୁଆଙ୍ଗ ଡୋଙ୍ଗ ପିଙ୍ଗ୍‌ଙ୍କଠୁ ହାରି ବିଦାୟ ନେଇଛନ୍ତି।

## ଗୋଟିଏ ଟ୍ୱେଣ୍ଟି-୨୦ ମ୍ୟାଚ୍‌ରେ ୩ ଶତକ




**ଅକ୍‌ଲାଣ୍ଡ, ୧୬।୭ :** ଗୋଟିଏ ଟ୍ୱେଣ୍ଟି-୨୦ ମ୍ୟାଚ୍‌ରେ ୩ ଜଣ ବ୍ୟାଟର ଶତକ ଅର୍ଜନ କରିବା ପ୍ରଥମ ଥର ଦେଖିବାକୁ ମିଳିଛି। ଏମ୍‌ଏଲ୍‌ସିର ଏଲିମିନେଟର୍-୧ରେ ବିଜେତା ଏମ୍‌ଆଇ ନ୍ୟୁୟର୍କ ଓ ୱାସିଂଟନ ଫ୍ରିଡମ୍ ମ୍ୟାଚ୍‌ରେ ଏହି ରେକର୍ଡ ହୋଇଛି। ନିକୋଲାସ ପୂରନ, ଆଣ୍ଡ୍ରିଜ୍ ଗସ୍ ଓ ଷ୍ଟିଭେନ୍ ସ୍ମିଥ୍ ଏହି ମ୍ୟାଚ୍ ୩ ଅଙ୍କ ଛୁଇଁଥିଲେ। ଫଳରେ ଏହି ମ୍ୟାଚ୍‌ରେ ଅନେକ ଟ୍ୱେଣ୍ଟି-୨୦ ରେକର୍ଡ ହୋଇଥିଲା। ପୂରନ ୩୧ ବଲ୍‌ରେ ଶତକ ଅର୍ଜନ କରିଥିଲେ।

ଯାହା ମେଜର ଲିଗ୍ କ୍ରିକେଟ୍ (ଏମ୍‌ଏଲ୍‌ସି)ରେ ଦ୍ରୁତତମ ହୋଇଥିଲା। ପୂରନ (୩୩ ବଲ୍‌ରୁ ୧୦୬, ୧୩ ଛକା, ୫ ଚୌକା)ଙ୍କ ବିସ୍ଫୋରକ ପାଳି ଏବଂ କ୍ୱିଣ୍ଟନ ଡି'କକ୍ (୨୪ ବଲ୍‌ରୁ ୫୧, ୨ ଚୌକା, ୬ ଛକା) ଓ କିରଣ ପୋଲାର୍ଡ (୨୫ ବଲ୍?ରୁ ୬୪, ୧ ଚୌକା, ୮ ଛକା)ଙ୍କ ଅର୍ଦ୍ଧଶତକ ବଳରେ ଏମ୍‌ଆଇ ନ୍ୟୁୟର୍କ ୨୬୬/୯ ରନ୍ କରିଥିଲା। ଜବାବରେ ଗସ୍ ଓ ସ୍ମିଥ୍ ଉଭୟ ୪୦ ଲେଖାଏଁ ବଲ୍‌ରୁ ଶତକ ଅର୍ଜନ କରି ଦଳକୁ ୬ ୱିକେଟ୍‌ରେ ବିଜୟୀ କରାଇଥିଲେ।

ଗସ୍ (୫୧ ବଲ୍‌ରୁ ୧୩୨, ୧୦ ଚୌକା, ୧୨ ଛକା) ଓ ସ୍ମିଥ୍ (୪୮ ବଲ୍‌ରୁ ୧୧୦, ୭ ଚୌକା, ୯ ଛକା) ୮୯ ବଲ୍‌ରୁ ୨୪୧ ରନ୍ ଯୋଡି ପୁରୁଷ ଟ୍ୱେଣ୍ଟି-୨୦ରେ ଦ୍ୱିତୀୟ ସର୍ବୋଚ୍ଚ ଭାଗୀଦାର ଗଢ଼ିଥିଲେ। ଏଥିସହ ଟ୍ୱେଣ୍ଟି-୨୦ ଇତିହାସରେ ସର୍ବାଧିକ ରନ୍ ଚେଜ୍ କରିବାର ରେକର୍ଡ କରିଥିଲେ। ପୂର୍ବରୁ ଏହି ରେକର୍ଡ ପଞ୍ଜାବ କିଙ୍ଗ୍ସ ନାମରେ ଥିଲା। ଚଳିତ ବର୍ଷ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସର ୨୬୫ ରନ୍‌ର ବିଜୟ ଲକ୍ଷ୍ୟକୁ ପଞ୍ଜାବ କିଙ୍ଗସ ହାସଲ କରିଥିଲା।

## ଦିନିକିଆରେ ସଚିନଙ୍କୁ ପଛରେ ପକାଇଲେ ବିରାଟ କୋହଲି

**ନୂଆଦିଲ୍ଲୀ, ୧୬।୭ :** ବିରାଟ କୋହଲି ଏକଦିବସୀୟ କ୍ରିକେଟରେ ଆଉ ଏକ ବଡ଼ ରେକର୍ଡ ହାସଲ କରିଛନ୍ତି। ସେ ବର୍ମିଂହାମରେ ତାଙ୍କ ଏକଦିବସୀୟ କ୍ୟାରିୟରର ୩୦୦ତମ ଇନିଂସରେ ବ୍ୟାଟିଂ କରିଥିଲେ। ଯଦିଓ ବିରାଟ ସେହି ମ୍ୟାଚରେ କେବଳ ୫ ରନ କରିପାରିଥିଲେ, କିନ୍ତୁ ୩୦୦ ଇନିଂସ ପରେ ସର୍ବାଧିକ ରନ କରିବାରେ ସେ ବହୁତ ଆଗକୁ ବଢ଼ିଯାଇଥିଲେ। ବିରାଟ ଏବେ ସଚିନ ତେନ୍ଦୁଲକରଙ୍କଠାରୁ ୨,୭୮୭ ରନ ଆଗରେ ଅଛନ୍ତି।



ପ୍ରକୃତରେ, ବିରାଟ କୋହଲି ତାଙ୍କ ଏକଦିବସୀୟ କ୍ୟାରିୟରର ପ୍ରଥମ ୩୦୦ ଇନିଂସରେ ୧୪,୮୦୨ ରନ କରିଥିଲେ। ଅନ୍ୟପକ୍ଷରେ, ସଚିନ ତେନ୍ଦୁଲକର, ଯାହାଙ୍କୁ 'କ୍ରିକେଟର ଭଗବାନ' କୁହାଯାଏ, ସମାନ ସଂଖ୍ୟକ ଇନିଂସରେ ୧୨,୦୧୫ ରନ କରିଥିଲେ। ଏହିପରି, ବିରାଟ ୩୦୦ ଇନିଂସ ପରେ ସଚିନଙ୍କଠାରୁ ୨,୭୮୭ ରନ ଆଗରେ ଅଛନ୍ତି।

୩୦୦ ଇନିଂସ ପରେ ୧୧,୦୦୦ ରୁ ଅଧିକ ରନ କରିଥିବା ଅନ୍ୟ ଖେଳାଳିଙ୍କ ମଧ୍ୟରେ ସୌରଭ ଗାଙ୍ଗୁଲି, ରିକି ପଣ୍ଟିଂ ଏବଂ ଜ୍ୟାକ କାଲିସ ଥିଲେ; ତଥାପି, ବିରାଟ ସେମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନରେ ପଛରେ ପକାଇ ଦେଇଛନ୍ତି। ଶତକ କଥା ଆସିଲେ, ବିରାଟ ତାଙ୍କର ୩୦୦ତମ ଇନିଂସ ପୂରଣ କରିବା ସମୟରେ ୫୪ ସତକ କରିସାରିଥିଲେ, ଯେତେବେଳେ ସଚିନ ସେହି ମାଇଲଖୁଣ୍ଟରେ ପହଞ୍ଚିବା ସମୟରେ ୩୪ ଶତକ ହାସଲ କରିଥିଲେ।

ହାରାହାରି ଦୃଷ୍ଟିରୁ ବିରାଟ କୋହଲି ମଧ୍ୟ ଆଗରେ ଅଛନ୍ତି। ୩୦୦ ଇନିଂସ ମଧ୍ୟରେ ୧୧,୦୦୦ ରୁ ଅଧିକ ଦିନିକିଆ ରନ କରିଥିବା ସମସ୍ତ ବ୍ୟାଟସମ୍ୟାନଙ୍କ ମଧ୍ୟରେ ବିରାଟ ହେଉଛନ୍ତି ଏକମାତ୍ର ଯିଏକି ୫୦ ରୁ ଅଧିକ ହାରାହାରି ସ୍କୋର କରିଛନ୍ତି। ୩୦୦ ଇନିଂସ ପରେ, ବିରାଟଙ୍କ ହାରାହାରି ୫୮.୫ ରହିଛି, ଯେତେବେଳେ ସଚିନ ତେନ୍ଦୁଲକରଙ୍କ ହାରାହାରି ୪୪.୫୦ ଥିଲା।

ମୋଟ ଦିନିକିଆ ରନ ମାମଲାରେ ସଚିନ ତେନ୍ଦୁଲକର ବିରାଟଙ୍କଠାରୁ ବହୁତ ଆଗରେ ଅଛନ୍ତି। ଏହି ସମୟରେ, ବିରାଟ ୧୫,୦୦୦ ରନ ପାଖାପାଖି ପହଞ୍ଚିଛନ୍ତି। ଅନ୍ୟପକ୍ଷରେ, ସଚିନ ତେନ୍ଦୁଲକର ତାଙ୍କର ଐତିହାସିକ କ୍ୟାରିୟରରେ ୪୬୩ ମ୍ୟାଚ ବିସ୍ତାର କରି ୧୮,୪୨୬ ରନ କରିଥିଲେ।

## ୨୦୨୭ ବିଶ୍ୱକପରେ ଭାରତ-ପାକିସ୍ତାନ ମ୍ୟାଚ

**ନୂଆଦିଲ୍ଲୀ, ୧୬।୭ :** ଭାରତ ଏବଂ ପାକିସ୍ତାନ ମଧ୍ୟରେ କ୍ରିକେଟ ମ୍ୟାଚ ସଦାସର୍ବଦା ଦର୍ଶକଙ୍କ ପ୍ରଥମ ପସନ୍ଦ ହୋଇ ରହିଆସିଛି। ଆଇସିସି ଟୁର୍ଣ୍ଣାମେଣ୍ଟ ଗୁଡ଼ିକରେ ପ୍ରଶଂସକଙ୍କୁ ଏହି ରୋମାଞ୍ଚକର ମ୍ୟାଚରେ ଭେଟି ଦେବା ପାଇଁ ଦୁଇ ଦଳକୁ ପ୍ରାୟତଃ ଏକା ଗ୍ରୁପରେ ରଖାଯାଏ। ବର୍ତ୍ତମାନ ଆଇସିସି ପକ୍ଷରୁ ୨୦୨୭ରେ ହେବାକୁ ଥିବା ଦିନିକିଆ ବିଶ୍ୱକପ ପାଇଁ ଏକ ନୂଆ ଫର୍ମାଟ ପ୍ରସ୍ତୁତ କରାଯାଇଛି। ଏହି ନୂତନ ଫର୍ମାଟ ଯୋଗୁ ଆଗାମୀ ବିଶ୍ୱକପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଗୋଟିଏ କିମ୍ବା ଦୁଇଟି ନୁହେଁ, ବରଂ ୩ଟି ହାଇଭୋଲ୍‌ଟେଜ ମ୍ୟାଚ ଦେଖିବାକୁ ମିଳିପାରେ। ପ୍ରଥମ ମ୍ୟାଚ (ଗ୍ରୁପ ଷ୍ଟେଜ): ପ୍ରତିଥର ଭଳି ଏଥର ମଧ୍ୟ ଉଭୟ ଦଳକୁ ଗୋଟିଏ ଗ୍ରୁପରେ ସ୍ଥାନ ମିଳିବ। ତେଣୁ ଗ୍ରୁପ ପର୍ଯ୍ୟାୟରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ପ୍ରଥମ ଟକ୍କର ଦେଖିବାକୁ ମିଳିବ।




ଦ୍ୱିତୀୟ ମ୍ୟାଚ (ସୁପର-୭): ଗ୍ରୁପ ପର୍ଯ୍ୟାୟ ପରେ ୭ଟି ଦଳ 'ସୁପର-୭'ରେ ନିଜ ସ୍ଥାନ ପକ୍କା କରିବେ। ଯଦି ଭାରତ ଓ ପାକିସ୍ତାନ ସୁପର-୭କୁ ଯାଆନ୍ତି, ତେବେ ରାଉଣ୍ଡ-ରବିନ ନିୟମ ଅନୁଯାୟୀ ଉଭୟ ଦଳ ଦ୍ୱିତୀୟ ଥର ପାଇଁ ମୁହାଁମୁହିଁ ହେବେ। ତୃତୀୟ ମ୍ୟାଚ (ସେମିଫାଇନାଲ କିମ୍ବା ଫାଇନାଲ): ସୁପର-୭ ପରେ ଶୀର୍ଷ ୪ଟି ଦଳ ସେମିଫାଇନାଲରେ ପ୍ରବେଶ କରିବେ। ସେମିଫାଇନାଲରେ ପ୍ରଥମ ସ୍ଥାନରେ ଥିବା ଦଳ ଚତୁର୍ଥ ସ୍ଥାନରେ ଥିବା ଦଳ ସହ ଏବଂ ଦ୍ୱିତୀୟ ସ୍ଥାନରେ ଥିବା ଦଳ ତୃତୀୟ ସ୍ଥାନରେ ଥିବା ଦଳ ସହ ଖେଳିବେ । ଯଦି ସମୀକରଣ ଅନୁକୂଳ ରହେ, ତେବେ ସେମିଫାଇନାଲ କିମ୍ବା ସିଧାସଳଖ ଫାଇନାଲ ମହାଲଢେଇରେ ଭାରତ ଓ ପାକିସ୍ତାନ ତୃତୀୟ ଥର ପାଇଁ ପରସ୍ପରକୁ ଭେଟିପାରନ୍ତି।

## ଆର୍ଜେଣ୍ଟିନା ଖେଳାଳି ଦେଖାଇଲେ ବିବାଦୀୟ ବ୍ୟାନର

**ଲଣ୍ଡନ, ୧୬।୭ :** ଚଳିତ ବିଶ୍ୱକପର ଇଂଲଣ୍ଡ ବିପକ୍ଷ ସେମିଫାଇନାଲ ବିଜୟ ପରେ ଆର୍ଜେଣ୍ଟିନା ଖେଳାଳିମାନେ ଲାସ୍ ମାଲଭିନାସ୍ ସନ୍ ଆର୍ଜେଣ୍ଟିନାସ୍ (ଫକ୍‌ଲ୍ୟାଣ୍ଡସ୍ ହେଉଛି ଆର୍ଜେଣ୍ଟିନା) ଲେଖାଥିବା ଏକ ରାଜନୈତିକ ବ୍ୟାନର ଦେଖାଇଥିଲେ। ଯାହା ଫିଫାର ଷ୍ଟାଡିୟମ୍ ଆଚରଣ ସଂହିତାରେ ଷ୍ଟାଡିୟମ୍ ଭିତରେ କୌଣସି ରାଜନୈତିକ, ଆକ୍ରମଣାତ୍ମକ କିମ୍ବା ପକ୍ଷପାତମୂଳକ ପ୍ରକୃତିର ବ୍ୟାନର, ପତାକା, ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରି ପାରିବ ନାହିଁ ବୋଲି ରହିଛି। ହେଲେ ଖେଳାଳିଙ୍କ ଏହି ବ୍ୟାନର୍ ପ୍ରଦର୍ଶନ ପରେ ଫିଫା କୌଣସି ମନ୍ତବ୍ୟ ଦେଇନି। ଲିସାଣ୍ଡ୍ରୋ ମାର୍ଟିନେଜ୍ ଓ ଜିଓଭାନି ଲୋ ସେଲ୍ ସୋ ହସିହସି ବ୍ୟାନରକୁ ଧରି ଷ୍ଟାଣ୍ଡରେ ଥିବା ପ୍ରଶଂସକମାନଙ୍କୁ ହାତ ହଲାଇଥିଲେ। ହେଲେ ବ୍ୟାନରଟି କେଉଁଠାରୁ ଆସିଥିଲା ତାହା ସ୍ପଷ୍ଟ ହୋଇନି।




ଫକ୍‌ଲ୍ୟାଣ୍ଡସ୍ ବିବାଦ ହେଉଛି ବହୁ ପୁରୁଣା। ଦକ୍ଷିଣ ଆଟଲାଣ୍ଟିକରେ ଥିବା ଏହି ଦ୍ୱୀପପୁଞ୍ଜ ଉପରେ ଦୁଇ ଦେଶ ଇଂଲଣ୍ଡ ଓ ଆର୍ଜେଣ୍ଟିନା ନିଜ ନିଜର ମାଲିକାନା ଜାହିର କରୁଛନ୍ତି। ଫଳରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଭଲ ନାହିଁ। ଏହାକୁ ବ୍ରିଟିସ୍ ଆର୍ଜେଣ୍ଟିନାମାନେ ଫକ୍‌ଲ୍ୟାଣ୍ଡସ୍ ଏବଂ ଆର୍ଜେଣ୍ଟିନାମାନେ ମାଲଭିନାସ୍ କୁହନ୍ତି। ୧୯୮୨ରେ ଏହି ଦୀପପୁଞ୍ଜରେ ଉଭୟ ଦେଶ ମଧ୍ୟରେ ଯୁଦ୍ଧ ହୋଇଥିଲା। ଏଥିରେ ଆର୍ଜେଣ୍ଟିନାର ୬୪୯ ଓ ବ୍ରିଟିସ୍‌ର ୨୫୫ ସେନା ମୃତ୍ୟୁବରଣ କରିଥିଲେ। ଏହି ଯୁଦ୍ଧରେ ବ୍ରିଟିସ୍ ବିଜୟୀ ହୋଇଥିଲା। ଏହି ଦୀପପୁଞ୍ଜର ବାସିନ୍ଦା ବ୍ରିଟିସ୍ ରହିବାକୁ ଚାହାନ୍ତି। ହେଲେ ଆର୍ଜେଣ୍ଟିନା ଦାବି କରେ ୧୮୧୬ ସ୍ୱାଧୀନତା ପରେ ସ୍ପେନ୍ ଆର୍ଜେଣ୍ଟିନାନ୍ତୁ ଏହି ଦୀପପୁଞ୍ଜ ମିଳିଛି। ୧୮୩୩ରେ ଏହାକୁ ଅବୈଧ ଭାବେ ବ୍ରିଟେନ୍ ନିୟନ୍ତ୍ରଣକୁ ନେଇଥିଲା।

## ୧୭ ବର୍ଷରୁ କମ୍ ଏସିଆ କପ୍ : ଭାରତର ବିଜୟ ଅଭିଯାନ



**ନୂଆଦିଲ୍ଲୀ, ୧୬।୭ :** ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ୍ ଦଳ ତା'ର ଏଏଫ୍‌ସି ଏସୀୟ କପ୍ କ୍ୱାଲିଫାୟର୍ସ ଅଭିଯାନ ଇରାକ ବିପକ୍ଷରୁ ଆରମ୍ଭ କରିବ। ଅକ୍ଟୋବର ୫ରୁ ୧୧ ତାରିଖ ପର୍ଯ୍ୟନ୍ତ କୁଆଲାଲମ୍ପୁରଠାରେ ଖେଳାଯିବାକୁଥିବା ଏହି ପ୍ରତିଯୋଗିତା ଲାଗି ଗୁରୁବାର ଏସୀୟ ଫୁଟ୍‌ବଲ୍ ମହାସଂଘ (ଏଏଫ୍‌ସି) ସୂଚୀ ଘୋଷଣା କରିଛି। ଭାରତ ଗ୍ରୁପ୍-ଇ'ରେ ଇରାକ, ମାଲେସିଆ ଓ ସିରିୟା ସହ ରହିଛି। ଇରାକ ବିପକ୍ଷ ମ୍ୟାଚ୍ ପରେ ସିରିୟା ଓ ମାଲେସିଆ ବିପକ୍ଷରେ ଖେଳିବ ଭାରତ। ଏହି ଗ୍ରୁପ୍ ବିଜେତା ଦଳ ଆସନ୍ତା ବର୍ଷ ମାର୍ଚ୍ଚ ୩୧ରୁ ଏପ୍ରିଲ୍ ୧୭ ତାରିଖ ପର୍ଯ୍ୟନ୍ତ ଚୀନ୍‌ର ସୁଝୋରେ ହେବାକୁ ଥିବା ୧୭ ବର୍ଷରୁ କମ୍ ମହିଳା ଏସୀୟ କପ୍ ଲାଗି ଯୋଗ୍ୟତା ଅର୍ଜନ କରିବ। ଗତ ସଂସ୍କରଣ ଏସୀୟ କପ୍?ର ନକ୍‌ଆଉଟ୍ ପର୍ଯ୍ୟାୟରେ ପହଞ୍ଚି ଇତିହାସ ରଚିଥିଲା। ପୁଣି ଥରେ ଏସୀୟ କପକୁ ଯୋଗ୍ୟତା ଅର୍ଜନ କରିବାର ଲକ୍ଷ୍ୟ ରଖିଛି ଭାରତ। କ୍ୱାଲିଫାୟର୍ସରେ ୮ ଗ୍ରୁପ୍‌ର ଶୀର୍ଷ ଦଳ ୧୧ତମ ଏସୀୟ କପ୍‌ରେ ଗତ ସଂସ୍କରଣ ୪ ଦଳ ସହ ଯୋଗଦେବେ। ଏସୀୟ କପ୍‌ର ୪ ସେମିଫାଇନାଲିଷ୍ଟ ଆସନ୍ତା ବର୍ଷ ମରକ୍‌କୋରେ ହେବାକୁ ଥିବା ଫିଫା ୧୭ ବର୍ଷରୁ କମ୍ ବିଶ୍ୱବକପ୍‌କୁ ଯୋଗ୍ୟତା ଅର୍ଜନ କରିବ।

## ଚେନ୍ନାଇ ସୁପର କିଙ୍ଗସର କୋଚ୍ ହେବେ ଧୋନୀ

**ଚେନ୍ନାଇ, ୧୬।୭ :** ଚେନ୍ନାଇ ସୁପର କିଙ୍ଗସର କୋଚ୍ ପଦ ଛାଡିଛନ୍ତି ଷ୍ଟିଫେନ୍ ଫ୍ଲେମିଂ । ସେ ଏବେ ଆଉ ଦଳ ସହ ରହିବେ ନାହିଁ । ତେଣୁ ତାଙ୍କ ଜାଗାରେ ନୂଆ କୋଚ୍ ଖୋଜା ଚାଲିଛି । କିଏ ସିଏସକେର ପରବର୍ତ୍ତୀ କୋଚ୍ ହେବ ତାକୁ ନେଇ ଚର୍ଚ୍ଚା ଲାଗି ରହିଛି । ଏହା ମଧ୍ୟରେ ଭାରତୀୟ ଦଳର ପୂର୍ବତନ ବୋଲର ଆର ଅଶ୍ୱିନ ବଡ଼ କଥା କହିଛନ୍ତି ।




ଅଶ୍ୱିନ୍ କହିଛନ୍ତି ଯେ, ଷ୍ଟିଫେନଙ୍କୁ ବାଦ୍ ଦେଇ ସିଏସକେ ଆଗକୁ ଭାବିବା ଦରକାର । ଦଳକୁ ନୂଆ ଦିଗକୁ ନେଲା ଭଳି ଦକ୍ଷତା ରଖିଥିବା କୋଚଙ୍କ ଆବଶ୍ୟକତା ରହିଛି । ଫ୍ଲେମିଂ ସିଏସକେ ସହ ଆଉ ରହିବେ ନାହିଁ ବୋଲି କହି ସାରିଛନ୍ତି । ସେ ସଫଳ କୋଚ୍ ଭାବେ ଦାୟିତ୍ୱ ତୁଲାଇଛନ୍ତି । ତାଙ୍କ ସମୟରେ ଦଳ ଅନେକ ସଫଳତା ପାଇଛି । ଏବେ କିନ୍ତୁ ମହେନ୍ଦ୍ର ସିଂ ଧୋନୀ ହିଁ ଦଳ ପାଇଁ ସବୁଠୁ ଭଲ କୋଚ୍ ହୋଇପାରିବେ । ସିଏସକେକୁ ଧୋନୀ ଭଲ ଭାବେ ବୁଝିଛନ୍ତି । ତାଙ୍କ ପାଖରେ କୋଚ୍ ହେବାର ସମସ୍ତ ଯୋଗ୍ୟତା ରହିଛି ।

ସେ ଆହୁରି କହିଛନ୍ତି ଯେ, ଯଦି କେହି ନୂଆ କୋଚ୍ ନିଯୁକ୍ତ ହୁଅନ୍ତି ତାହାଲେ ସେ ଚିନ୍ତାରେ ରହିବେ । କାରଣ ସିଏସକେରେ ଧୋନୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଧୋନୀଙ୍କ ମତ ନିଆଯାଏ । ଦଳ ଚୟନରେ ବି ଧୋନୀଙ୍କ ଭୂମିକା ରହିଛି । ଯଦି ଧୋନୀ କୋଚ୍ ହେବା ପାଇଁ ରାଜି ହୁଅନ୍ତି ତାହାଲେ ସବୁଠୁ ଭଲ ହେବ । ତାଙ୍କଠାରୁ ଭଲ ବିକଳ୍ପ ଚେନ୍ନାଇ ପାଇବ ନାହିଁ । ଯଦି ସେ ରାଜି ନହେବେ ତାହାଲେ ଚେନ୍ନାଇ ଆଉ କାହାକୁ ନିଯୁକ୍ତ କରିପାରେ । ସେହିପରି ଅଶ୍ୱିନ୍ କହିଛନ୍ତି ଯେ, ମହେନ୍ଦ୍ର ସିଂ ଧୋନୀ ଏକ ବଡ଼ ନାଁ । ସେ ଚେନ୍ନାଇର କ୍ରାଉଡ୍ ପୁଲର । ଗତ ସିଜିନରେ ନଖେଳିଥିଲେ ବି ଦଳ ଘୋଷଣା ଏବଂ ଚୟନରେ ଭାଗ ନେଉଥିଲେ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ଫ୍ଲେମିଂ ୨୦୦୮ରେ ସିଏସକେରେ ଜଣେ ଖେଳାଳି ଭାବେ ସାମିଲ ହୋଇଥିଲେ । ୨୦୦୯ରେ ଦଳ ତାଙ୍କୁ କୋଚ୍ ଭାବେ ନିଯୁକ୍ତି ଦେଇଥିଲା । ସେବେଠୁ ୧୭ ବର୍ଷ ଧରି ସେ ସିଏସକେର କୋଚ୍ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି । ତାଙ୍କ ସମୟରେ ଟିମ୍ ୫ଟି ଆଇପିଏଲ ଟ୍ରଫି ଜିତିଥିବା ବେଳେ ଦୁଇଟି ଚାମ୍ପିଅନ୍ସ ଲିଗ୍ ଟୁର୍ଣ୍ଣାମେଣ୍ଟରେ ବିଜୟୀ ହୋଇଛି ।


Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ